

## ରାଜ୍‌ଙ୍କ ସହ ସାମନ୍ଥାଙ୍କ ଫଟୋ ଭାଇରାଲ

▶ପୃଷ୍ଠା ୧୦ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-321 ♦BHUBANESWAR ♦TUESDAY ♦20 MAY 2025 ♦PAGE-12 ♦₹ 6.00


BHUBANESWAR

♦ବର୍ଷ-୪୨ ♦ସଂଖ୍ୟା-୩୨୧ ♦ଭୁବନେଶ୍ବର ♦ମଙ୍ଗଳବାର ♦୨୦ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ଏସିଆରେ ଦ୍ରୁତଗତିରେ ବ୍ୟାପୁଛି କରୋନାର ଜେଏନ୧ ପ୍ରଜାତି

## ସିଙ୍ଗାପୁରରୁ ୧୪ ହଜାର ନୂଆ ରୋଗୀ ଚିହ୍ନଟ

■ **ସିଙ୍ଗାପୁର, ୧୯।୫ (ଏଜେନ୍ସି):** କରୋନା ଭୂତାଣୁ ପୁଣି କାୟା ବିସ୍ତାର କରିବାରେ ଲାଗିଛି। ଏସିଆର ଅନେକ ଦେଶରେ ଏହି ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସିଙ୍ଗାପୁର, ହଂକଂ, ଚୀନ୍ ଏବଂ ଥାଇଲାଣ୍ଡ ଭଳି ଦେଶରେ ଏହା ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଏବେ ଓମିକ୍ରନର ନୂଆ ପ୍ରଜାତି ଜେଏନ୍.୧ ଏବଂ ଏହାର ଉପ-ପ୍ରଜାତି ଏଲଏଫ୭, ଏନବି୧.୮ ଯୋଗୁଁ ସଂକ୍ରମଣ ବୃଦ୍ଧି ପାଉଥିବା କୁହାଯାଉଛି। ଏହି ଭୂତାଣୁ ସିଙ୍ଗାପୁରରେ ଅଣାୟତ ସ୍ଥିତି ସୃଷ୍ଟି କରିଛି। କେବଳ ମେ' ମାସ ପ୍ରାରମ୍ଭରେ ୧୪ ହଜାରରୁ ଅଧିକ ମାମଲା ସାମ୍ନାକୁ ଆସିଛି। ଏପ୍ରିଲ ଶେଷରେ ଏହି ସଂଖ୍ୟା ୧୧,୧୦୦ ଥିଲା। ଏବେ ମାମଲା ୨୮ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ହସ୍ପିଟାଲରେ ଭର୍ତ୍ତି ହେବା ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ଆଇସିୟୁ ରୋଗୀସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ତେବେ ଏହି ପ୍ରଜାତି ପୂର୍ବାପେକ୍ଷା ଅଧିକ ବିପଜ୍ଜନକ ବୋଲି ଏ ପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ। କିନ୍ତୁ ଏହି ଲହରରେ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକ ବେଶୀ



ଆକ୍ରାନ୍ତ ହେଉଛନ୍ତି ବୋଲି ଅଧିକାରୀ କହିଛନ୍ତି। ସିଙ୍ଗାପୁରକୁ ଦେଖି ଚୀନ୍ ଏବଂ ଥାଇଲାଣ୍ଡ ସତର୍କ ହୋଇଯାଇଛନ୍ତି। ଚୀନ୍‌ରେ ରୋଗୀସଂଖ୍ୟା ଦ୍ୱିଗୁଣିତ ହୋଇଯାଇଛି। ଲୋକଙ୍କୁ ବୁଷ୍ଟର ଡୋଜ ନେବାକୁ ପରାମର୍ଶ ଦିଆଯାଇଛି। କରୋନା ଲହର ଦ୍ରୁତଗତିରେ ବ୍ୟାପିପାରେ ବୋଲି ଚୀନ୍ ପକ୍ଷରୁ କୁହାଯାଇଛି। ଥାଇଲାଣ୍ଡରେ ଦୁଇଟି ଅଲଗା ଅଲଗା ପ୍ରଜାତିର ମାମଲା ବୃଦ୍ଧି ପାଉଛି। ଭାରତରେ ୧୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ୬୨୦୦ କୋଟିର ଠକେଇ

## ଇଡି ପଞ୍ଝାରେ ୟୁକୋ ବ୍ୟାଙ୍କ ପୂର୍ବତନ ଅଧ୍ୟକ୍ଷ

■ **ନୂଆଦିଲ୍ଲୀ,୧୯।୫(ଏଜେନ୍ସି):** ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ସୁବୋଧ କୁମାର ଗୋଏଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। କୋଲକାତାର ଏକ କମ୍ପାନୀ ସହିତ ଜଡିତ ୬୨୦୦ କୋଟିରୁ ଅଧିକ ଟଙ୍କାର ଏକ ବ୍ୟାଙ୍କ ଋଣ ଠକେଇ ମାମଲାରେ ମନି ଲଣ୍ଡରିଂ ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ସିଏସ୍‌ପିଏଲ୍) ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ତଦନ୍ତ ସହ ଜଡିତ ଗୋୟଲଙ୍କୁ ମେ ୧୬ରେ ତାଙ୍କ ବାସଭବନରୁ ଗିରଫ କରାଯାଇଥିଲା। ତାଙ୍କୁ ଚଳିତମାସ ୧୭ରେ କଲକାତାର ଏକ ସ୍ୱତନ୍ତ୍ର ମନି



ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ମେ' ୨୧ ପର୍ଯ୍ୟନ୍ତ ଇଡି ହେପାଜତକୁ ପଠାଇ ଦେଇଥିବା ଇଡି ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଏହି ତଦନ୍ତର ଅଂଶ ସ୍ୱରୂପ, ଇଡି ଏପ୍ରିଲ ମାସରେ ଗୋଏଲ ଏବଂ ଅନ୍ୟ କିଛି ଲୋକଙ୍କ ଘର ଉପରେ ଚଢାଉ କରିଥିଲା। ସିଏସ୍‌ପିଏଲ୍‌କୁ ଋଣ ସୁବିଧା ମଞ୍ଜୁର କରିବା ଏବଂ ପରବର୍ତ୍ତୀ ସମୟରେ ୬୨୧୦.୭୨ କୋଟି ଟଙ୍କା (ସୁଧ ବିନା ମୂଳ ପରିମାଣ) ଋଣର ବଡ଼ ଧରଣର ଅର୍ଥ ହେରାଫେରୁ ସିବିଆଇ ଏଥିରେ ମନି ଲଣ୍ଡରିଂ ହୋଇଥିବା ଜଣିବାକୁ ପାଇଥିଲା। ଇଡି ଦାବି କରିଛି ଯେ ୟୁକୋ ବ୍ୟାଙ୍କର ସିଏମଡି ଭାବରେ ଗୋୟଲଙ୍କ କାର୍ଯ୍ୟକାଳ ସମୟରେ, ସିଏସପିଏଲକୁ ବିପୁଳ ଋଣ ସୁବିଧା ମଞ୍ଜୁର କରାଯାଇଥିଲା।

# କେନ୍ଦ୍ରୀୟ ଅନୁଦାନ କମିଲା ୧୮%

## ଉତ୍ସବମନସ୍କ ସରକାର; ଆର୍ଥିକ ସ୍ୱାସ୍ଥ୍ୟକୁ ନିଘା ନାହିଁ

■ **ଭୁବନେଶ୍ବର,୧୯।୫(ସମିସ):** ତିନି ସପ୍ତାହ ପରେ କ୍ଷମତା ଦଖଲର ବର୍ଷପୂର୍ତ୍ତି ପାଳନ କରିବ ଡ଼ବଲ ଇଞ୍ଜିନ୍ ସରକାର। ଏହାକୁ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏହି ସମୟରେ ରାଜ୍ୟରେ ଆର୍ଥିକ ପରିଚାଳନା, କେନ୍ଦ୍ରୀୟ ଅନୁଦାନ ସର୍ବୋପରି ଟିକସ ସଂଗ୍ରହକୁ ନେଇ ଯେଉଁ ଚିତ୍ର ଆସିଛି, ତାହା ଅର୍ଥନୈତିକ ବିଶେଷଜ୍ଞଙ୍କ ନିଦ ହଜାଇ ଦେଇଛି। ମାତ୍ର ବର୍ଷଟିଏ ମଧ୍ୟରେ ରାଜ୍ୟର ବିତ୍ତୀୟ ପରିଚାଳନା ଲଗାମହୀନ ହୋଇ ପଡ଼ିଛି। ନିଜସ୍ୱ ରାଜ୍ୟ, ଅଣ ରାଜସ୍ୱ, କେନ୍ଦ୍ରୀୟ ଅନୁଦାନ ସବୁ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆୟ କମିଛି। ଏପରିକି ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ଅସମର୍ଥ ହେବାରୁ କେନ୍ଦ୍ର ସରକାର ଅନୁଦାନ ହ୍ରାସ କରିଥିବା ମଧ୍ୟ କୁହାଯାଉଛି। ବିଡ଼ମ୍ବନା ହେଉଛି ୨୦୨୩-୨୪ ଆର୍ଥିକ ବର୍ଷର ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ ୨୦୨୪ରେ ରାଜ୍ୟ ସରକାର କେନ୍ଦ୍ରଠାରୁ ଯେତିକି ଅନୁଦାନ ପାଇଥିଲେ, ୨୦୨୪-୨୫ ଆର୍ଥିକ ବର୍ଷର



### ରାଜ୍ୟର ନିଜସ୍ୱ ଟିକସ, ଅଣଟିକସ ଆଦାୟ ନୈରାଶ୍ୟଜନକ

ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ ୨୦୨୫ରେ ପୂର୍ବବର୍ଷଠାରୁ କମ୍ ଅନୁଦାନ ପାଇଛନ୍ତି। ଅନ୍ୟପକ୍ଷରେ ଋଣ ବାବଦରେ କେନ୍ଦ୍ର ସରକାରଙ୍କଠାରୁ ଅଧିକ ଅର୍ଥ ଆହରଣ କରିଛନ୍ତି। ବିତ୍ତୀୟ ପରିଚାଳନାରେ ଏପରି ବିଲକ୍ଷଣ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍ଣ କରିଥିଲେ ହେଁ ସରକାର ଏହାକୁ ନଜରଅନ୍ଦାଜ କରି ଚାଲିଛନ୍ତି।

ସୂଚନା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷ ଅର୍ଥାତ୍ ବିଜେଡି ଶାସନର ଶେଷ ସମୟରେ କେନ୍ଦ୍ରୀୟ ଅନୁଦାନ ବାବଦରେ ଓଡ଼ିଶା ପାଇଥିଲା ୨୧୦୧୧ କୋଟି ଟଙ୍କା। ଯାହା ପୂର୍ବବର୍ଷର ୨୦୨୨-୨୩ର ଅନୁଦାନ ତୁଳନାରେ ୧୫.୪୫ ପ୍ରତିଶତ ଅଧିକ ରହିଥିଲା। ମାତ୍ର ୨୦୨୪ରେ ରାଜ୍ୟରେ ବିଜେପିର ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାରେ କ୍ଷମତାସୀନ ହେବା ପରେ କେନ୍ଦ୍ରୀୟ ଅନୁଦାନ ଦ୍ୱିଗୁଣିତ ହେବା ଆଶା କରାଯାଉଥିଲା। ମାତ୍ର ବିଡ଼ମ୍ବନା ହେଉଛି ଡ଼ବଲ ଇଞ୍ଜିନ୍ ସରକାର କେନ୍ଦ୍ରରୁ ଅଧିକ ଋଣ ଆଣିବାରେ ତ ସଫଳ ହେଲା, ମାତ୍ର ଅଧିକ ଅନୁଦାନ ଆଣିବାରେ ସଫଳ ହୋଇ ପାରିଲା ନାହିଁ । ୨୦୨୪-୨୫ ଅର୍ଥାତ୍ ବିଜେପି ଶାସନର ପ୍ରଥମ ବର୍ଷରେ ଓଡ଼ିଶାକୁ ମାତ୍ର ୧୭୧୮୯ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି। ଯାହା ବିଜେଡିର ଶେଷ ବର୍ଷର ଶାସନ ସମୟରେ ମିଳିଥିବା କେନ୍ଦ୍ରୀୟ ଅନୁଦାନରୁ ୧୮.୧୯ ପ୍ରତିଶତ କମ୍ ।

ତେବେ ଅନୁଦାନ ହ୍ରାସକୁ ନେଇ ଅର୍ଥନୈତିକ ବିଶେଷଜ୍ଞମାନେ ଯେଉଁ କାରଣଟି ଦର୍ଶାଇଛନ୍ତି ତାହା ଅତ୍ୟନ୍ତ ସାଂଘାତିକ। କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁଁ ଓଡ଼ିଶାକୁ ଅନୁଦାନ ହ୍ରାସ ପାଇଥିବା କୁହାଯାଉଛି। ସାଧାରଣତଃ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ପର୍ଯ୍ୟାୟକ୍ରମେ କେନ୍ଦ୍ରୀୟ ଅନୁଦାନ ପ୍ରଦାନ କରିଥାଆନ୍ତି। ପ୍ରତ୍ୟେକ ପର୍ଯ୍ୟାୟରେ ଅନୁଦାନ ବ୍ୟୟ ପରେ କେନ୍ଦ୍ରକୁ ଖର୍ଚ୍ଚ ବିବରଣୀ ପଠାଯିବା ପରେ ପରବର୍ତ୍ତୀ କିସ୍ତି ମିଳିଥାଏ। ମାତ୍ର ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ବ୍ୟୟ କରିବାରେ ଅସମର୍ଥ ହୋଇଥିବାରୁ ପରବର୍ତ୍ତୀ କିସ୍ତି ଅର୍ଥ ଓଡ଼ିଶାକୁ ମିଳିଲା ନାହିଁ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ବିଭିନ୍ନ ବିଭାଗର ବଜେଟ ବରାଦ ବ୍ୟୟ ନ ହେବା ବିଭିନ୍ନ ବିଭାଗ ପାଇଁ ଅଡୁଆ ▶ପୃଷ୍ଠା-୭

## ଭାରତ ଧର୍ମଶାଳା ନୁହେଁ: ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି):** ଭାରତ ଧର୍ମଶାଳା ନୁହେଁ। ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ କାହିଁକି ଶରଣ ଦିଆଯିବ? ଆମେ ୧୪୦ କୋଟି ଲୋକଙ୍କ କଥା ବୁଝିବା ଲାଗି ସଂଘର୍ଷ କରୁଛୁ। ଚାରିଆଡୁ ଆସିଥିବା ଶରଣାର୍ଥୀଙ୍କୁ ଦେଶରେ ଶରଣ ଦେଇହେବ ନାହିଁ। ଦେଶାନ୍ତର ଉପରେ ରୋକ୍ ଲଗାଇବା ଲାଗି ଶ୍ରୀଲଙ୍କା ନାଗରିକ (ତାମିଲ)ଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି। ଶରଣ ଦେବା ପାଇଁ ସେ କରିଥିବା ଆବେଦନକୁ ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

ଏଲ୍‌ଟିଟିଇରେ ସାମିଲ ଥିବା ସନ୍ଦେହରେ ଏହି ଶ୍ରୀଲଙ୍କା ନାଗରିକଙ୍କୁ ୨୦୧୫ରେ ଗିରଫ କରାଯାଇଥିଲା। ୟୁଏପିଏ ମାମଲାରେ ୭ ବର୍ଷର ଦଣ୍ଡାଦେଶ ଭୋଗିସାରିବା ପରେ ତାଙ୍କୁ ତୁରନ୍ତ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ବିରୋଧରେ ସେ ସୁପ୍ରିମକୋର୍ଟ ଯାଇଥିଲେ। ମାମଲାରେ ଦଖଲ ଦେବାକୁ ଅନୁରୋଧ କରିଥିଲେ। ସେ ଭିସା ନେଇ ପତ୍ନୀଙ୍କ ସହ ଭାରତ ଆସିଥିବା କହିଥିଲେ। କାରଣ ଶ୍ରୀଲଙ୍କାରେ ପତ୍ନୀଙ୍କ ଜୀବନ ପ୍ରତି ବିପଦ ଥିଲା ବୋଲି ସେ ଦର୍ଶାଇଥିଲେ। ଏବେ ପତ୍ନୀ ଏବଂ ପିଲାଛୁଆ ଭାରତରେ ରହୁଛନ୍ତି। କିନ୍ତୁ ତାଙ୍କୁ ▶ପୃଷ୍ଠା-୭

### ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ ଆଶ୍ରୟ ଦେଇହେବନି

### ଶ୍ରୀଲଙ୍କା ନାଗରିକଙ୍କ ଆବେଦନ ଖାରଜ କଲେ ଅଦାଲତ



## ଶ୍ୱାସରୁଦ୍ଧ ହୋଇ ୪ ଶିଶୁ ମୃତ

### କାଳ ହେଲା କାର୍‌ରେ ଖେଳ

■ **ମାଲକାନଗିରି, ୧୯।୫(ସମିସ):** ଖେଳ ଖେଳରେ କାର୍ ମଧ୍ୟରେ ପଶି ଡୋର୍ ଦେଇଦେଲେ। କିନ୍ତୁ ଏହି ଖେଳ ଯେ ସେମାନଙ୍କ ପାଇଁ କାଳ ପାଲଟିଯିବ, ଭାବି ନଥିଲେ। ଡୋର୍ ଖୋଲି ନ ପାରିବାରୁ କିଛି ସମୟ ମଧ୍ୟରେ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଲେ। ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲା ଦ୍ୱାରପୁଡି ଗାଁରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକମାନେ ହେଲେ, ବି. ଉଦୟ (୮), ସି. ଚାରୁମତି (୮), କରିସ୍ମା (୬) ଏବଂ ମନସ୍ୱିନୀ (୭)। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ସୂଚନାନୁଯାୟୀ, ଏହି ୪ ଶିଶୁ ଆଜି ଘର ନିକଟରେ ଖେଳୁଥିଲେ। ସେଠାରେ ପାର୍କିଂ ହୋଇଥିବା ଏକ କାର୍‌ର ଡୋର୍ ଖୋଲାଥିବା ଦେଖି ତା' ଭିତରେ ପଶି ଯାଇଥିଲେ ଏବଂ ଡୋର୍‌ଟିକୁ ଭିତରୁ ବନ୍ଦ କରିଦେଇଥିଲେ। ▶ପୃଷ୍ଠା-୭

## ଯୁବତୀଙ୍କୁ ୬ ଦିନ ଗଣଦୁଷ୍କର୍ମ

■ **ବାଲିଗୁଡ଼ା, ୧୯।୫ (ସମିସ):** ଔଷଧ ପାଇଁ ବଜାରକୁ ଆସିଥିବା ବାପା-ମା' ଛେଉଣ୍ଡ ଜଣେ ଯୁବତୀଙ୍କୁ ସହାୟତା ଆଳରେ ଅପହରଣ କରିବା ଏବଂ ଏକ ଭଡ଼ାଘରେ ଅଟକ ରଖି ୬ ଦିନ ଧରି ଗଣଦୁଷ୍କର୍ମ କରିବା ଘଟଣା କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ୍ ଜଣେ ଅଟୋ ଚାଳକ ସମେତ ତା'ର ୨ ସହଯୋଗୀଙ୍କୁ ଆଜି ଗିରଫ କରିଛି। ତେବେ ତଦନ୍ତରେ ବାଧା ଉପୁଜିବା ଏବଂ ଟିଆଇ ପରେଡ୍ ହୋଇନଥିବାରୁ ଅଭିଯୁକ୍ତଙ୍କ ପରିଚୟ ଗଣମାଧ୍ୟମକୁ ଦେବାକୁ ମନା କରିଦେଇଛି। ଏହାସହ ଅଭିଯୁକ୍ତମାନଙ୍କଠାରୁ ଏକ ଅଟୋକୁ ପୁଲିସ୍ ଜବତ କରିଛି। ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଗତ ୧୧ ତାରିଖରେ ପୀଡ଼ିତା କିଛି ଔଷଧ କିଣିବାକୁ ମୁଖ୍ୟ ବଜାରକୁ ଆସିଥିଲେ। ବାଲିଗୁଡ଼ା ତ୍ରିଦେବୀ ପାର୍କ ନିକଟରେ ବସିଥିବା ସମୟରେ ଏକ ଅଟୋ ଆସି ତାଙ୍କ ପାଖରେ ଲାଗିଥିଲା। ଚାଳକ ତାଙ୍କୁ ତାଙ୍କ ଘରେ ଛାଡ଼ିଦେବାକୁ କହି ଅଟୋରେ ବସାଇ ନେଇଯାଇଥିଲା।



କିନ୍ତୁ ତାଙ୍କୁ ତାଙ୍କ ଘରେ ଛାଡ଼ିବା ପରିବର୍ତ୍ତେ ଜୋର୍‌ଜବରଦସ୍ତ ବାଲିଗୁଡ଼ାସ୍ଥିତ ଏକ ଭଡ଼ା ଘରକୁ ନେଇ ବନ୍ଦୀ କରି ରଖିଥିଲା। ଅଟୋ ଚାଳକ ଓ ତା'ର ୨ ସହଯୋଗୀ ୬ଦିନ କାଳ ସେଠାରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ଅପରପକ୍ଷେ, ପୀଡ଼ିତାଙ୍କ ବାପା-ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ତାଙ୍କ ସମ୍ପର୍କୀୟଙ୍କ ପାଖରେ ରହୁଥିଲେ। ସେ ମଝିରେ ମଝିରେ ଗୀତ ଶିଖିବାକୁ ଆସି ବାଲିଗୁଡ଼ାରେ ଏପରି କିଛି ଦିନ ରହି ଫେରୁଥିବାରୁ ସମ୍ପର୍କୀୟ ଆଉ ଖୋଜଖବର କରିନଥିଲେ। ତେବେ ବାଲିଗୁଡ଼ା ପୁଲିସ କୌଣସି ସୂତ୍ରରୁ ଏହି ଖବର ପାଇବା ପରେ ସେହି ଭଡ଼ା ଘରେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ▶ପୃଷ୍ଠା-୭

## ୨୮ରେ ପ୍ରଧାନମନ୍ତ୍ରୀଙ୍କ ପୋଲାଭରମ୍ ବୈଠକ

### ଯୋଗଦେବେ ଓଡ଼ିଶା, ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ବର,୧୯।୫(ସମିସ):** ପୋଲାଭରମ ପ୍ରକଳ୍ପରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଓଡ଼ିଶାର ସବୁ ପ୍ରକାରର ବିରୋଧ,



ଉଦ୍‌ବେଗ ପ୍ରକଳ୍ପକୁ ଶୀଘ୍ର ସାରିବାକୁ ଆନ୍ଧ୍ରକୁ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରିବା ରାଜ୍ୟବାସୀଙ୍କୁ ନିରାଶ କରିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ପୋଲାଭରମ୍ ପ୍ରକଳ୍ପ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରିବା ଓଡ଼ିଶାବାସୀଙ୍କ ପାଇଁ ଆଶା ସଞ୍ଚାର କରିଛି। ଏହି ବୈଠକରେ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ।

### ବାଟବଣା ସ୍ୱାସ୍ଥ୍ୟସେବା

## ଟ୍ୟୁମର୍ ରୋଗୀଙ୍କୁ ଗର୍ଭବତୀ ଚିକିତ୍ସା

■ **କୋରାପୁଟ, ୧୯।୫ (ସମିସ):** ପେଟରେ ବଢ଼ୁଛି ଟ୍ୟୁମର୍; କିନ୍ତୁ ତାଙ୍କୁ ଗର୍ଭବତୀ ଦର୍ଶାଇ ଚାଲିଛି ଚିକିତ୍ସା। ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ଦିଆଯାଉଛି ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ବଟିକା ସାଙ୍ଗକୁ ଟିକା। ଆଉ ଏପଟେ ପେଟରେ ବଢ଼ୁଥିବା ଟ୍ୟୁମର୍ ତା'ର କାୟା ବିସ୍ତାର କରିଚାଲିଛି। ଦିନକୁ ଦିନ ତାହା ଅଧିକରୁ ଅଧିକ ମାରାତ୍ମକ, ପ୍ରାଣଘାତୀ ହେବାରେ ଲାଗିଛି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅଞ୍ଚଳରେ ଜଣେ ମହିଳାଙ୍କ ଜୀବନ ସହ ସ୍ୱାସ୍ଥ୍ୟ ବିଭାଗର ଏପରି ଖେଳ ଏବେ ତାଙ୍କ ପାଇଁ କାଳ ସାଜିଛି। ମହିଳାଜଣଙ୍କ ହେଲେ, ଖୁରାଗାଁ ଗ୍ରାମର କବିଚନ୍ଦ୍ର ଝୋଡ଼ିଆ ପରଜାଙ୍କ ସ୍ତ୍ରୀ ରୁନି ଝୋଡ଼ିଆ ପରଜା। ଏହି ଘଟଣା ପଦାକୁ ଆସିବା ପରେ ଏବେ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଉଦ୍‌ବେଗଜନକ ରହିଛି। ଅପରପକ୍ଷେ, ଏହି ଘଟଣା ଯୋଗୁଁ ରୁନିଙ୍କ ପରିବାରଲୋକ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି।

ସୂଚନାନୁଯାୟୀ, ୬ ମାସ ତଳେ ରୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସେ ସ୍ଥାନୀୟ ଆଶାଦିଦିଙ୍କ ସହ ଯୋଗାଯୋଗ କରିଥିଲେ।

### ମାନସିକ ଯନ୍ତ୍ରଣାରେ ଦମ୍ପତି

ଆଶାଦିଦି ତାଙ୍କୁ ପଚରାଉଚରା କରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଗର୍ଭ ପରୀକ୍ଷା କିଟ୍ ସହାୟତାରେ ତାଙ୍କର ପରୀକ୍ଷା କରାଇଥିଲେ। ସେଥିରେ ରୁନି ଗର୍ଭବତୀ ଥିବା ଜଣାପଡ଼ିଥିଲା। ତେଣୁ ଗତ ୨୦୨୪ ଡିସେମ୍ବର ୨୭ ତାରିଖରେ ଆଶାଦିଦିଜଣଙ୍କ ରୁନିଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କ ନାମରେ ମମତା କାର୍ଡ, ସ୍ୱାସ୍ଥ୍ୟକାର୍ଡ କରାଇ ଦେଇଥିଲେ। ଏପରିକି, ଗର୍ଭବତୀଙ୍କୁ ଦିଆଯାଉଥିବା ଇଞ୍ଜେକସନ୍, ଟିକା ଓ ଅନ୍ୟାନ୍ୟ ଔଷଧ ଦେବାର ବ୍ୟବସ୍ଥା କରିଥିଲେ। ଏହା ପରଠାରୁ ତାଙ୍କୁ ଗର୍ଭବତୀ ମହିଳାଙ୍କ ଭଳି ନିୟମିତ ସମସ୍ତ ଚିକିତ୍ସା କରାଯାଉଥିଲା। ନିୟମିତ ବ୍ୟବଧାନରେ ଆଶା ଓ ଅଙ୍ଗନବାଡ଼ି ଦିଦିଙ୍କ ସହଯୋଗରେ ରୁନିଙ୍କୁ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ସହାୟତା ଯୋଗାଇ ଦେଉଥିଲେ। ତାଙ୍କୁ ଦିଆଯାଇଥିବା ଚିକିତ୍ସାର ବିସ୍ତୃତ ବିବରଣୀ ତାଙ୍କ ପାଖରେ ଥିବା କାର୍ଡରେ ମଧ୍ୟ ଉଲ୍ଲେଖ ରହିଛି। ଚଳିତ ବର୍ଷ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚରେ ମଧ୍ୟ ରୁନି ସ୍ୱାସ୍ଥ୍ୟକେନ୍ଦ୍ରରେ ଯାଇ ସ୍ୱାସ୍ଥ୍ୟ ଯାଞ୍ଚ କରିଥିବା ସେଥିରେ ଉଲ୍ଲେଖ ରହିଛି। ପରବର୍ତ୍ତୀ ସମୟରେ ରୁନିଙ୍କ ପେଟ ଯନ୍ତ୍ରଣା ▶ପୃଷ୍ଠା-୭

### ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍

# ପ୍ରିୟଙ୍କାଙ୍କୁ ଜେରା କରିବ ଏନ୍‌ଆଇଏ

■ **ଭୁବନେଶ୍ବର, ୧୯ ।୫ (ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହରିୟାଣା ହିସାର୍‌ର ୟୁଟ୍ୟୁବର୍ ଜ୍ୟୋତି ମଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ର ଖୋଳତାଡ଼

### ପୁରୀ ପୁଲିସ୍‌ଠାରୁ ତଥ୍ୟ ସଂଗ୍ରହ କଲା ଏନ୍‌ଆଇଏ

ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଜ୍ୟୋତିଙ୍କ ସହ ପୁରୀର ପ୍ରିୟଙ୍କା ସେନାପତିଙ୍କ ସଂପର୍କ ଥିବା ଓ ଉଭୟ ପାକିସ୍ତାନ କରତାରପୁର ଯାଇଥିବାରୁ ଏନ୍‌ଆଇଏ ପୁରୀ ଏବଂ ହରିୟାଣା ପୁଲିସ୍‌ଠାରୁ ଦୁହିଁଙ୍କ ବାବଦରେ



ବିଭିନ୍ନ ତଥ୍ୟ ସଂଗ୍ରହ କରିଛି। ଅପରପକ୍ଷେ, ଏନ୍‌ଆଇଏର ଏକ ଟିମ୍ ଖବ୍‌ଶୀଘ୍ର ପ୍ରିୟଙ୍କାଙ୍କୁ ପଚରାଉଚରା କରିବ। ଆବଶ୍ୟକ ପଡ଼ିଲେ, ତାଙ୍କୁ ହେପାଜତକୁ ମଧ୍ୟ ନେଇପାରେ ବୋଲି କୁହାଯାଉଛି। ବିଶେଷକରି, ଜ୍ୟୋତି-ପ୍ରିୟଙ୍କାଙ୍କ ସମେତ ଓଡ଼ିଶା ଲିଙ୍କରେ ଭିତିରିଆ ଘଣ୍ଟାଚକଟା ଆରମ୍ଭ ହୋଇଥିଲା ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ (ଏମ୍‌ଏଚ୍‌ଏ) ନିର୍ଦ୍ଦେଶକୁ ଅପେକ୍ଷା ରହିଛି। ଜ୍ୟୋତି ପୁରୀରେ ପହଞ୍ଚିବା ପରେ କୁଆଡ଼େ ଯାଇଥିଲେ? କେଉଁଠି ରହିଥିଲେ? କାହାକାହା ସହ ମିଶିଥିଲେ? ଶ୍ରୀମନ୍ଦିରକୁ କେତେଥର ଯାଇଥିଲେ? ପୁରୀରୁ ଥାଇ କାହା କାହା ସହ ଯୋଗାଯୋଗରେ ଥିଲେ? ପୁରୀ ପରେ ଅନ୍ୟ କେଉଁ ଜିଲ୍ଲାକୁ ଯାଇଥିଲେ କି? ଆଦି ସଂପର୍କରେ ଭିତିରିଆ ଖୋଳତାଡ଼ ଆରମ୍ଭ କରିଛି ଏନ୍‌ଆଇଏ। ସେହିପରି ପ୍ରିୟଙ୍କାଙ୍କ ଆକାଉଣ୍ଟକୁ ପାକିସ୍ତାନ କିମ୍ବା ଅନ୍ୟ କେଉଁ ସହରରୁ ଟଙ୍କା ଆସିଛି କି ନାହିଁ ତାହାର ମଧ୍ୟ ଯାଞ୍ଚ କରାଯାଉଛି।

### ୯ ଜଣଙ୍କୁ 'ଅନ୍‌ଫଲୋ' କଲେ ପ୍ରିୟଙ୍କା

■ **ପୁରୀ,୧୯।୫(ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହୋଇଥିବା ହରିଆଣାର ଜଣାଶୁଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ରେ ଆସିଛନ୍ତି ପୁରୀର ପ୍ରିୟଙ୍କା ସେନାପତି। ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେଇ ଦୁଇଦିନ ହେବ ଖୋଳତାଡ଼ ଚାଲିଛି। ଯଦିଓ ପ୍ରିୟଙ୍କାଙ୍କ ଭୂମିକା କ'ଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ କିନ୍ତୁ ଅଡୁଆ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଦୁଇ ଦିନ ଭିତରେ ୯ ଜଣଙ୍କୁ ଅନ୍‌ଫଲୋ କରିସାରିଲେଣି ପ୍ରିୟଙ୍କା। ପୂର୍ବରୁ ତାଙ୍କ ▶ପୃଷ୍ଠା-୭

ସକାଳ
THE SAKALA
www.sakalaepaper.com

# ଗୁଇନ୍ଦା ତାଲିକାରେ ଆଉ ଜଣେ ସୁନ୍ଦରୀ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଯୁଦ୍ଧ ବେଳେ ମଧ୍ୟ ଭାରତ ସଂପର୍କରେ ପାକିସ୍ତାନକୁ ଗୁପ୍ତ ତଥ୍ୟ ଯୋଗାଉଥିଲେ ଜ୍ୟୋତି ମଲହୋତ୍ରା। ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ଜ୍ୟୋତି ସଂପର୍କରେ ହରିଆଣା ପୁଲିସ ଅନେକ ବିସ୍ଫୋରକ ତଥ୍ୟ ଦେଇଛି। ସେ କେବଳ ଯେ ପାକିସ୍ତାନ ଓ ଚୀନ ଯାଇ ତାଙ୍କ 'ଗୁଇନ୍ଦା' ବନ୍ଧୁତା ବଢ଼ାଇଥିଲେ ତାହା ନୁହେଁ, ଅର୍ଥ ଲୋଭରେ ଦେଶର ନିରାପତ୍ତାକୁ ବିପଦରେ ପକାଇବାକୁ ବି ସେ ଭୁଲୁନଥିଲେ। ପୁଲିସ ତଥ୍ୟ ଅନୁଯାୟୀ ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂର ପୂର୍ବଦିନ ଜ୍ୟୋତି ନୂଆଦିଲ୍ଲୀ ଯାଇ ପାକିସ୍ତାନର ହାଇକମିସନ କର୍ମଚାରୀଙ୍କ ସହିତ ସଂପର୍କ ସ୍ଥାପନ କରିଥିଲେ। ଭାରତ ପକ୍ଷରୁ ଅବାଞ୍ଛିତ ଘୋଷିତ ପାକ୍ ହାଇକମିସନ କର୍ମଚାରୀ ଦାନିସ ସହିତ କଥାବାର୍ତ୍ତା ହୋଇଥିଲେ ଜ୍ୟୋତି। ଅନେକ ଦିନ ଧରି ତାଙ୍କ ସଂପର୍କରେ ଥିଲେ ଜ୍ୟୋତି। ପାକ୍ ଡ୍ରୋନ ଆକ୍ରମଣ ଆଶଙ୍କାରେ ଯେତେବେଳେ ଅନେକ ଅଞ୍ଚଳକୁ ଅନ୍ଧାର କରାଯାଉଥିଲା, ସେତେବେଳେ ମଧ୍ୟ ସେ କିଛି ତଥ୍ୟ ପାକିସ୍ତାନକୁ ଦେଇଛନ୍ତି। କେବଳ ଜ୍ୟୋତି ନୁହନ୍ତି, ସମାନ ଅଭିଯୋଗରେ ଧରାପଡ଼ିଥିବା ଅନ୍ୟ ୪ ଜଣ ମଧ୍ୟ ପାକିସ୍ତାନକୁ ଗୁଇନ୍ଦା ତଥ୍ୟ ଯୋଗାଉଥିଲେ।

ହରିଆଣା ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଯୁଦ୍ଧ ସମୟରେ ନିଜ ପାଇଁ ପ୍ରଚାର ଲାଗି ପାକିସ୍ତାନ ଜ୍ୟୋତିଙ୍କୁ ନିୟୋଜିତ କରିଥିଲେ। ସେ ତାଙ୍କର ୟୁଟ୍ୟୁବ୍



ଚାନେଲ ମାଧ୍ୟମରେ ପାକିସ୍ତାନର ଭାବମୂର୍ତ୍ତିକୁ ସ୍ୱଚ୍ଛ ଦେଖାଇବା ଲାଗି ଉଦ୍ୟମ କରିଥିଲେ। ଏଥିପାଇଁ ପାକିସ୍ତାନ ତାଙ୍କୁ ବିପୁଳ ଅର୍ଥ ଦେଇଛି। ଜ୍ୟୋତିଙ୍କର ଯାହା ଆୟ ଥିଲା, ତା ଠାରୁ ଅଧିକ ଖର୍ଚ୍ଚ କରୁଥିଲେ। ଏପରିକି ତାଙ୍କର ବିଦେଶ ଗସ୍ତ ଖର୍ଚ୍ଚ ମଧ୍ୟ ଅନ୍ୟମାନେ ଉଠାଇଛନ୍ତି। ସେ ରାଜକୀୟ ଜୀବନ ବିତାଉଥିଲେ। ପାକିସ୍ତାନ ଓ ଚୀନ ଗସ୍ତ ବେଳେ ବେଳେ ସେ ନାମୀଦାମୀ ହୋଟେଲରେ ରହିବା ସହିତ ବିଳାଶପୂର୍ଣ୍ଣ କାରରେ ଯାତ୍ରା କରୁଥିଲେ। ତାଙ୍କର ବ୍ୟାଙ୍କ ଖାତା ଯାଞ୍ଚ ବେଳେ ଏଭଳି ଅନେକ ତଥ୍ୟ ପୁଲିସ ହାତରେ ଲାଗିଛି। ଏତେ ଅର୍ଥ ତାଙ୍କୁ କିଏ ଦେଉଥିଲା ଏବଂ ତାଙ୍କର ବିଦେଶ ଗସ୍ତ ଖର୍ଚ୍ଚ କିଏ ବହନ କରୁଥିଲା ? ଏ ସମ୍ପର୍କରେ ଜ୍ୟୋତିଙ୍କୁ

- ■ ଅର୍ଥ ଲୋଭରେ ପାକିସ୍ତାନୀ ଜାଲରେ ଫସୁଥିଲେ
- ■ ବ୍ଲାକ୍‌ଆଉଟ୍ ବେଳେ ବି ପାକିସ୍ତାନକୁ ସୂଚନା ଦେଉଥିଲେ ୟୁଟ୍ୟୁବର ଜ୍ୟୋତି
- ■ ବିଦେଶ ଗସ୍ତ ଖର୍ଚ୍ଚ ବହନ କରୁଥିଲା କିଏ ?

ପଚରାଉଚରା କରଯାଉଛି। ସେ ୮ ଟି ଦେଶ ଗସ୍ତ କରିଥିବା ଜଣାପଡ଼ିଛି। ଗତ କିଛି ମାସ ଧରି ତାଙ୍କର ଗତିବିଧି ଉପରେ ନଜର ରଖାଯାଇଥିଲା। ତାଙ୍କ ସହିତ ବାନ୍ଧବୀ ଓଡ଼ିଶାର ପ୍ରିୟଙ୍କା ମଧ୍ୟ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାର ନଜରରେ ରହିଆସିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ବିଭିନ୍ନ ରାଜ୍ୟରୁ ୧୧ ଜଣଙ୍କୁ ଗିରଫ କରାଗଲାଣି। ସେମାନଙ୍କ ମଧ୍ୟରେ ଅଛନ୍ତି ୟୁଟ୍ୟୁବର, ଛାତ୍ର, ସିକ୍ୟୁରିଟି ଗାର୍ଡ, ସାଧାରଣ ବ୍ୟକ୍ତି ଓ ସଫ୍ଟୱେୟର ଇଞ୍ଜିନିୟର। ସେମାନଙ୍କର ଘର ହେଉଛି ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ। ସେମାନଙ୍କର ବୟସ ୨୦ରୁ ୩୦ ମଧ୍ୟରେ ହେବ। ଅର୍ଥଲୋଭ, ପାକିସ୍ତାନକୁ ମାଗଣା ଗସ୍ତ ଓ ଅନ୍ୟ ମିଛ ପ୍ରତିଶ୍ରୁତି ଦେଇ ସାମାଜିକ ଗଣମାଧ୍ୟମ ଜରିଆରେ ପାକିସ୍ତାନ ସେମାନଙ୍କୁ ପ୍ରଭାବିତ କରୁଥିଲା। ଏହି ନେଟୱର୍କରେ ଅଛନ୍ତି ଆଉ ଜଣେ ମହିଳା। ସେ ହେଉଛନ୍ତି ପଞ୍ଜାବର ୩୨ ବର୍ଷୀୟ ଗଜାଲା। ଅର୍ଥ ବଦଳରେ ସେ ପାକିସ୍ତାନୀ ଏଜେଣ୍ଟଙ୍କୁ ସୂଚନା ଯୋଗାଉଥିଲେ। ଅର୍ଥ କାରବାର ଏବଂ ଭିସା କାରବାର ନେଇ ପାକିସ୍ତାନ ହାଇକମିସନର ବିତାଡ଼ିତ କର୍ମଚାରୀ ଦାନିସ ସହିତ ସଂପର୍କରେ ଥିଲେ। ଗଜାଲା ଓ ଅନ୍ୟ ଗୁପ୍ତଚର ଭିସା ପାଇଁ ଦାନିସ ସହିତ କଥାବାର୍ତ୍ତା କରୁଥିଲେ। ଅନଲାଇନରେ ଦାନିସ ସେମାନଙ୍କୁ ଟଙ୍କା ପଠାଉଥିଲା।

ଏହି ଗୁପ୍ତଚର ତାଲିକାରେ ଯୋଡ଼ି ହୋଇଛନ୍ତି ପଞ୍ଜାବର ଜଣେ ଛାତ୍ର। ସେ ହେଲେ ଦେବେନ୍ଦର ସିଂହ। ପଟିଆଲା ଖାଲସା କଲେଜ ଛାତ୍ର ଦେବେନ୍ଦରଙ୍କୁ ହରିଆଣାରୁ ଗିରଫ କରାଯାଇଛି। ସେ ଭାରତୀୟ ସେନା ସଂପର୍କରେ ଅନେକ ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ଯୋଗାଉଥିବା ଅଭିଯୋଗ ହୋଇଛି। ପଟିଆଲା ମିଲିଟାରି କ୍ୟାଣ୍ଟନମେଣ୍ଟର ଚିତ୍ର ଉତ୍ତୋଳନ କରି ସେ ପାକିସ୍ତାନକୁ ପଠାଇଥିବା କୁହାଯାଉଛି। ଗତ ନଭେମ୍ବରରେ ସେ ପାକିସ୍ତାନ ଗସ୍ତରେ ଯାଇଥିବା ଜଣାପଡ଼ିଛି।

■ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କୁ ସମାନ ପେନ୍‌ସନ୍ ଦିଅ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ହାଇକୋର୍ଟର ସମସ୍ତ ଅବସରପ୍ରାପ୍ତ ବିଚାରପତିଙ୍କୁ ସମ୍ପୂର୍ଣ୍ଣ ଏବଂ ସମାନ ପେନ୍‌ସନ ଦେବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଚାରପତିଙ୍କ ନିଯୁକ୍ତି ତାରିଖ, ଜିଲ୍ଲା କୋର୍ଟ ହେଉ କି ବାର୍‌ରୁ ପଦୋନ୍ନତି ପାଇଥିଲେ କିମ୍ବା ସ୍ଥାୟୀ ଏବଂ ଅସ୍ଥାୟୀ ବିଚାରପତି ହୋଇଥିଲେ ମଧ୍ୟ କୌଣସି ଭେଦଭାବ କରାଯିବ ନାହିଁ। ସେହିପରି ସମସ୍ତ ଜିଲ୍ଲା ଜଜ୍‌ଙ୍କ ସହିତ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ର ବିଚାରପତିଙ୍କୁ ଅବସରପରେ ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ୱାନ ର୍‍ୟାଙ୍କ, ୱାନ ପେନ୍‌ସନ (ଓଆରଓପି) ନୀତିକୁ ସମର୍ଥନ ଦେଇ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି ଯେ ନ୍ୟାୟିକ ସ୍ୱାଧୀନତାର ସୁରକ୍ଷା ପାଇଁ ଦରମା, ଅବସର ପରବର୍ତ୍ତୀ ସୁବିଧାସୁଯୋଗ ସମାନ ହେବା ଜରୁରୀ। ନ୍ୟାୟିକ କାର୍ଯ୍ୟାଳୟର ଗରିମା ରକ୍ଷା ପାଇଁ ମଧ୍ୟ ଏହା ଆବଶ୍ୟକ। ଗ୍ରାଚୁଇଟି, ପାରିବାରିକ, ବିଧବା କିମ୍ବା ଅନ୍ୟ ନିର୍ଭରଶୀଳଙ୍କୁ ମିଳୁଥିବା ଭତ୍ତା ମଧ୍ୟ ସମସ୍ତଙ୍କ ପାଇଁ ସମାନ ରହିବ। ଏ ସବୁ ସୁବିଧା ପ୍ରଦାନରେ ଭେଦଭାବ କରାଗଲେ ଧାରା ୧୪ର ଉଲ୍ଲଙ୍ଘନ ହେବ। ହାଇକୋର୍ଟ ଅବସରପ୍ରାପ୍ତ ମୁଖ୍ୟ ବିଚାରପତିଙ୍କୁ ବର୍ଷକୁ ୧୫ ଲକ୍ଷ ଏବଂ ବିଚାରପତିଙ୍କୁ ୧୩.୫ ଲକ୍ଷ ଟଙ୍କା ଦେବାକୁ ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଇଡେନ୍‌ଙ୍କୁ କ୍ୟାନ୍‌ସର




ୱାସିଂଟନ, ୧୯।୫ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ (୮୨)ଙ୍କୁ ପ୍ରୋଷ୍ଟେଟ କ୍ୟାନ୍‌ସର ହୋଇଛି। ଏହା ଅଧିକ ଜଟିଳ ହୋଇଗଲାଣି। ଏହି କର୍କଟ ତାଙ୍କ ହାଡ଼ ପର୍ଯ୍ୟନ୍ତ ବ୍ୟାପି ଗଲାଣି। ବାଇଡେନଙ୍କ ପାର୍ଟି ଡେମୋକ୍ରାଟ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ପରିସ୍ରାରେ ସମସ୍ୟା ହେବାରୁ ବାଇଡେନ ଗତ ସପ୍ତାହରେ ଡାକ୍ତରଙ୍କୁ ଦେଖାଇ ଥିଲେ। ଶୁକ୍ରବାର ଯାଞ୍ଚ ପରେ ଏହି ରୋଗ ବିଷୟରେ ଜଣା ପଡ଼ିଥିଲା। ଏହି ରୋଗ ବ୍ୟାପି ଅଧିକ ଜଟିଳ ରୂପ ଧାରଣ କରିଛି। ଏହି କର୍କଟ ହରମୋନ-ସେନ୍‌ସିଟିଭ ପରି ମନେହୁଏ। ତେଣୁ ପ୍ରଭାବୀ ଢଙ୍ଗରେ ଏହାର ଚିକିତ୍ସା କରାଯିବା ଉଚିତ। ଏବେ ବାଇଡେନଙ୍କ ପରିବାର ସମ୍ଭାବ୍ୟ ଚିକିତ୍ସା ବ୍ୟବସ୍ଥା ବିଷୟରେ ସମୀକ୍ଷା କରୁଛନ୍ତି।

## ହରିୟାଣାରୁ ୩ ମାସରେ ୪୧୦୦ ଲୋକ ନିଖୋଜ

ଚଣ୍ଡିଗଡ଼, ୧୯।୫ (ଏଜେନ୍ସି): ହରିୟାଣାରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ରାଜ୍ୟରୁ ତିନି ମାସ ମଧ୍ୟରେ ୪୧୦୦ରୁ ଅଧିକ ଲୋକ ନିଖୋଜ ହୋଇଯାଇଛନ୍ତି। ବର୍ଷର ପ୍ରଥମ ତିନି ମାସରେ ଏପରି ହୋଇଛି। ଅର୍ଥାତ୍ ଦିନକୁ ୪୫ରୁ ଅଧିକ ଲୋକ ଗାଏବ ହୋଇଛନ୍ତି। ଏହା ବାଦ୍ ହଜାରେରୁ ଅଧିକ ଅପହରଣ ମାମଲା ରୁଜୁ ହୋଇଛି। ଗତ ବର୍ଷ ତୁଳନାରେ ହତ୍ୟା ମାମଲା ମଧ୍ୟ ଅଧିକ ବୃଦ୍ଧି ପାଇଛି। ଏହା ସୁରକ୍ଷା ବ୍ୟବସ୍ଥାର ବିଫଳତା ଏବଂ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ଦର୍ଶାଉଛି। ହରିୟାଣା ମାନବାଧିକାର କମିଶନ ସୋମବାର ଏହା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଉପରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପାକିସ୍ତାନ ଟାର୍ଗେଟ୍‌ରେ ଥିଲା ସ୍ୱର୍ଣ୍ଣ ମନ୍ଦିର



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭାରତର ବିଭିନ୍ନ ଧାର୍ମିକ ସ୍ଥଳ ଏବଂ ସେନା ଘାଟୀକୁ ନିଶାଣ କରି କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଥିଲା। ଏହି ଧାର୍ମିକ ସ୍ଥଳ ମଧ୍ୟରେ ସ୍ୱର୍ଣ୍ଣ ମନ୍ଦିର ସାମିଲ ଥିଲା। ତେବେ ସ୍ୱର୍ଣ୍ଣ ମନ୍ଦିର ଅଭିମୁଖେ ଆସିଥିବା ସମସ୍ତ ଡ୍ରୋନ ଏବଂ କ୍ଷେପଣାସ୍ତ୍ରକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ ବିଫଳ କରିଦେଇଥିଲା। ୧୫ତମ ଇନଫ୍ୟାଣ୍ଟ୍ରି ଡିଭିଜନର ଜେନେରାଲ ଅଫିସର କମାଣ୍ଡିଂ (ଜିଓସି) ମେଜର ଜେନେରାଲ କାର୍ତ୍ତିକ ସି ଶେଷାଦ୍ରି ସୋମବାର ଏହି ସୂଚନା ଦେଇଛନ୍ତି। ପଞ୍ଜାବରେ ଧ୍ୱଂସ କରାଯାଇଥିବା ଡ୍ରୋନ ଏବଂ କ୍ଷେପଣାସ୍ତ୍ରର ଚିତ୍ରକୁ ସେନା ପକ୍ଷରୁ ଜାରି କରାଯାଇଛି। ମେଜର ଜେନେରାଲ କହିଛନ୍ତି ଯେ ପାକିସ୍ତାନ ଆର୍ମୀର କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ନିଶାଣ କରି ଆକ୍ରମଣ କରି ନ ଥିଲା। ସେମାନେ ସାମରିକ ପ୍ରତିଷ୍ଠାନ, ନାଗରିକ ଏବଂ ଧାର୍ମିକ ସ୍ଥଳକୁ ନିଶାଣ କରିବେ ବୋଲି ପୂର୍ବରୁ ଜଣା ଥିଲା। ଏଥିରେ ସ୍ୱର୍ଣ୍ଣ ମନ୍ଦିର ସବୁଠୁ ଆଗରେ ଥିଲା। ତେଣୁ ସ୍ଥିତିକୁ ଦେଖି ଅତିରିକ୍ତ ଭାବେ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ ମୁତୟନ କରାଯାଇଥିଲା। ପାକିସ୍ତାନ ଗତ ୮ ତାରିଖ ବିଳମ୍ବିତ ରାତିରେ ୟୁଏଭି ଏବଂ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲା। କିନ୍ତୁ ଭାରତୀୟ ସେନାର ସତର୍କ ପ୍ରହରୀ ଏହାକୁ ଆକାଶରେ ଉଡାଇ ଦେଇଥିଲେ। ସ୍ୱର୍ଣ୍ଣ ମନ୍ଦିରରେ ଟିକେ ବି ଆଞ୍ଚ ଆସିବାକୁ ଦେଇ ନ ଥିଲେ।

ପଞ୍ଜାବର ଅନ୍ତର୍ଜାତୀୟ ସୀମାରେ ନିୟୋଜିତ ଜଣେ ସୈନିକ କହିଛନ୍ତି ଯେ ଗତ ୮ ତାରିଖ ରାତିରେ ପାକିସ୍ତାନ ହଠାତ୍ ଗୁଳି ଚଳାଇ ଅନୁପ୍ରବେଶ ଉଦ୍ୟମ କରିଥିଲା। କିନ୍ତୁ ଭାରତୀୟ ଯବାନ ଏହାକୁ ବିଫଳ କରିଦେଇଥିଲେ। ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ଆଣ୍ଠୁ ମାଡ଼ି ପଡ଼ିଥିଲେ। ସକାଳେ ଅସ୍ତ୍ରବିରତି ପାଇଁ ଧଳା ପତାକା ଦେଖାଇ ଥିଲେ। ସେହିପରି ଅପରେସନ ସିନ୍ଦୂରକୁ ନେଇ ସେନାର ପଶ୍ଚିମ କମାଣ୍ଡ ଏକ ନୂଆ ଭିଡିଓ ଜାରି କରିଛି। ଏଥିରେ ପାକିସ୍ତାନ ଡ୍ରୋନକୁ କିପରି ଖସା ଯାଇଥିଲା ତାହା ଦର୍ଶାଯାଇଛି। ଆମେ ଭୂପୃଷ୍ଠରୁ ଆକାଶକୁ ସୁରକ୍ଷିତ ରଖିଲୁ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ସୋପିଆନର ଡିକେ ପୋରା ଅଞ୍ଚଳରୁ ଆତଙ୍କବାଦୀଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ଦୁଇଟି ପିସ୍ତଲ, ଚାରୋଟି ଗ୍ରେନେଡ ଏବଂ ୪୩ କାର୍ତ୍ତ୍ରିଜ୍ ଜବତ କରାଯାଇଛି।

## ପାକିସ୍ତାନକୁ ଗୁଇନ୍ଦା ସୂଚନା ଦେଇଥିଲା ଚୀନ୍, ପ୍ରଦାନ କରିଥିଲା ଉପଗ୍ରହ ଚିତ୍ର

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ପଛରେ ଚୀନ୍‌ର ବଡ଼ ଭୂମିକା ଥିଲା। ଏହି ଦେଶ ଘନିଷ୍ଠ ସହଯୋଗୀ ପାକିସ୍ତାନକୁ ଗୁଇନ୍ଦା ସୂଚନା ପ୍ରଦାନ କରିଥିଲା। ଏୟାର ଡିଫେନ୍ସ ସହିତ ଉପଗ୍ରହ ଚିତ୍ର ମଧ୍ୟ ଦେଇଥିଲା। ଭାରତର ଏକ ପ୍ରତିରକ୍ଷା ଗୋଷ୍ଠୀ ଏହି ଦାବି କରିଛି। ଏହି ସଂଘର୍ଷରେ ଚୀନ୍ ପ୍ରତ୍ୟକ୍ଷ ଭାବେ ସାମିଲ ଥିଲା ବୋଲି କୁହାଯାଇଛି। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ ନୂଆଦିଲ୍ଲୀ ସ୍ଥିତ ସେଣ୍ଟର ଫର୍ ଜଏଣ୍ଟ ୱାରଫେୟାର ଷ୍ଟଡିଜର ମହାନିର୍ଦ୍ଦେଶକ ଅଶୋକ କୁମାର ଏକ ସାକ୍ଷାତକାରରେ କହିଥିଲେ ଯେ ପାକିସ୍ତାନକୁ ଚୀନ୍ ନିଜ ରାଡାର ଏବଂ ଏୟାର ଡିଫେନ୍ସ ସିଷ୍ଟମକୁ ପୁନର୍ଗଠନ କରିବାରେ ସହାୟତା କରିଥିଲା। ଭାରତର ସୈନିକ ଏବଂ ଅସ୍ତ୍ରଶସ୍ତ୍ର ବିଷୟରେ ଜାଣିବା ପାଇଁ ଚୀନ୍ ସହଯୋଗ କରିଥିଲା। ଏହା ବ୍ୟତୀତ ପହଲଗାମର ୧୫ ଦିନ ପରେ ବେଜିଂ ନିଜ ଉପଗ୍ରହକୁ ପାକିସ୍ତାନ ସହ ସଂଯୋଗ କରିବାରେ ମଧ୍ୟ ସହାୟତା କରିଥିଲା।

ଏହି ପଦକ୍ଷେପ ଦ୍ୱାରା ନିଜ ଏୟାର ଡିଫେନ୍ସ ରାଡାରକୁ ପୁଣିଥରେ ମୁତୟନ କରିବା ପାଇଁ ଚୀନ୍‌କୁ ସହାୟତା ମିଳିଥିଲା। ଭାରତ ଆକାଶ ମାର୍ଗରୁ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ମଧ୍ୟ ଚୀନ୍ ଜାଣିବାକୁ ଚାହୁଁଥିଲା। ତେବେ ଭାରତ ପକ୍ଷରୁ ଚୀନ୍ ସହ ସହଯୋଗିତାକୁ ନେଇ ସାର୍ବଜନୀନ ଭାବେ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। କିନ୍ତୁ ପାକିସ୍ତାନ ଏହା ସ୍ୱୀକାର କରିଛି। ଭାରତ ବିରୋଧରେ ଚୀନ୍ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିବା ମାନିଛି। ଭାରତ ବିରୋଧୀ ସଂଘର୍ଷରେ ଚୀନର ସମ୍ପୃକ୍ତି ଅଧିକ ବୃଦ୍ଧି ପାଇଛି ବୋଲି ଏହା ଦର୍ଶାଉଛି। ଏଥିରେ ପାକିସ୍ତାନକୁ ଲଜିଷ୍ଟିକ୍ ଏବଂ ଗୁଇନ୍ଦା ସହାୟତା ଯୋଗାଇବା ମଧ୍ୟ ସାମିଲ ରହିଛି।

ପାକିସ୍ତାନ ଦାବି କରିଥିଲା ଯେ ଭାରତ ବିପକ୍ଷରେ ସଂଘର୍ଷରେ ସେ ଚୀନ୍ ଯୁଦ୍ଧ ବିମାନ ଜେ-୧୦ସି ଏବଂ ପିଏଲ-୧୫ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା। ଭାରତୀୟ ସେନା ମଧ୍ୟ ଚୀନର ପିଏଲ-୧୫ କ୍ଷେପଣାସ୍ତ୍ରର ଅବଶେଷ ପ୍ରଦର୍ଶନ କରିଥିଲା। ଏହି ବିବାଦ ସମୟରେ ଚୀନ୍ ପାକିସ୍ତାନର ସାର୍ବଭୌମତ୍ୱକୁ ସମର୍ଥନ କରିଥିଲା ଏବଂ ପହଲଗାମ ଆକ୍ରମଣର ଅନ୍ତର୍ଜାତୀୟ ତଦନ୍ତ ପାଇଁ ଭାରତକୁ ଆହ୍ୱାନ ଦେଇଥିଲା। ଏହା ବ୍ୟତୀତ ଜାତିସଂଘ ସୁରକ୍ଷା ପରିଷଦରେ ଆତଙ୍କବାଦ ସମ୍ପର୍କରେ ପାକିସ୍ତାନକୁ ସମାଲୋଚନାରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିଥିଲା।

**ସୋଫିଆ କୁରେସୀଙ୍କ ପ୍ରତି ଅପମାନଜକ ମନ୍ତବ୍ୟ ମାମଲା**

## ମନ୍ତ୍ରୀଙ୍କୁ ଭର୍ତ୍ସନା, ଏସ୍‌ଆଇଟି ଗଠନକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): କର୍ଣ୍ଣେଲ ସୋଫିଆ କୁରେସୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ମାମଲାରେ ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ 'ସୁପ୍ରିମ' ଝଟ୍‌କା ଲାଗିଛି। କ୍ଷମା ମାଗିବା ପାଇଁ ମନ୍ତ୍ରୀ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କ୍ଷମାକୁ ଗ୍ରହଣ କରାଯିବ ନାହିଁ ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ମନ୍ତ୍ରୀଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛନ୍ତି। ମନ୍ତ୍ରୀଙ୍କ ଅଶାଳୀନ ମନ୍ତବ୍ୟ ପାଇଁ ସାରା ଦେଶ ଲଜ୍ୟା ଅନୁଭବ କରୁଛି ବୋଲି କୋର୍ଟ କହିଛନ୍ତି।



- ■ ବିଜୟ ଶାହାଙ୍କ କ୍ଷମା ଗ୍ରହଣ କଲେନାହିଁ
- ■ ପରିଣାମ ଭୋଗିବାକୁ ପଡ଼ିବ

ଅଭଦ୍ର ଟିପ୍ପଣୀ ପାଇଁ ମନ୍ତ୍ରୀ ଶାହାଙ୍କୁ ଜଷ୍ଟିସ ସୂର୍ଯ୍ୟକାନ୍ତ ତୀବ୍ର ସମାଲୋଚନା କରି ସେ ଠିକ୍‌ରେ ଭୁଲ୍ ମଧ୍ୟ ମାଗିନାହାନ୍ତି ବୋଲି କହିଛନ୍ତି। ଏହା କିଭଳି କ୍ଷମା ପ୍ରାର୍ଥନା? ଆପଣ କେଉଁ ଭଳି ଭାବେ କ୍ଷମା ପ୍ରାର୍ଥନା କରିଛନ୍ତି? ଏହି କ୍ଷମା ପ୍ରାର୍ଥନାର କିଛି ଅର୍ଥ ଅଛି କି? ବେଳେବେଳେ ଲୋକେ ଦଣ୍ଡରୁ ବର୍ତ୍ତିବା ଲାଗି ନମ୍ର ଭାଷା ବ୍ୟବହାର କରିଥାନ୍ତି। ଆଉ କେତେବେଳେ କୁମ୍ଭୀର କାନ୍ଦଣା କରିଥାନ୍ତି। ଏହା ଆପଣଙ୍କର କେଉଁ ପ୍ରକାରର କ୍ଷମା ପ୍ରାର୍ଥନା? ଆପଣ କେଉଁ ଭଳି ଧାରଣା ସୃଷ୍ଟି କରିବାକୁ ଚାହୁଁଛନ୍ତି? କୋର୍ଟ ଆପଣଙ୍କୁ କ୍ଷମା ମାଗିବାକୁ କହିଥିଲେ ବୋଲି ଜଣାଇବାକୁ ଚାହୁଁଛନ୍ତି କି? ଆନ୍ତରିକ ଭାବରେ କ୍ଷମା ପ୍ରାର୍ଥନା କରିବା ପାଇଁ ଏ ପର୍ଯ୍ୟନ୍ତ ଆପଣଙ୍କୁ କିଏ ଅଟକାଇଛି? ସେନା ସହ ଜଡ଼ିତ ଏଭଳି ଭାବନାତ୍ମକ ପ୍ରସଙ୍ଗରେ ମନ୍ତ୍ରୀଙ୍କୁ ଅଧିକ ସମ୍ବେଦନଶୀଳ ହେବାର ଥିଲା। ଏବେ ସର୍ବସମ୍ମୁଖରେ ମନ୍ତ୍ରୀଙ୍କ ଅସଲ ମୁଖା ଖୋଲି ଯାଇଛି। ଜନନେତା ହୋଇ ଏଭଳି ଶବ୍ଦ ବ୍ୟବହାର କରିବା ସମୟରେ ବିଚାର କରିବାର ଥିଲା ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ମାମଲାର ତଦନ୍ତ ପାଇଁ ମଙ୍ଗଳବାର ସକାଳ ସୁଦ୍ଧା ଜଣେ ଆଇପିଏସ ଅଧିକାରୀଙ୍କୁ ନେଇ ଏସଆଇଟି ଗଠନ କରିଦିଆଯିବା ଉଚିତ। ଏଥିରେ ଜଣେ ମହିଳା ଅଧିକାରୀ ମଧ୍ୟ ରହିବା ଜରୁରୀ। କିନ୍ତୁ ସେ ରାଜ୍ୟର ବାସିନ୍ଦା ହୋଇ ନ ଥିବେ। ଏହି କମିଟି ୨୮ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ଦରକାର। ତେବେ ସର୍ବୋଚ୍ଚ ନ୍ୟାୟାଳୟ ମନ୍ତ୍ରୀଙ୍କ ଗିରଫ ଉପରେ କଟକଣା ଲଗାଇ ଦେଇଛନ୍ତି। କିନ୍ତୁ ପରିଣାମ ଭୋଗିବାକୁ ପଡିବ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆମେ କଡ଼ା ନଜର ରଖିବାକୁ ଚାହୁଁଛୁ। ଏହା ସରକାରଙ୍କ ଅଗ୍ନି ପରୀକ୍ଷା ବୋଲି କୋର୍ଟ କହିଛନ୍ତି।

ଏହା ପୂର୍ବରୁ ଗତ ୧୪ ତାରିଖରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ମଧ୍ୟପ୍ରଦେଶ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଇନ୍ଦୋରର ମହୁ ଥାନାରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ଏହା ବିରୋଧରେ ଶାହା ସୁପ୍ରିମକୋର୍ଟ ଯାଇଥିଲେ।



ପ୍ରବଳ ବର୍ଷାରେ ଉବୁଟୁବୁ ବେଙ୍ଗାଲୁରୁ

## ସଂସଦୀୟ କମିଟିକୁ ନେଇ ରାଜନୀତି ତେଜୁଛି

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଅନ୍ତର୍ଜାତୀୟସ୍ତରରେ ପାକିସ୍ତାନର ମୁଖା ଖୋଲିବା ଲାଗି ଭାରତ ସରକାର ଗଠନ କରିଥିବା ସର୍ବଦଳୀୟ ସଂସଦୀୟ କମିଟିକୁ ନେଇ ରାଜନୀତି ତେଜିବାରେ ଲାଗିଛି। କଂଗ୍ରେସ ଏହାକୁ ନେଇ ବିଜେପି ଉପରେ ପ୍ରଶ୍ନ ଉଠାଇ ଥିବାବେଳେ ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ସର୍ବଦଳୀୟ ପ୍ରତିନିଧିମଣ୍ଡଳକୁ ବହିଷ୍କାର କରିବାକୁ କହିଛନ୍ତି। କିନ୍ତୁ ଏହାକୁ ନେଇ ଏନ୍‌ସିପି (ଏସପି) ମୁଖ୍ୟ ଶରଦ ପାୱାର ଦେଇଥିବା ମନ୍ତବ୍ୟ ଚର୍ଚ୍ଚାରେ ରହିଛି। ସେହିପରି ଏହି ସର୍ବଦଳୀୟ ପ୍ରତିନିଧିମଣ୍ଡଳରୁ ଟିଏମ୍‌ସି ସାଂସଦ ୟୁସୁଫ ପଠାନ ଓହରିଯିବାକୁ ନେଇ ବିଜେପି ଏବଂ ଟିଏମ୍‌ସି ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ବିଜେପିକୁ 'ସିନ୍ଦୂରର ସୌଦାଗର' କହିଛି। ଟ୍ରମ୍ପ ଯୁଦ୍ଧ ବନ୍ଦ କରୁଥିବା ଦାବି କରୁଛନ୍ତି। ଭାରତ ସହ ବାଣିଜ୍ୟ ବନ୍ଦ କରିବାକୁ ଧମକ ଦେଉଛନ୍ତି। ସିନ୍ଦୂରକୁ ନେଇ ମୂଳଚାଲ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ଚୁପ୍ ରହିଛନ୍ତି।

ଅନ୍ୟପଟେ ୟୁସୁଫ ପଠାନ ଓହରିଯିବାକୁ ନେଇ ଟିଏମସି ପକ୍ଷପାତପୂର୍ଣ୍ଣ ରାଜନୀତି କରୁଛି ବୋଲି ବିଜେପି ଅଭିଯୋଗ କରିଛି। କିନ୍ତୁ ଦଳକୁ ନ ଜଣାଇ କେଉଁ ସାଂସଦ ଯିବେ ତାହା କେନ୍ଦ୍ର ସ୍ଥିର କରିଥିବାରୁ ଟିଏମସି ଏପରି ପଦକ୍ଷେପ ନେଇଥିବା ସୂଚନା ମିଳିଛି। କେନ୍ଦ୍ର ଜଣାଇଲେ କାହାକୁ ପଠାଯିବ ତାହା ଆମେ ସ୍ଥିର କରିବୁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସେହିପରି ସଞ୍ଜୟ ରାଉତଙ୍କ ଦାବିକୁ ଏଡାଇ ଦେଇ ଅନ୍ତର୍ଜାତୀୟ ମାମଲାରେ ଦଳଗତ ରାଜନୀତି ନ ହେବା ଉଚିତ ବୋଲି ଶରଦ ପାୱାର କହିଛନ୍ତି।

## ଅସ୍ତ୍ରବିରତିରେ ଆମେରିକାର କୌଣସି ଭୂମିକା ନଥିଲା

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ସମଗ୍ର ବିଶ୍ୱରେ ପାକିସ୍ତାନର ମୁଖା ଖୋଲିବା ପାଇଁ ଭାରତ ସରକାର ୫୯ ସଦସ୍ୟ ବିଶିଷ୍ଟ ସର୍ବଦଳୀୟ କମିଟି ଗଠନ କରିଛନ୍ତି। ଏହି କମିଟି ବିଭିନ୍ନ ଦେଶକୁ ଯାଇ ପାକିସ୍ତାନ ମିଛ ଏବଂ ଅପପ୍ରଚାରର ପର୍ଦ୍ଦାଫାସ କରିବ। ବିଦେଶ ଯାତ୍ରା ଆରମ୍ଭ କରିବା ପୂର୍ବରୁ ବିଦେଶ ସଚିବ ବିକ୍ରମ ମିଶ୍ରି ସୋମବାର ଏହି ସଂସଦୀୟ କମିଟିକୁ ଭାରତ-ପାକିସ୍ତାନ ସଂଘର୍ଷ ବିଷୟରେ ସୂଚନା ଦେଇଛନ୍ତି। 'ଅପରେସନ ସିନ୍ଦୂର' ଅଧିନରେ କରାଯାଇଥିବା ଏୟାର ଷ୍ଟ୍ରାଇକ ଏବଂ ଗତ ୧୦ ତାରିଖରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିର ସମସ୍ତ ସୂଚନା ପ୍ରଦାନ କରିଛନ୍ତି। ଏହି ବୈଠକରେ କଂଗ୍ରେସ ସାଂସଦ ଶଶୀ ଥରୁର, ରାଜୀବ ଶୁକ୍ଳା, ଦୀପେନ୍ଦ୍ର ହୁଡ୍ଡା, ଟିଏମସିର ଅଭିଷେକ ବାନାର୍ଜୀ, ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସି ଏବଂ ଅରୁଣ ଗୋଭିଲଙ୍କ ଭଳି ସଦସ୍ୟ ଉପସ୍ଥିତ ଥିଲେ।

■ ଜୟଶଙ୍କରଙ୍କ ନିରବତାକୁ ନେଇ ପୁଣି ପ୍ରଶ୍ନ ଉଠାଇଲେ ରାହୁଲ

ଥରୁରଙ୍କ ଅଧ୍ୟକ୍ଷତାରେ ୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ଏହି ବୈଠକରେ ସଦସ୍ୟମାନେ ଘଟଣାକୁ ନେଇ ଅନେକ ପ୍ରଶ୍ନ ପଚାରି ଥିଲେ। ଏଥିରେ ଅସ୍ତ୍ରବିରତି, ଆମେରିକା ରାଷ୍ଟ୍ରପତିଙ୍କ ଦାବି, ଆକ୍ରମଣକାରୀ ଆତଙ୍କବାଦୀ କୁଆଡେ ଗଲେ, ପାକିସ୍ତାନକୁ ଏକଘରିକିଆ କରିବା ପାଇଁ କି ପଦକ୍ଷେପ ନିଆଯାଇଛି। ଆଦି ଅନେକ ପ୍ରଶ୍ନ ପଚରା ଯାଇଥିଲା। ଉତ୍ତରରେ ମିଶ୍ରି କହିଥିଲେ ଯେ ଅସ୍ତ୍ରବିରତି ଦ୍ୱିପାକ୍ଷିକ ନିଷ୍ପତ୍ତି ଥିଲା। ଏଥିରେ ଆମେରିକାର କୌଣସି ଭୂମିକା ନ ଥିଲା। ଅପରେସନ ସିନ୍ଦୂର ଆରମ୍ଭ ପୂର୍ବରୁ ପାକିସ୍ତାନକୁ କୁହାଯାଇ ନ ଥିଲା। ପାକିସ୍ତାନ ଚୀନ୍ ଡ୍ରୋନ ବ୍ୟବହାର କରିବା ମଧ୍ୟ କୌଣସି ପ୍ରସଙ୍ଗ ନୁହେଁ। କାରଣ ଏହାର ଜବାବରେ ଭାରତ ପାକିସ୍ତାନ ଏୟାରବେସରେ ଆକ୍ରମଣ କରିଥିଲା। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣିଥରେ ବିଦେଶମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ନିଶାଣ କରିଛନ୍ତି। ସେ ପୁଣି ଦାବି କରିଛନ୍ତି ଯେ କେନ୍ଦ୍ର ସରକାର ଅପରେସନ ସିନ୍ଦୂର ଆରମ୍ଭରେ ପାକିସ୍ତାନକୁ ସୂଚନା ଦେଇଥିଲେ। ଏହା 'ବିଫଳତା' ନୁହେଁ, ବରଂ ଏକ 'ଅପରାଧ'। ଦେଶ ସତ ଜାଣିବା ଆବଶ୍ୟକ। ଏହି ଲଢେଇରେ ଭାରତର କେତେ ବିମାନ ହରାଇଛି ବୋଲି ପଚାରିଛନ୍ତି। ସେ ଏହା ଉପରେ ଜୟଶଙ୍କରଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ନିରବତା ନିନ୍ଦନୀୟ ବୋଲି କହିଛନ୍ତି। ଏହାକୁ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ରାହୁଲ ତଥ୍ୟକୁ ସମ୍ପୂର୍ଣ୍ଣ ଭୁଲ ଉପସ୍ଥାପନ କରୁଛନ୍ତି। ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଏଭଳି ବୋଲି ଅଭିଯୋଗ ଲଗାଯାଇଛି।

# ୪ ଡିସିମିଲ୍ ଜମି ନ ଥିଲେ ଭୂମିହୀନ

**ଭୁବନେଶ୍ୱର,୧୯।୫(ସମିସ):** ରାଜ୍ୟର ଭୂମିହୀନ ବା ନିଜସ୍ୱ ଘର ନିର୍ମାଣ କରିବାକୁ ଘର ପଟ୍ଟା ନାହିଁ ସେମାନଙ୍କୁ ବସୁନ୍ଧରା ଯୋଜନାରେ ୪ ଡେସିମିଲ୍ ପଟ୍ଟା ଯୋଗାଇ ଦିଆଯିବ। ଏହି କ୍ରମରେ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ରାଜ୍ୟରେ କେହି ଭୂମିହୀନ ରହିବେ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ ରାଜ୍ୟ କେହି ଭୂମିହୀନ ରହିବେ ନାହିଁ। ସମସ୍ତଙ୍କ ପାଖରେ ଘର ନିର୍ମାଣ ପାଇଁ ଅତି କମ୍‌ରେ ୪ ଡେସିମିଲ୍ ଜମି ରହିଥିବ। ରାଜ୍ୟରେ ବର୍ତ୍ତମାନ ବହୁ ଲୋକଙ୍କର ଜମି ରହିଛି। ମାତ୍ର ସେତିକି ଜମି ପର୍ଯ୍ୟାପ୍ତ ନୁହେଁ। ଅନେକ ଲୋକ ଉତ୍ତରାଧିକାରୀ ସୂତ୍ରରେ ଅଧା ଡିସିମିଲ୍ ଜମି ମଧ୍ୟ ପାଇଛନ୍ତି। ମାତ୍ର ଏହା ଘର କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଭୂମିହୀନ ଲୋକର ପରିଭାଷାକୁ ପରିବର୍ତ୍ତନ କରାଯାଇଛି। ଏହି ଆଧାରରେ ଯେଉଁ ଲୋକଙ୍କ ନିକଟରେ ୪ ଡିସିମିଲ୍ ଜମିରୁ କମ୍ ଜମି ରହିଛି, ତାଙ୍କୁ ମଧ୍ୟ ଭୂମିହୀନ ଭାବେ ଗଣନା କରାଯିବ। ଏହାପରେ ସେମାନଙ୍କୁ ୪ ଡିସିମିଲ୍ ଜମି ପ୍ରଦାନ କରାଯିବ। ଯଦି ଗୋଟିଏ ଲୋକ ପାଖରେ ୨ ଡିସିମିଲ୍ ଜମି ଅଛି, ତେବେ ସରକାର ତାଙ୍କୁ ଆଉ ୨ ଡିସିମିଲ୍ ଜମି ଯୋଗାଇ ଦେବେ ବୋଲି ମନ୍ତ୍ରୀ କହିଛନ୍ତି। ଏବେ ତହସିଲଦାର ମାନେ ୪ ଡିସିମିଲ୍‌ରୁ କମ୍ ଥିବା ଲୋକମାନଙ୍କୁ ଠାବ କରିବେ ଓ ଏହା ପରେ ଜମି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ହଜାର ହଜାର ଆଦିବାସୀଙ୍କୁ ବାସହରା କରିବ ପୋଲାଭରମ୍



**ଭୁବନେଶ୍ୱର,୧୯।୫(ସମିସ):** ଆସନ୍ତା ୨୦୨୭ ମସିହା ଅକ୍ଟୋବର ୨୭ ତାରିଖ ସୁଦ୍ଧା ପୋଲାଭରମ୍ ପ୍ରକଳ୍ପ ସାରିବାକୁ ଆନ୍ଧ୍ର ପ୍ରଦେଶ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୨୦୨୪-୨୫ରେ କେନ୍ଦ୍ର ସରକାର ପ୍ରକଳ୍ପ ପାଇଁ ଆନ୍ଧ୍ର ସରକାରଙ୍କୁ ୧୨୧୫୭ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା ପ୍ରଦାନ କରିଥିଲେ ଓ ୨୦୨୫-୨୬ରେ କେନ୍ଦ୍ର ବଜେଟରେ ଏହି ପ୍ରକଳ୍ପ ପାଇଁ ଆନ୍ଧ୍ରକୁ ୫ ୯୩୬ କୋଟି ଟଙ୍କାର ସହାୟତା ବ୍ୟବସ୍ଥା କରିଛନ୍ତି। କେବଳ ଆର୍ଥିକ ଅନୁଦାନ ନୁହେଁ, ପ୍ରକଳ୍ପ ଶୀଘ୍ର ସାରିବାକୁ ଗତ ଜାନୁଆରୀ ମାସରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସଂସଦୀୟ ଷ୍ଟାଣ୍ଡିଂ କମିଟି ଆନ୍ଧ୍ର ପ୍ରଦେଶ ଗସ୍ତରେ ଆସି ଆନ୍ଧ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶା ବିପୁଳ କ୍ଷତିଗ୍ରସ୍ତ ହେଉଥିବାବେଳେ କେନ୍ଦ୍ର ସରକାର ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରିଚାଲିଥିବା ମଧ୍ୟ ଅଭିଯୋଗ ହୋଇଛି ।

ଜଳ ବିଶେଷଜ୍ଞ ଇଞ୍ଜିନିୟର ଲଳିତ ପଟ୍ଟନାୟକଙ୍କ ଅନୁଯାୟୀ ପ୍ରକଳ୍ପ ଉଚ୍ଚତା ୧୫୦ ଫୁଟ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ଆସିବାର ଆକଳନ ହୋଇଛି। ଯାହାଫଳରେ ଓଡ଼ିଶାର ମାଲକାନଗିରି ଜିଲ୍ଲା ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟ ଉଚ୍ଚତାର ପଛୁଆ ଜଳ ମାଲକାନଗିରି ଜିଲ୍ଲାର ବିଶାଳ ଅଞ୍ଚଳକୁ ଜଳମଗ୍ନ କରିବ। ତେଣୁ କ୍ଷୟକ୍ଷତି ନେଇ ସର୍ଭେ ଏକାନ୍ତ ଜରୁରୀ ହୋଇଥିବା ବେଳେ ଏହାକୁ ବାରମ୍ବାର ଅଗ୍ରାହ୍ୟ କରି ଦିଆଯାଉଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ଓ ପରିବେଶ ପ୍ରଭାବ ଆକଳନ ପାଇଁ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ପରାମର୍ଶକୁ ଆନ୍ଧ୍ରପ୍ରଦେଶ ସରକାର କର୍ଣ୍ଣପାତ କରିନାହାନ୍ତି । ଏ ସମ୍ପର୍କରେ ବିଜେଡି ବାରମ୍ବାର ଦାବି କରିଥିଲେ ହେଁ, କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଆନ୍ଧ୍ର ଉପରେ ଚାପ ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାର ମଧ୍ୟ ପୋଲାଭରମ ପ୍ରକଳ୍ପ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରିଚାଲିଛନ୍ତି । ନିକଟରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ନିକଟରେ ଏକ ସମୀକ୍ଷା ବୈଠକରେ ପ୍ରକଳ୍ପର ୭୦% କାର୍ଯ୍ୟ ଶେଷ ହୋଇଥିବା ସୂଚନା ଦିଆଯାଇଛି। ତେଲଙ୍ଗାନାରେ ଡବଲ ଇଞ୍ଜିନ ସରକାର ନଥିବା ସତ୍ତ୍ୱେ ପୋଲାଭରମ୍ ପ୍ରକଳ୍ପ କାରଣରୁ ତେଲେଙ୍ଗାନାର କେତେ ଅଞ୍ଚଳ ଜଳମଗ୍ନ ହେବ ସେନେଇ ସର୍ଭେ କରିବାକୁ ସ୍ଥାନୀୟ ସରକାର ସଫଳ ହୋଇଛନ୍ତି। ତେଲେଙ୍ଗାନାର ପ୍ରବଳ ଚାପ ଆଗରେ ପୋଲାଭରମ ପ୍ରକଳ୍ପ ଅଥରିଟି ଓ ଆନ୍ଧ୍ର ସରକାର ମୁଣ୍ଡ ନୁଆଁଇଥିବା ବେଳେ ତେଲେଙ୍ଗାନା ଅଞ୍ଚଳରେ ମ୍ୟାପିଂ କରିବାକୁ ବଡ଼ ନିଷ୍ପତ୍ତି ନିଆଯାଇଛି। ମାତ୍ର ଓଡ଼ିଶାର କ୍ରମାଗତ ଦାବି ସତ୍ତ୍ୱେ ପ୍ରକଳ୍ପର ପଛୁଆ ପାଣି ଯୋଗୁଁ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ ।

ଏ ସମ୍ପର୍କରେ ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଅତୀତରେ ବିଜେଡି ସରକାର ସମୟରେ ଏନେଇ ଆମେ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ; ମାତ୍ର ଆମ କଥା ଶୁଣାଗଲା ନାହିଁ। ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ରାଜ୍ୟ ମଧ୍ୟରେ ପାତରଅନ୍ତର କରାଗଲା। ଏହାକୁ ରାଷ୍ଟ୍ରୀୟ ପ୍ରକଳ୍ପର ମାନ୍ୟତା ସହ ଅଯାଚିତ ଭାବେ ଅର୍ଥ ମଧ୍ୟ ପ୍ରଦାନ କରାଗଲା। ଯାହା ପାଇଁ ଓଡ଼ିଶା ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଓଡ଼ିଶାର ସ୍ୱାର୍ଥକୁ ପ୍ରାଥମିକତା ଦେଇ ଆନ୍ଧ୍ର ସହ ଆଲୋଚନା କରିବାକୁ ଦାବି କରିଛି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ନିକଟରେ ଏ ସମ୍ପର୍କରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ସରକାର ସବୁପ୍ରକାର ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ବୈଠକରେ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ତଥ୍ୟ ବୈଠକରେ ଉପସ୍ଥାପିତ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

- ମାଲକାନଗିରି ଜିଲ୍ଲାକୁ ବୁଡ଼ାଇବ ପଛୁଆ ପାଣି: ବିଶେଷଜ୍ଞ
- ସଂଘୀୟ ବ୍ୟବସ୍ଥାରେ ଓଡ଼ିଶା ପାତରଅନ୍ତର ଶିକାର : ପ୍ରସନ୍ନ
- ଓଡ଼ିଶାର ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ: ଆଇନ ମନ୍ତ୍ରୀ

■ ସଂରକ୍ଷିତ ଜଙ୍ଗଲରୁ ଗଛକଟା

# ଏନ୍‌ଜିଟିଙ୍କ ରିପୋର୍ଟ ତଲବ

**କଟକ, ୧୯।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଧୀନ ବଡ଼ପାରି ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଗଛ କଟାଯାଉଥିବା ଅଭିଯୋଗରେ ରୁଜୁ ମାମଲାକୁ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି ଜାତୀୟ ଗ୍ରୀନ ଟ୍ରିବୁନାଲ(ଏନଜିଟି)। ଦୀର୍ଘ ୫୦ବର୍ଷରୁ ଅଧିକ ସମୟ ଧରି ଏହି ଜଙ୍ଗଲ ରକ୍ଷଣାବେକ୍ଷଣ କରିଆସୁଥିବା ବଡ଼ପାରିର ଗିରି ଗୋବର୍ଦ୍ଧନ ଜଙ୍ଗଲ କମିଟି ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ଏନ୍‌ଜିଟି। ଆସନ୍ତା ୪ ସପ୍ତାହ ଭିତରେ ଖୋର୍ଦ୍ଧା ଜିଲ୍ଲାପାଳ ଓ ଡିଏଫ୍‌ଓଙ୍କୁ ନେଇ ଗଠିତ କମିଟି ଘଟଣାସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ ରିପୋର୍ଟ ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ମାମଲାରୁ ପ୍ରକାଶ, ବଡ଼ପାରି ଜଙ୍ଗଲ ପ୍ରାୟ ୭୦୦ ଏକର ପରିମିତ ଅଞ୍ଚଳକୁ ନେଇ ଅବସ୍ଥିତ। ଏଥିରେ ପ୍ରାୟ ୫୦ ଏକର ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ରହିଛି। ଗ୍ରାମବାସୀମାନେ ନିଜସ୍ୱ ଜମିକୁ ଜଙ୍ଗଲ ପାଇଁ ଛାଡ଼ି ଆସିଛନ୍ତି ଓ ପାରମ୍ପରିକ ଭାବେ ସମସ୍ତେ ଜଗା ରଖା କରି ଆସୁଛନ୍ତି। ଇତିମଧ୍ୟରେ ଜନୈକ ବ୍ୟକ୍ତି ନିଜସ୍ୱ ଜମି ଆଳରେ ଉକ୍ତ ଜଙ୍ଗଲ ଜମି ସଫା କରି ତାହାକୁ ପ୍ଲଟ କରି ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ବିରୋଧ କରି ଗ୍ରାମର ଜଙ୍ଗଲ କମିଟି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୮ କୁ ସ୍ଥିର କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ଆଗକୁ ବଢୁଛି ମୌସୁମୀ

**ଭୁବନେଶ୍ୱର,୧୯।୫(ସମିସ):** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ି ଚାଲିଛି। ସୋମବାର ମୌସୁମୀ ଦକ୍ଷିଣ ଆରବ ସାଗରର ଆହୁରି ଅନେକ ଅଞ୍ଚଳ, ମାଲଦ୍ୱୀପ ଏବଂ କୋମରିନ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗର, କେନ୍ଦ୍ରୀୟ ବଙ୍ଗୋପସାଗରର ଆହୁରି କିଛି ଅଞ୍ଚଳ ସହ ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି। ପରିସ୍ଥିତି ଅନୁକୂଳ ରହିଥିବାରୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ଦକ୍ଷିଣ ଆରବ ସାଗରର ଆହୁରି କିଛି ଅଂଶ, ମାଲଦ୍ୱୀପ ଏବଂ କୋମୋରିନ୍‌ର ବାକି ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗରର, କେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଂଶରେ ପ୍ରବେଶ କରିବାର ଆଶା ସୃଷ୍ଟି ହୋଇଛି।

**ବୁଧବାରଠାରୁ ବଢ଼ିବ କାଳବୈଶାଖୀ ପ୍ରଭାବ**

ଅନ୍ୟପଟେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ସ୍ଥିତି ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ପ୍ରତିଦିନ ଅପରାହ୍ଣ ପରେ କାଳବୈଶାଖୀଜନିତ ସ୍ଥିତି ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେଉଛି। ଏଭଳି ସ୍ଥିତି ଆହୁରି ୫ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଏହି ସମୟରେ ଅନେକ ସ୍ଥାନରେ ବଜ୍ରପାତ ଆଶଙ୍କା କରି ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ପାଣିପାଗ କେନ୍ଦ୍ରର ପରାମର୍ଶ ଅନୁଯାୟୀ ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ବ୍ୟାପକ କାଳବୈଶାଖୀ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନର ବେଗ ୪୦-୫୦ କିମି ରହିବା ନେଇ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। କାଳବୈଶାଖୀର ପ୍ରଭାବ ବୁଧବାରଠାରୁ ବଢ଼ିବା ସହ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ଅନେକ ସ୍ଥାନରେ ବର୍ଷାର ମାତ୍ରା ବୃଦ୍ଧି ସାଙ୍ଗକୁ ପବନର ପ୍ରଭାବ ମଧ୍ୟ ବୃଦ୍ଧି ପାଇବ। ଏମିତି କି ଅନେକ ସ୍ଥାନରେ ପବନର ବେଗ ୬୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ବୁଧବାରଠାରୁ ପରବର୍ତ୍ତୀ ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। କାଳବୈଶାଖୀ ପ୍ରଭାବ ମଧ୍ୟରେ ମଙ୍ଗଳବାର କିଛି କିଛି ସ୍ଥାନରେ ପ୍ରବଳ ଗୁଳୁଗୁଳି ନେଇ ମଧ୍ୟ ଆଶଙ୍କା ରହିଛି।

# ରାଜ୍ୟରୁ ବିଦାହେବେ ବାଂଲାଦେଶୀ

**ଏସ୍‌ଟିଏଫ୍‌କୁ ନୋଡାଲ୍ ଏଜେନ୍ସି ଦାୟିତ୍ୱ**

**ସବୁ ଜିଲ୍ଲାରେ ଆରମ୍ଭ ହେଲା ଚିହ୍ନଟ ପକ୍ରିୟା**

**ଭୁବନେଶ୍ୱର,୧୯।୫(ସମିସ):** ପାକିସ୍ତାନ ସହିତ ଭାରତର ତିକ୍ତତା ବଢ଼ିବା ପରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ଦୀର୍ଘମିଆଦ ଭିସା ରଦ୍ଦ କରି ଦେଶରୁ ପାକିସ୍ତାନୀ ନାଗରିକଙ୍କୁ ବିଦା କରିଥିବାବେଳେ ଏବେ ପଡ଼ୋଶୀ ବାଂଲାଦେଶ ନାଗରିକଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହି କ୍ରମରେ ରାଜ୍ୟ ସରକାର ଦୀର୍ଘଦିନ ଧରି ବେଆଇନ ଭାବେ ବସବାସ କରୁଥିବା ଏବଂ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ବାଂଲାଦେଶୀମାନଙ୍କୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଓଡ଼ିଶାରେ ବେଆଇନ୍ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଉଛି। ବିଶେଷକରି ବାଂଲାଦେଶୀଙ୍କ ହଟ୍‌ସ୍ପଟ୍ ପାଲଟିଥିବା ଓଡ଼ିଶାର ତଟବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ବେଆଇନ୍ ବାଙ୍ଗଲାଦେଶୀ ଚିହ୍ନଟ କରାଯାଉଛି। ରାଜ୍ୟରୁ ଖୁବ୍‌ଶୀଘ୍ର ସେମାନଙ୍କୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ନେଇଛି ଏସ୍‌ଟିଏଫ୍। ବାଙ୍ଗଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସବୁ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏନେଇ ଏସ୍‌ଟିଏଫ ଡିଆଇଜି ପିନାକ ମିଶ୍ର କହିଛନ୍ତି ଯେ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ, ସବୁ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ତଟବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜଗତସିଂହପୁର, ପୁରୀ, ଗଞ୍ଜାମରେ ବି ଚିହ୍ନଟ ନେଇ ଧରପଗଡ଼ ହେଉଛି। ଚିହ୍ନଟ କରିବା ପକ୍ରିୟାରେ ବିଶେଷକରି ସ୍ଥାନୀୟ ସରପଞ୍ଚ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ ନିଆଯାଉଛି। ଅନେକ ବାଂଲାଦେଶୀ ଜଳପଥ ଦେଇ ଓଡ଼ିଶାରେ ପ୍ରବେଶ କରୁଛନ୍ତି। ତେଣୁ ସେମାନଙ୍କୁ ଧରିବା ପାଇଁ ଜଳପଥରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ଏଥିପାଇଁ ପାରାଦ୍ୱୀପ, ବାଲେଶ୍ୱର, ପୁରୀ ଆଦି ଉପକୂଳ ଜିଲ୍ଲାର ମେରାଇନ୍ ଥାନାକୁ ଆଲର୍ଟ କରାଯାଇଛି। ଯଦି କୌଣସି ସନ୍ଦିଗ୍ଧ ବୋର୍ଟ ତଟବର୍ତ୍ତୀ ଅଞ୍ଚଳରେ ଦୃଶ୍ୟମାନ ହୁଏ, ତେବେ ତୁରନ୍ତ ତାକୁ ଅଟକାଇ ପରିଚୟପତ୍ର ଯାଞ୍ଚ କରାଯିବ।

ଏଥିସହିତ ରାଜଧାନୀ ଭୁବନେଶ୍ୱରରେ ଏକାଧିକ ବାଂଲାଦେଶୀ ରହିଛନ୍ତି। ସେମାନେ ୟୁନିଟ-୩ ଏବଂ ସହରର ଅନେକ ବସ୍ତିରେ ଘର କରି ରହିଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରିବା ପାଇଁ ଗତକାଲି ଡିସିପି ଜଗମୋହନ ମୀନା କ୍ରାଇମ୍ ମିଟିଂରେ ସବୁ ଥାନା ଅଧିକାରୀ ଏବଂ ଏସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଏବେ ଥାନା ଅଧିକାରୀ ବସ୍ତି ବସ୍ତି ଯାଇ ବାଂଲାଦେଶୀଙ୍କୁ ଚିହ୍ନଟ କରିବ। ବଡ଼ କଥା ହେଲା, ରାଜଧାନୀରେ ଘଟୁଥିବା ଏକାଧିକ ଅପରାଧରେ ବାଂଲାଦେଶୀଙ୍କ ହାତ ରହୁଛି। ତେଣୁ ସେମାନଙ୍କୁ ଚିହ୍ନଟ କରି ନିଜ ଦେଶକୁ ପଠାଇଦେଲେ ରାଜ୍ୟରେ ଅପରାଧ କମିବ ବୋଲି ଡିସିପି କହିଛନ୍ତି।

# ବାଲ୍‌ତିରେ ପିଟି ମନ୍ଦିର ପୂଜକଙ୍କୁ ହତ୍ୟା

**ସେମିଳିଗୁଡ଼ା/ସୁନାବେଡ଼ା,୧୯।୫(ସମିସ):** କୋରାପୁଟ ଜିଲ୍ଲା ସୁନାବେଡ଼ା ଥାନା ଅଧୀନ କାକିଗାଁରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ମନ୍ଦିର ପୂଜକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, କାକିଗାଁ ଗ୍ରାମର ଶଙ୍କରରାନ୍ଧିଓରଫ୍ ଏଲିସ୍ ମୂର୍ଷା(୩୬)। ଅଭିଯୁକ୍ତମାନେ ତାଙ୍କୁ ବାଲ୍‌ତି ଓ ବଳାରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସୁନାବେଡ଼ା ପୁଲିସ୍ ଶବକୁ ଜବତ କରି କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ନମ୍ବର ୯୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଅପରପକ୍ଷେ, ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଦୁଇ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଦେବ ବଦଲିଗୁଡ଼ିଆ ଓ ଲକ୍ଷ୍ମୀଧର ନାୟକ। ପୁଲିସ୍ ଦୁହିଁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେହିପରି ଏହି ହତ୍ୟାକାଣ୍ଡକୁ କେନ୍ଦ୍ର କରି କାକିଗାଁ ଗାଁରେ ତୀବ୍ର ଉତ୍ତେଜନା ଦେଖାଦେଇଛି।

ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ସୂଚନାନୁଯାୟୀ, ସେମିଳିଗୁଡ଼ା ନିକଟସ୍ଥ କାକିଗାଁ ଗାଁର ଶଙ୍କର ଜଣେ କିନ୍ନର। ସେ ଗ୍ରାମଦେବୀଙ୍କ ମନ୍ଦିରରେ ଦୀର୍ଘ ଦିନ ହେବ ପୂଜାର୍ଚ୍ଚନା କରି ଆସୁଥିଲେ। ପୂଜାପାଠକୁ କେନ୍ଦ୍ର କରି ପଡ଼ୋଶୀ ଦେବ ବଦଲିଗୁଡ଼ିଆଙ୍କ ସହ ତାଙ୍କର ମନୋମାଳିନ୍ୟ ରହିଥିଲା। ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଶଙ୍କର ମନ୍ଦିରରୁ ଘରକୁ ଫେରୁଥିବା ବେଳେ ଘର ସାମ୍ନାରେ ବସିଥିବା ଦେବଙ୍କ ସହ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦେବ ଓ ତାଙ୍କ ସହଯୋଗୀ ଲକ୍ଷ୍ମୀଧର ହାତରେ ପିନ୍ଧିଥିବା ବଳା ଓ ଏକ ଲୁହା ବାଲ୍‌ତିରେ ଶଙ୍କରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦେବ ଲୁହା ବଳାରେ ଶଙ୍କରଙ୍କ ମୁଣ୍ଡକୁ ଏକାଧିକଥର ଶକ୍ତ ଆଘାତ ଦେବାରୁ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଏହା ଦେଖି ଅଭିଯୁକ୍ତଦ୍ୱୟ ସେଠାରୁ ଫେରାର୍ ହୋଇଯାଇଥିଲେ। କିଛି ସମୟ ପରେ ଶଙ୍କରଙ୍କ ଭାଇ ସଞ୍ଜିତ ଘଟଣାସ୍ଥଳରେ ପହଞ୍ଚି ଶଙ୍କରଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ସୁନାବେଡ଼ା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅପରପକ୍ଷେ, ବିଳମ୍ବିତ ରାତ୍ରିରେ ଅଭିଯକ୍ତଦ୍ୱୟ ସୁନାବେଡ଼ା ଥାନାରେ ଆତ୍ମସମର୍ପଣ କରିଥିଲେ।

■ ଫନି କ୍ଷତିଗ୍ରସ୍ତଙ୍କ ସହାୟତା ରାଶି ହଡ଼ପ ଅଭିଯୋଗ

# ପୁରୀ ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ଜବାବ ତଲବ

**କଟକ, ୧୯।୫ (ସମିସ):** ଗତ ଫନି ବ୍ୟାତ୍ୟାରେ କ୍ଷତିଗ୍ରସ୍ତ ଜନୈକ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ଅନୁକମ୍ପାମୂଳକ ସହାୟତା ରାଶିକୁ ବ୍ୟାଙ୍କରୁ ହଡ଼ପ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାକୁ ଓଡ଼ିଶା ମାନବାଧିକାର କମିସନ୍ (ଓଏଚଆରସି) ବିଚାର ପାଇଁ ଗ୍ରହଣ କରିଛନ୍ତି। ଏଥିସହ ପୁରୀ ଏସ୍‌ପିଙ୍କ ନିକଟରୁ ଏହି ପ୍ରସଙ୍ଗରେ ରିପୋର୍ଟ ତଲବ କରିଛନ୍ତି ମାନବାଧିକାର କମିସନ। ୭୭ ବର୍ଷୀୟ ଗୁଣ୍ଡିଚା ବେହେରାଙ୍କ ଆବେଦନର ଶୁଣାଣି କରି କମିସନ୍ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ଜିଲ୍ଲା ପିପିଲି ତହସିଲ ଅନ୍ତର୍ଗତ ଦକ୍ଷିଣସାହିଛକ ବାସିନ୍ଦା ଗୁଣ୍ଡିଚାଙ୍କ ମାଟି ଘର ଗତ ୨୦୧୯ ର ଫନି ବାତ୍ୟାରେ ଭାଙ୍ଗି ଯାଇଥିଲା। ସରକାରଙ୍କ ପକ୍ଷରୁ ଏଥିପାଇଁ ୯ ୫ହଜାର ଟଙ୍କାର ଅନୁକମ୍ପାମୂଳକ ସାହାୟତା ରାଶି ତାଙ୍କ ସାତଶଙ୍ଖ ଛକରେ ଥିବା ଜାତୀୟକରଣ ବ୍ୟାଙ୍କ ଖାତାରେ ୨୦୨୦, ଫେବ୍ରୁଆରି ୨୯ରେ ଜମା ହୋଇଥିଲା। ତେବେ ପିପିଲି ତହସିଲଦାରଙ୍କ ବ୍ୟାଙ୍କ ଖାତା ଅଚଳ କରାଯାଇଥବା ହେତୁ ଏହି ଟଙ୍କାକୁ ଉଠାଇବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅନୁମତି ଦେଇ ନଥିଲେ। ଆବେଦନକାରୀ ଏ ନେଇ ପିପିଲି ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବାରୁ ତାଙ୍କ ବ୍ୟାଙ୍କ ଖାତା ସଚଳ ଅଛି ଓ ଏହାକୁ ଅଚଳ କରିବାକୁ କିଛି ନିର୍ଦ୍ଦେଶ ନଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଆବେଦନକାରୀ ପରେ ଉକ୍ତ ବ୍ୟାଙ୍କ ଶାଖାରେ ଯାଇ ଯୋଗାଯୋଗ କରିବା ପରେ ଗତ୨୦୨୦, ମାର୍ଚ୍ଚ ୧୩ରେ ତାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଯାଇ ସାରିଛି ବୋଲ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ସେ ଟଙ୍କା ଉଠାଇନଥିବା ବେଳେ ତାଙ୍କ ବ୍ୟାଙ୍କ ଖାତାରୁ ଚଞ୍ଚକତା କରି ଅନ୍ୟ କେହି ଟଙ୍କା ନେଇ ଯାଇଥିବା ପିପିଲି ଥାନାରେ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଅଖଣ୍ଡ ଓ ବର୍ଷା ସ୍ୱାଇଁ ସହାୟତା କରୁଛନ୍ତି।

■ ରଥଖଳାରୁ...

# ଡେରାହେଲା ଚକ ଅଖ



**ପୁରୀ,୧୯।୫(ସମିସ):** ସୋମବାର ଥିଲା ଶ୍ରୀକ୍ଷେତ୍ର ଭଉଁରୀ। ପରମ୍ପରା ଅନୁଯାୟୀ ଏହି ପବିତ୍ର ତିଥିରେ ରଥଖଳାରେ ୩ଟି ଅଖ ସହ ଛଅଟି ଚକ ସଂଯୋଗ ପୂର୍ବକ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ପ୍ରଥମେ ୩ଟି ଅଖ ଏବଂ ୬ଟି ଚକର ଅଖ ବିନ୍ଧରେ ତେଲ ଦିଆଯାଇଥିଲା। ସିଂହଦ୍ୱାର ସମ୍ମୁଖ କୂଅରୁ ପାଣି ଅଣାଯାଇ ଡେରା ପାଇଁ ରହିଥିବା ଚକ ଏବଂ ଅଖକୁ ସ୍ନାନ କରାଯାଇଥିଲା। ୬ଟି ଚକ ପନ୍ଦାରିରେ କମାର ସେବକମାନେ ନଡ଼ିଆ ଭାଙ୍ଗି ଯୋକିଆ କଣ୍ଟା ବାଡ଼େଇଥିଲେ। ସେପଟେ ଶ୍ରୀମନ୍ଦିରରେ ପୂର୍ବାହ୍ନ ୧୧ଟା ୧୦ରେ ସକାଳ ଧୂପ ଶେଷ ହୋଇଥିଲା। ପରେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଛତି, ତରାଶ, କାହାଳି ସହ ପଟୁଆରରେ ରତ୍ନସିଂହାସନରୁ ଶ୍ରୀବିଗ୍ରହମାନଙ୍କ ୩ଟି ଆଜ୍ଞାମାଳ ନେଇ ରଥଖଳା ଅଭିମୁଖେ ବାହାରିଥିଲେ।

ବଡ଼ଠାକୁରଙ୍କ ବାଡ଼ରୁ ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ସାମନ୍ତ, ଦେବୀ ସୁଭଦ୍ରାଙ୍କ ବାଡ଼ରୁ ଗୋପବନ୍ଧୁ ପୂଜାପଣ୍ଡା ସାମନ୍ତ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରୁ ବିଶ୍ୱନାଥ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଆସିଥିଲେ। ପ୍ରଥମେ ଶ୍ରୀନଅରକୁ ଯାଇ ନିର୍ଦ୍ଦେଶ ପାଇବା ପରେ ରଥଖଳାରେ ପହଞ୍ଚିଥିଲେ। ଏହାପରେ ଭୋଇ ସେବକମାନେ ପ୍ରଥମେ ତାଳଧ୍ୱଜ ରଥର ଚକ ସହିତ ଅଖ ସଂଯୋଗ କରି ଡେରିଥିଲେ। ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ଚକଡେରା ସମ୍ପନ୍ନ ହୋଇଥିଲା। ରଥ ନିର୍ମାଣକାରୀ ସେବକଙ୍କ ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

ଚକଡେରା କାର୍ଯ୍ୟ ସମ୍ପନ୍ନ ହେବା ପରେ ତିନିଜଣ ପୂଜାପଣ୍ଡା ସାମନ୍ତ ଡେରା ଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପ୍ରଥମେ ତାଳଧ୍ୱଜ ରଥରେ ଆଜ୍ଞାମାଳ ଦିଆଯାଇଥିଲା। ପରେ ନନ୍ଦିଘୋଷ ରଥ ଏବଂ ଶେଷରେ ଦର୍ପଦଳନ ରଥର ଡେରାଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପରେ ତିନିରଥର ମୁଖ୍ୟ ମହାରଣାମାନେ ମହାପ୍ରଭୁଙ୍କୁ ପ୍ରଣାମ କରି ଚକରେ ଲାଗି ହୋଇଥିବା ଆଜ୍ଞାମାଳକୁ କାଢ଼ି ରଥଖଳା ସମ୍ମୁଖରେ ଥିବା ମା' ଚର୍ଚ୍ଚିକାଙ୍କ ପୀଠକୁ ନେଇଥିଲେ। ୩ଟି ଯାକ ଆଜ୍ଞାମାଳ ମା' ଚର୍ଚ୍ଚିକାଙ୍କୁ ଲାଗି କରାଯାଇଥିଲା। ଏହାପରେ ମହାରଣାମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଫେରିଥିଲେ।

ସୋମବାର ଚକଡେରା ନୀତିରେ ଭୋଇ ସେବକ ପ୍ରଥମ ହରିବୋଲ ପକାଇଛନ୍ତି। ରଥ ନିର୍ମାଣ ଶେଷ ପର୍ଯ୍ୟନ୍ତ ବିଧି ଅନୁଯାୟୀ ଆଉ ୮ଟି ହରିବୋଲ ପକାଯିବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି।

**ନିର୍ଦ୍ଧାରିତ ସମୟରେ ହୋଇ ପାରିଲାନି ନୂଆ କୁଳପତି ନିଯୁକ୍ତି**

# ପୁଣି ବର୍ଷେ ବଢ଼ିବ କେବଳ 'ଉତ୍କଳ' କୁଳପତିଙ୍କ କାର୍ଯ୍ୟକାଳ !

**ଭୁବନେଶ୍ୱର,୧୯।୫(ସମିସ):** ରାଜ୍ୟର ୭ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି । ଅସ୍ଥାୟୀ ଦାୟିତ୍ୱରେ ଥିବା କୁଳପତିମାନେ ବିଶ୍ୱବିଦ୍ୟାଳୟ ଚଳାଉଛନ୍ତି। ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ ରାଜ୍ୟରେ ଲାଗୁ ହୋଇଥିଲେ ମଧ୍ୟ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ ଓ କେବେ ସୁଦ୍ଧା ନୂଆ କୁଳପତି ନିଯୁକ୍ତି ପାଇବେ ତାହା ମଧ୍ୟ ସ୍ୱଷ୍ଟ ନୁହେଁ। ପୁଣି ନୂଆ ବିଶ୍ୱବିଦ୍ୟାଳୟ ନିୟମ ଅନୁସାରେ ସରକାର ଯାହାକୁ ଚାହିଁବେ ତାକୁ କୁଳପତି ନିଯୁକ୍ତି କରିବାର କ୍ଷମତା ରଖିଥିବାରୁ ଏହି ପଦ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ସନ୍ଧାନ କାର୍ଯ୍ୟ ଶେଷ ହୋଇ ପାରୁନାହିଁ । ଏହି ପରିପ୍ରେକ୍ଷୀରେ ନୂଆ କୁଳପତି ନିଯୁକ୍ତିରେ ଉଚ୍ଚଶିକ୍ଷା ବିଭାଗ ବିଫଳ ହୋଇଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବାକୁ ସବୁଜ ସଙ୍କେତ ଦେଇଛି କୁଳାଧିପତିଙ୍କ କାର୍ଯ୍ୟାଳୟ। ରାଜଭବନ ପକ୍ଷରୁ ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖାଯାଇଛି। ତେବେ ସ୍ଥାୟୀ କୁଳପତି ନ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରତିଷ୍ଠାନର ବରିଷ୍ଠ ପ୍ରଫେସର ବା ନିକଟସ୍ଥ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଉଥିବାବେଳେ ଉତ୍କଳ କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି ପରାମର୍ଶକୁ ଅନେକ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ବିଭାଗର କିଛି ବରିଷ୍ଠ ଅଧିକାରୀ ଓ ବିଶ୍ୱବିଦ୍ୟାଳୟର କିଛି ପ୍ରଫେସର ଏହାକୁ ନେଇ ଆପତ୍ତି କରିଥିବା ମଧ୍ୟ ସୂଚନା ମିଳିଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ୪ବର୍ଷିଆ କାର୍ଯ୍ୟକାଳ ଗତ ନଭେମ୍ବର ମାସରେ ଶେଷ ହୋଇଥିଲା। ଏହାପରେ ତିନି କୁଳପତିଙ୍କ କାର୍ଯ୍ୟକାଳ ୬ମାସ ବୃଦ୍ଧି କରାଯାଇଥିଲା। ଇତି ମଧ୍ୟରେ ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଜିଏମ୍ ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି । ସେମାନଙ୍କ ସ୍ଥାନରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଅସ୍ଥାୟୀ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ଆସନ୍ତା ୨୩ ତାରିଖରେ ଉତ୍କଳ କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବ । ତେଣୁ ତାଙ୍କ ସ୍ଥାନରେ ନୂଆ କୁଳପତିଙ୍କୁ ନିଯୁକ୍ତି ଦିଆଯିବା ଜରୁରୀ । ମାତ୍ର ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ରାଜଭବନ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଆହୁରି ଏକ ବର୍ଷ ବୃଦ୍ଧି କରାଯିବାକୁ ପରାମର୍ଶ ଦିଆଯାଇଛି । ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ବିଶ୍ୱବିଦ୍ୟାଳୟର ଅନେକ ବରିଷ୍ଠ ପ୍ରଫେସର, ଶିକ୍ଷାବିତ୍ ଭୃକୁଞ୍ଚନ କରିଛନ୍ତି ।

**୭ ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି**

# ତାଳଚେର ବନ୍ଦ ଆନ୍ଦୋଳନକୁ ଜନତାଙ୍କ ସମର୍ଥନ





## ଗାଡ଼ି ଚଳାଚଳ ଓ ଦୋକାନ ବଜାର ବନ୍ଦ

**ତାଳଚେରସଦର,୧୯ ।୫(ସମିସ):** କଣିହାଁ ଅଞ୍ଚଳର ଦଳିତ ଯୁବତୀଙ୍କୁ ଅପହରଣ, ଦୁଷ୍କର୍ମ ଓ ହତ୍ୟା ମାମଲାର ସିବିଆଇ ତଦନ୍ତ ସହ ୧୦ ଦଫା ଦାବିରେ ଦଳିତ ମହାସଂଘ, ଓଡ଼ିଶା ପରିଷଦ, ଡ. ବି.ଆର ଆମ୍ବେଦକର ସ୍ମୃତି ପରିଷଦ, ମହାନଦୀ କୋଇଲା ଠିକାଶ୍ରମିକ ସଂଗଠନ, ରେଲୱେ ଯୁବର କମିଟି, କଣିହାଁ ସୁରକ୍ଷା ମଞ୍ଚ, ଜନବିକାଶ କଲ୍ୟାଣ ସଂଘ, ଉତ୍କଳ ଆମ୍ବେଦକର ସମାଜସେନା, ମହିଳାମଞ୍ଚ ପକ୍ଷରୁ ଡିଆଯାଇଥିବା ବନ୍ଦ ପାଳନ ସୋମବାର ସଫଳ ହୋଇଛି। ଏହି ବନ୍ଦ ପାଳନକୁ ସାଧାରଣ ଜନତା ବେଶ୍ ସମର୍ଥନ କରିଥିଲେ। ଗାଡ଼ିମଟର ସହ ସମସ୍ତ ଦୋକାନ ବଜାର, ଖଣିଖାଦାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ସୁଭଦ୍ରା ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଅନ୍ୟ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା, ଯେଉଁ ପୁଲିସ ଅଧିକାରୀ କର୍ତ୍ତବ୍ୟରେ ଅବହେଳା କରିଛନ୍ତି ତାଙ୍କୁ ନିଲମ୍ବନ କରିବା, ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡବିଧାନ ଆଦି ଦାବିରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ ଅଧିକାରୀଙ୍କ ବିରୋଧରେ ଆଜିପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ମହିଳାମଞ୍ଚ ସଭାନେତ୍ରୀ ଙ୍ଗ ସଙ୍ଗିତା ବେହେରା ପ୍ରଶ୍ନ କରିଥିଲେ। ଏହି ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ବିଶ୍ୱ ଗୋଲ୍ଲାୟତ ଏକାକୀ ସୁଭଦ୍ରାଙ୍କୁ ଦୁଷ୍କର୍ମ ଓ ହତ୍ୟା କରିଥିବା ଅନୁଗୋଳ ଏସ୍‌ପି ରାହୁଲ ଜେନ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି। ତେବେ ସୁଭଦ୍ରାଙ୍କୁ ଦୁଷ୍କର୍ମ କରାଯାଇ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ପେଟ୍ରୋଲ ପକାଇ ଯେଉଁଭଳି ପୋଡ଼ି ଦିଆଯାଇଛି ତାହା ଜଣେ ଲୋକ ଆଦୌ କରିପାରିବ ନାହିଁ ବୋଲି ମିଳିତ ସଂଘ ପକ୍ଷରୁ କୁହାଯାଇଛି। ତେଣୁ ଏଥିରେ ସମ୍ପୃକ୍ତ ଅନ୍ୟ ଅପରାଧୀଙ୍କୁ ଗିରଫ କରିବା ସହ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର କରିବାକୁ ଦାବି କରାଯାଇଛି। ଆନ୍ଦୋଳନରେ ଙ୍ଗ ସଙ୍ଗିତା ବେହେରା, ଏଲ. ମାଣିକପ୍ରଭା, କୁଞ୍ଜବିହାରୀ ବେହେରା, ରାଜକିଶୋର ସାହୁ, ସଂଗ୍ରାମୀ କେଶରୀ ଭୂୟାଁ, ଅଭୟ ପାଣି, ଭୁପେନ ଥାପ୍ପା, ସତ୍ୟବ୍ରତ ମହାନ୍ତି, ଭାରତୀ ବେହେରା, ନନ୍ଦିନୀ ନାଏକ, କେଶବ ଭୂତିଆ, ଟିକା ଗୋବିନ୍ଦ ଚନ୍ଦ୍ର ନାଏକ, ମନୋଜ ନାଏକ ସମେତ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ।

## ଶାଳପଟା ବୋଝେଇ ପିକଅପ୍ ଜବତ



**କଣିହାଁ,୧୯ ।୫(ସମିସ):** କଣିହାଁ ବନାଞ୍ଚଳ ଅନ୍ତର୍ଗତ କୁମ୍ଭଣ୍ଡା ରାସ୍ତାରେ ବନ ବିଭାଗ ସୋମବାର ଶାଳପଟା ବୋଝେଇ ପିକଅପ୍ ଭ୍ୟାନ ଜବତ କରିଛି। ଏଥିରୁ ୭୮ ଖଣ୍ଡ ଶାଳପଟା ସହ ମୋଟ ୩୨ ସିଏଫ୍‌ଟି କାଠ ଜବତ କରାଯାଇଛି। ତେବେ ବନ କର୍ମଚାରୀଙ୍କୁ ଦେଖି ଚାଳକ ରାସ୍ତା କଡ଼ରେ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ପିକଅପ୍ ଭ୍ୟାନ୍ କୋଶଳା ଆଡୁ କୁମ୍ଭଣ୍ଡା ଅଭିମୁଖେ ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ କଣିହାଁ ବନ ବିଭାଗ ଚଢ଼ଉ କରିଥିଲା। ବନପାଳ ସେଠୀ, ବନରକ୍ଷୀ ଦୀପକ କୁମାର ସାହୁ, ରଞ୍ଜନ ପ୍ରଧାନ, ଧ୍ରୁବ ସାହୁ, ସଂସାର ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

## ଅଚିହ୍ନା ଯୁବକଙ୍କ ମୃତ୍ୟୁ



**ବର୍ଷାପାଳ,୧୯ ।୫(ସମିସ):** ବର୍ଷାପାଳ ଅଞ୍ଚଳରେ ଜଣେ ଯୁବକ କେବଳ ପ୍ୟାଣ୍ଟ ପିନ୍ଧି ଏଣେତେଣେ ବୁଲୁଥିବା ବେଳେ ଦୁଇଦିନ ତଳେ ସ୍ଥାନୀୟ ଶନି ମନ୍ଦିର ପାଖରେ ଅସୁସ୍ଥ ଅବସ୍ଥାରେ ପଡ଼ିରହିଥିଲେ। ଏ ନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପୁଲିସ ତାକୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ହୋଇଛି। ତେବେ ଯୁବକଙ୍କୁ ଚିହ୍ନଟ ପାଇଁ ଶବ ଗୃହରେ ରଖାଯାଇଛି।

## ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ

**ଅନୁଗୋଳ,୧୯ ।୫(ସମିସ):** ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ତଥା ନିର୍ବାଚନ ଅଧିକାରୀ ଅରୁଣ କୁମାର ଦାସଙ୍କ ସଭାପତିତ୍ୱରେ ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ହାତଟେକା ଭୋଟ ମାଧ୍ୟମରେ ବିଭିନ୍ନ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ପ୍ରସ୍ତାବିତ ନାମଗୁଡ଼ିକ ମଧ୍ୟରୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ରାଜକିଶୋର ଦାସ, ଉପସଭାପତି ରମେଶ ଚନ୍ଦ୍ର ସାହୁ, ଧନେଶ୍ୱର ସାହୁ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ, ଯୁଗ୍ମ ସମ୍ପାଦକ ଅରୁଣ କୁମାର ଦାସ, ସଂଗଠନ ସମ୍ପାଦକ ନେତ୍ରାନନ୍ଦ ସାମନ୍ତ, କୋଷାଧ୍ୟକ୍ଷ ଦାମୋଦର ଦାସ, ସାଂସ୍କୃତିକ ସମ୍ପାଦକ କିଶୋର ଚନ୍ଦ୍ର ଦେହୁରୀ, ସମୀକ୍ଷକ ଭାବେ ଧ୍ରୁବଚରଣ ସାହୁ, କିଶୋର ଚନ୍ଦ୍ର ସାହୁ, ଉପଦେଷ୍ଟା ଭାବେ ବସନ୍ତ କୁମାର ଦାସ, ଉତ୍ତମ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ହୃଷୀକେଶ ସାହୁ, ବିକ୍ରମ କୁମାର ସିଂହ ସାମନ୍ତ, ପ୍ରମୋଦ ଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ସାମନ୍ତ, ଦୁର୍ଗାଚରଣ ସାହୁ, ବାବାଜୀ ସାସମଲ, ଭଗବାନ ମହାପାତ୍ର, ଗନ୍ଧର୍ବ ବେହେରା, ଶ୍ରୀପତି ମହାପାତ୍ର, ଗୋକୁଳ ଚନ୍ଦ୍ର ସାମନ୍ତ, ସତ୍ୟବାଦୀ ଦାସ ପ୍ରମୁଖଙ୍କୁ ଚୟନ କରାଯାଇଛି। ନବନିର୍ବାଚିତ ସଭାପତି ଦାସ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇ ବରିଷ୍ଠ ନାଗରିକଙ୍କ ଉନ୍ନତି ତଥା ଗ୍ରାମର ଉନ୍ନୟନ କାର୍ଯ୍ୟରେ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ସଦସ୍ୟ ଅରୁଣ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୋଳରେ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ

# ବିଜେପି ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି: ମନ୍ତ୍ରୀ

**ଅନୁଗୋଳ,୧୯ ।୫(ସମିସ):** ଅନୁଗୋଳ ସଭାଘରଠାରେ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଖାଉଟି କଲ୍ୟାଣ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକଙ୍କ ସରକାର ଆଜି ମହିଳା, ଯୁବକ, ଶ୍ରମିକ ଓ କୃଷକମାନଙ୍କ ସାମଗ୍ରୀକ ବିକାଶ ପାଇଁ କାର୍ଯ୍ୟ କରୁଛି। ନିର୍ବାଚନ ସମୟରେ ବିଜେପିର ସଂକଳ୍ପପତ୍ରରେ ସ୍ଥାନିତ ହୋଇଥିବା ସମସ୍ତ ପ୍ରତିଶ୍ରୁତି ଆଜି ଗୋଟି ଗୋଟି କରି ପୂରଣ ହେବାରେ ଲାଗିଛି। କୃଷକମାନଙ୍କ ଆୟ ଦୁଇଗୁଣ କରିବା ପ୍ରତିଶ୍ରୁତି ମଧ୍ୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରାଯାଇ ପୂରଣ କରାଯାଇଛି। ବିକଶିତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ମାଝୀ ଅହରହ ପରିଶ୍ରମ କରୁଛନ୍ତି। ତାଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ହେବ ବୋଲି ମନ୍ତ୍ରୀ ପାତ୍ର ପ୍ରକାଶ କରିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ କୃଷକମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଯେଉଁଭଳି ଭାବେ ସମାଧାନ କରାଯାଉଛି ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ବୋଲି ପ୍ରକାଶ କରିଥିଲେ। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି କହିଲେ, କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ମୋହନ ସରକାର ୨୦୪୭ ଓ ୨୦୩୬ ମିଶନକୁ ନେଇ ବିକଶିତ ଭାରତ ସହ ବିକଶିତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ଜନସାଧାରଣଙ୍କ ସେବା କରିବାର ଦାୟିତ୍ୱ ବିଜେପିକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସମଗ୍ର ରାଜ୍ୟରେ ବିକାଶର ଧାରା ଚାଲୁ ରହିବା ସହ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଜ ଅଭିଯୋଗ ଜଣାଇ ପାରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ପୁଲିନ ପ୍ରକାଶ ପୁହାଣ, ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଗତ, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ସଂଯୋଜକ ଜଗନ୍ନାଥ ଗଡ଼ନାୟକ ପ୍ରମୁଖ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦୁପତ୍ର ମୁନସୀ ଓ ଫଡ଼ିସାଥୀଙ୍କ ବୈଠକ



**କିଶୋରନଗର,୧୯ ।୫(ସମିସ):** ବାମୁର କେନ୍ଦୁପତ୍ର ରେଞ୍ଜ କଟପାଲ୍ଲୀଠାରେ କେନ୍ଦୁପତ୍ର ମୁନସୀ ଓ ଫଡ଼ିସାଥୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁନସୀ ଓ ଫଡ଼ିସାଥୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷର କେନ୍ଦୁପତ୍ର ଲେଉଟା, ପିଇବା ପାଣି ବୋହିବା ପାଇଁ ଝରା, ମଞ୍ଚୀ ସ୍ଥାପନ, ପତ୍ର ଥାପି ମାରିବା ଆଦି ଡ୍ରାଇଙ୍ଗ ଓ ଷ୍ଟୋରେଜ କାର୍ଯ୍ୟରେ ସରକାରଙ୍କ ନିର୍ଦ୍ଧାରିତ ମଜୁରି ହଜାରେ କେରିପ୍ରତି ୧୩୯ ଟଙ୍କା ୭ ପଇସା ନେଇ କେନ୍ଦୁପତ୍ର ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି। ଶ୍ରମିକ ଶୋଷଣ ତଥା ପୂର୍ବ ମଜୁରି ପ୍ରଦାନକୁ ବୈଠକରେ ତୀବ୍ର ସମାଲୋଚନା କରାଯାଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ,ଶ୍ରମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସରକାରଙ୍କ ଧାର୍ଯ୍ୟ ମଜୁରି ଯଦି ପ୍ରଦାନ କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଫଡ଼ିସାଥୀ ଓ ମୁନସୀମାନେ ଚେତାବନୀ ଦେଇଛନ୍ତି।

## ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ଅଚାନକ ପରିଦର୍ଶନ



**ଖମାର,୧୯ ।୫(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ୍ ତଥା ଖମାର ଥାନା ଅଧୀନ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରବିବାର ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍ଗ ଅବନୀକାନ୍ତ ସାହୁ ଅଚାନକ ପରିଦର୍ଶନରେ ଆସି ରୋଗୀଙ୍କ ଭଲମନ୍ଦ ବୁଝିଛନ୍ତି। ଏଥିସହ ହସ୍ପିଟାଲରେ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟ, ଏବଂ ଏନଆର୍‌ସି ବୁଲି ଦେଖିଥିଲେ। ଗତ ମାସରେ ଖାଦ୍ୟ କମିଶନ ଅଧ୍ୟକ୍ଷ ନଗିରା ଓ ବାଗୁଡ଼ିଭୁୟାଁ ଅଞ୍ଚଳ ପରିଦର୍ଶନ ବେଳେ ସେଠାରେ ବହୁ ଅପପୁଷ୍ଟିର ଶିକାର ଶିଶୁଙ୍କୁ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ରାଜ୍ୟ ସରକାରଙ୍କୁ ମଧ୍ୟ ଜଣାଇଥିଲେ। ଅପପୁଷ୍ଟିର ଶିକାର ପିଲାମାନଙ୍କ ଉତ୍ତମ ଚିକିତ୍ସା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଥିଲେ। ତେବେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପପୁଷ୍ଟିର ଶିକାର ତିନି ଶିଶୁ ଆସି ଚିକିତ୍ସିତ ହେଉଥିବା ଖବର ପାଇ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ମେଡିକାଲ ପରିଦର୍ଶନ କରିଥିଲେ। କିନ୍ତୁ ହସ୍ପିଟାଲ୍‌ର ଏସି କାମ କରୁ ନ ଥିବା କହି ସେହି ପିଲାମାନଙ୍କୁ ଫେରାଇ ଦିଆଯାଇଥିବା ସମ୍ପର୍କରେ ସେ ଅବଗତ ହେବା ପରେ କ୍ଷୁବ୍ଧ ହୋଇଥିଲେ। ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନା ଏସି କାମ କରୁଛି ନା ପଙ୍ଖା। ଯଦି ଅପପୁଷ୍ଟିର ଶିକାର ପିଲାମାନଙ୍କୁ ହସ୍ପିଟାଲ୍‌ରୁ ଡାକ୍ତରମାନେ ଫେରାଇଦେବେ ତେବେ ଏଠାରେ ଅନ୍ୟାନ୍ୟ ଚିକିତ୍ସା କିପରି ଚାଲିଥିବା ତାହା ସହଜେ ଅନୁମେୟ। ଖାଦ୍ୟ କମିଶନ ଅଧ୍ୟକ୍ଷ ସେହି ୩ ଶିଶୁଙ୍କ ନାମ ରେଜିଷ୍ଟରରୁ ଯାଞ୍ଚ୍ କଲାବେଳେ ସେଥିରେ ତାଙ୍କର କୌଣସି ଠିକଣା ଲେଖାଯାଇ ନ ଥିଲା। କେବଳ ଛୁଆ ନାଁ ଏବଂ ବାପା ନାଁ ଲେଖାଯାଇଥିଲା। ଏ ବିଷୟରେ ପଚାରିବା ପାଇଁ ଖାଦ୍ୟ କମିଶନ ଅଧ୍ୟକ୍ଷ କାଉନସିଲରଙ୍କ ଅଫିସ୍‌କୁ ଯାଇଥିବା ବେଳେ ରବିବାର ଛୁଟି ଯୋଗୁଁ ସେ ଅଫିସ୍ ଚାବି ନେଇ ଘରକୁ ପଳାଇଥିବା ଜଣାପଡ଼ିଥିଲା। ଏଏନଏମ୍ ଦିଦି କୌଣସି ରେଜିଷ୍ଟର ଦେଖାଇପାରି ନ ଥିଲେ। ଅଧ୍ୟକ୍ଷ ଭିଜିଟର ରେଜିଷ୍ଟର ମାଗିଥିଲେ ମଧ୍ୟ ତାହା ବି ମିଳି ନ ଥିଲା। ହସ୍ପିଟାଲ୍‌ରେ ରୋଗୀଙ୍କୁ ଠିକ୍ ସମୟରେ ଖାଦ୍ୟ ଦିଆଯାଉଛି କି ନାହିଁ ତାହା ମଧ୍ୟ ଅଧ୍ୟକ୍ଷ ରୋଗୀମାନଙ୍କଠାରୁ ପଚାରି ବୁଝିଥିଲେ। ହସ୍ପିଟାଲ୍‌ରେ ରୋଗୀଙ୍କ ବେଡ୍‌ରେ କୌଣସି ବେଡ୍‌ସିଟ୍ ପଡ଼ି ନ ଥିବା ଦେଖିବାକୁ ପାଇଥିଲେ। ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏନ୍‌ଆର୍‌ସିର ଅବ୍ୟବସ୍ଥା ସମ୍ପର୍କରେ ଖାଦ୍ୟ କମିଶନ ଅଧ୍ୟକ୍ଷ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ସହିତ ଆଲେଚନା କରିବେ ବୋଲି କହିଛନ୍ତି। ଅନ୍ୟପଟେ ଅଧ୍ୟକ୍ଷ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ହସ୍ପିଟାଲ୍ ଇନ୍‌ଚାର୍ଜ ଡା. ଶଶିକାନ୍ତ ବେହେରାକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏହି ଅବସରରେ ଖମାର ଅଞ୍ଚଳର ଲୋକେ ଅଭିଯୋଗ କରିଥିଲେ ଡା. ବେହେରା ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନ ରହି ତାଳଚେରରେ ଏକ ଘରୋଇ କ୍ଲିନିକ୍ କରି ରୋଗୀ ଦେଖିବା ସହ ବ୍ୟବସାୟ କରୁଥିବା ଅଭିଯୋଗ କରିଥିଲେ।

# ସୁଭଦ୍ରାଙ୍କୁ ନ୍ୟାୟ ଦାବିରେ ଏନଟିପିସି, କଣିହାଁ ବନ୍ଦ

**କଣିହାଁ,୧୯ ।୫(ସମିସ):** କଣିହାଁ ବ୍ଲକ ଲୋଧାଝରୀ ଗ୍ରାମର ସୁଭଦ୍ରାଙ୍କୁ ଅପହରଣ, ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦାବିରେ ସୋମବାର କଣିହାଁ, ଏନଟିପିସି ଅଞ୍ଚଳରେ ବିଭିନ୍ନ ସଂଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ଅଖିଳ ଭାରତୀୟ ପରିସଙ୍ଘ ରାଜ୍ୟ ସଭାପତି ଏଲ. ମାଣିକ୍ୟପ୍ରଭାଙ୍କ ନେତୃତ୍ୱରେ କଣିହାଁ ଅଞ୍ଚଳର ସମସ୍ତ କଳ କାରଖାନା, ସରକାରୀ ଅଫିସ ବନ୍ଦ କରାଯାଇଛି। ସକାଳ ୬ଟାରୁ ଏନଟିପିସି ଓ କଣିହାଁର ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ବିଭିନ୍ନ ଛକରେ ପିକେଟିଂ କରାଯାଇଥିଲା। ବି.ଆର ଆମ୍ବେଦକର ସ୍ମୃତି ପରିଷଦ କଣିହାଁ ସଭାପତି ବିପ୍ରବର ନାଏକ, ସମ୍ପାଦକ କୁମୁଦବାନ୍ଧବ ନାଏକ, କଣିହାଁ ସୁରକ୍ଷା ମଞ୍ଚ ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ସତ୍ୟବ୍ରତ ମହାନ୍ତି, ମହିଳା ସାଂସ୍କୃତିକ ସଙ୍ଗଠନ ବ୍ଲକ୍ ସମ୍ପାଦିକା ମିନତୀ ସମାଲ ପ୍ରମୁଖ ଏହି ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। କଣିହାଁ ଖୋଲାମୁହଁ କୋଇଲା ଖଣି, ଡେରେଙ୍ଗସ୍ଥିତ ଜେଆଇଟିପିଏଲ, ଏନଟିପିସି ପ୍ରକଳ୍ପ ଆଦିରେ ଆନ୍ଦୋଳନର ପ୍ରଭାବ ବେଶ୍ ଦେଖିବାକୁ ମିଳିଥିଲା। କଣିହାଁ ତହସିଲ, ବ୍ଲକ୍ ଅଫିସ, ବ୍ୟାଙ୍କ ସମେତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିଥିଲା। ସେହିପରି ସୁଭଦ୍ରା ଦୁଷ୍କର୍ମ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ସମସ୍ତ ଅପରାଧୀଙ୍କୁ ଗିରଫ, କଠୋର ଦଣ୍ଡ ପ୍ରଦାନ, ପରିବାରକୁ କ୍ଷତିପୂରଣ ଓ ମାମଲାର ସିବିଆଇ ତଦନ୍ତ ଦାବିରେ ତାଳଚେର ବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ କଣିହାଁରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ଓଡ଼ିଶା ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, କଣିହାଁ ଆଞ୍ଚଳିକ ସଭାନେତ୍ରୀ ପ୍ରଗତିବାଳା ନାୟକ, ସଂଗଠିକା ଜେମାମଣି ନାଏକ, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ୍ସ ଅର୍ଗାନାଇଜେସନର ଅନନ୍ଦୋଳ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେର, ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ଯୁଗ୍ମ ସମ୍ପାଦକ ଟୁନା ନାଏକ, ଏସୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟି ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ ପ୍ରମୁଖ ଏହି ବନ୍ଦ ଆନ୍ଦୋଳନରେ ସାମିଲ ହୋଇ ହୋଇଥିଲେ।

## ଅନୁଗୋଳ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

**ଅନୁଗୋଳ,୧୯ ।୫(ସମିସ):** ଅନୁଗୋଳ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ଆସନ୍ତା ଦୁଇବର୍ଷ ପାଇଁ କର୍ମକର୍ତ୍ତା ମନୋନୟନ କରାଯାଇଛି। ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସ ସଭାପତି, ପ୍ରାଧ୍ୟାପକ ଶାନ୍ତନୁ କୁମାର ସର, ଯଦୁମଣି ସାହୁ ଓ ପ୍ରାଧ୍ୟାପିକା ଇନ୍ଦିରା ଦାଶ ଉପସଭାପତି, ରାଧାକାନ୍ତ ମହାନ୍ତି ସମ୍ପାଦକ, ଅରୁଣ କୁମାର ସାହୁ, ଧନେଶ୍ୱର ସାହୁ, ସରୋଜିନୀ ଦେଇ, ମାମୁଲି ସାହୁ ସହସମ୍ପାଦକ ଓ ଶିବରାମ ମିଶ୍ରଙ୍କୁ କୋଷାଧ୍ୟକ୍ଷ ରୂପେ ଚୟନ କରାଯାଇଛି। ନୂତନ କର୍ମକର୍ତ୍ତାଙ୍କ ଦ୍ୱାରା କିଶୋର କବି ବିନୀତ ଦ୍ୱିବେଦୀଙ୍କ ଇଂରାଜୀ କବିତା ପୁସ୍ତକ ଚାପ୍ଟର ଅଫ ଦି ସୋଲ୍ ଉନ୍ମୋଚିତ ହୋଇଥିଲା। ସେହିପରି ରୋଟାରୀ ସ୍କୁଲର ଟପ୍ପର ସ୍ୱାଗତ ବୈଭବ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ସୁଷମା ଚୌଧୁରୀଙ୍କ ଗଳ୍ପ ସଙ୍କଳନକୁ ଅସିତ୍ ପଟ୍ଟନାୟକ, ଡା ରମା ଗଡ଼ନାୟକଙ୍କ ଗଳ୍ପ ସଙ୍କଳନ ଶେଷ ଚଟିଘରକୁ ଅକ୍ଷୟ ପଟ୍ଟନାୟକ ସମୀକ୍ଷା କରିଥିଲେ। ଶାନ୍ତିଲତା ରଥଙ୍କ କବିତା ସଙ୍କଳନ କବିତା ପଢ଼ ନିଜକୁ ଗଢ଼କୁ ନିରଞ୍ଜନ ପତି ସମୀକ୍ଷା କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ତପନ କୁମାର ଶତପଥୀଙ୍କ ଅନୁଦିତ ପୁସ୍ତକ ସନତ ସୁଜାତିୟମ ବିମର୍ଷକୁ ପୁଷ୍ପଲତା ରଥ, ଶାନ୍ତନୁ ସର, କୁମୁଦ ଦାସ ପ୍ରମୁଖ ସମୀକ୍ଷା କରିଥିଲେ। ଶିବରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ମୃତ ବାପପୁଅଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ



**କିଶୋରନଗର,୧୯ ।୫(ସମିସ):** ହଣ୍ଡପା ପଞ୍ଚାୟତ ବାଲିଖମଣ ଗାଁର ପ୍ରଫୁଲ୍ଲ ମାଝୀ ଓ ତାଙ୍କ ଏକମାତ୍ର ପୁଅ ପ୍ରବୀଣ ମାଝୀ କିଛିଦିନ ତଳେ ବଜ୍ରପାତରେ ମୃତ୍ୟୁବରଣ କରିଥିଲେ। ସୋମବାର ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ମୃତ ପ୍ରଫୁଲ୍ଲଙ୍କ ସ୍ତ୍ରୀଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ଯୋଗାଇ ଦେବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ବଇଣ୍ଡାରେ ଚନ୍ଦନ ଯାତ୍ରା ପାଳିତ

**ବଇଣ୍ଡା,୧୯ ।୫(ସମିସ):** ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ରବିବାର ଦିନ ଅନୁଷ୍ଠିତ ହୋଇଛି। ୪୮ ବର୍ଷରେ ଏହି ଯାତ୍ରା ପହଞ୍ଚିଥିବା ବେଳେ ଚଳିତ ବର୍ଷ ଧୁମଧାମରେ ପାଳିତ ହୋଇଛି। ସନ୍ଧ୍ୟା ୬ଟାରେ ରାଧାକୃଷ୍ଣ ମନ୍ଦିରରୁ ପ୍ରଭୁଙ୍କୁ ବିମାନରେ ବସାଇ ନଗର ପରିକ୍ରମା କରାଯାଇ ଚନ୍ଦନ ପୋଖରୀକୁ ଅଣାଯାଇଥିଲା। ସେଠାରେ ମନ୍ଦିର ପୂଜକ ମଦନ ମୋହନ ମିଶ୍ର ପୂଜା କରିବା ଶହ ପ୍ରଭୁଙ୍କୁ ସାନ୍ନ କରିଥିଲେ। ପରେ ପ୍ରଭୁଙ୍କୁ ଯାତ୍ରା ପଡ଼ିଆକୁ ନିଆଯାଇଥିଲା। ସେଠାରେ ପୂଜା ମଣ୍ଡପରେ ପ୍ରଭୁ ରାଧାକୃଷ୍ଣଙ୍କୁ ପୂଜକ ଜଗତ ମୋହନ ମିଶ୍ର ପୂଜା କରିବା ସହ ହୋମଯଜ୍ଞ କରିଥିଲେ। ପରେ ପ୍ରତିମାକୁ ଚନ୍ଦନ ନଗର ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁଙ୍କ ଘରକୁ ନିଆଯାଇଥିଲା। ସେଠାରେ ପରମ୍ପରା ଅନୁଯାୟୀ ପୂଜା କରାଯିବା ପରେ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଲଉଡ଼ି ଖେଳ, ନାମ ସଂକୀର୍ତ୍ତନ, ପାରମ୍ପରିକ ନୃତ୍ୟ ସହ ଡିଜେ ସାଉଣ୍ଡର ତାଳେ ତାଳେ ଶୋଭଯାତ୍ରା ନଗର ପରିକ୍ରମା କରି ଚନ୍ଦନ ପୋଖରୀକୁ ଅଣାଯାଇଥିଲା। ସେଠାରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଖରୀରେ ରାଧାକୃଷ୍ଣ ଚାପ ଖେଳିଥିଲେ। ଏଥିରେ ବିଭିନ୍ନ ବାଣ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟୁତ ବିଭାଗ ଓ ବେହେରା ଟେଣ୍ଟ ହାଉସ ପକ୍ଷରୁ ଯାତ୍ରା ପଡ଼ିଆକୁ ସାଜସଜ୍ଜା ସହ ଆଲୋକୀକରଣ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜନସମାଗମ ହୋଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଲୋକଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡିଆ, ହଣ୍ଡପା ଥାନା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଲୋକଙ୍କ ମନୋରଞ୍ଜନ ପାଇଁ ମେଲୋଡି ଆୟୋଜନ କରାଯାଇଥିଲା। ଗ୍ରାମ ସଭାପତି ରାଜକୁମାର ଅଗ୍ରୱାଲା, ଯାତ୍ରା କମିଟି ସଭାପତି ଜିତେନ୍ଦ୍ର ବେହେରା, ବିକ୍ରମ ସାହୁ, ଅରବିନ୍ଦ ସାହୁ, ଘନଶ୍ୟାମ ସାହୁ, ବିନୀତ ସାହା, ଜଳଧର ସାହୁ, ଜମ୍ବେଶ୍ୱର ସାହୁ, ମାନସ ସାହୁ, ସଞ୍ଜୟ ସାହୁ, ପରୀକ୍ଷିତ ସାହୁ, ଉଗ୍ରସେନ ସେଠୀ, ଗିରୀଶ ବେହେରା, ଲମ୍ବୋଦର ପାତ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## 'ଅପରେସନ ସିନ୍ଦୂର' ପରାକ୍ରମ ଶୋଭାଯାତ୍ରା




**କିଶୋରନଗର,୧୯ ।୫(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍ ଅଙ୍ଗପଡ଼ାରେ ସୋମବାର ଅପରେସନ ସିନ୍ଦୂର ପ୍ରରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅଙ୍ଗପଡ଼ା ଶିବ ମନ୍ଦିର ସମ୍ମୁଖରୁ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରିଥିଲା। ହାତରେ ତ୍ରିରଙ୍ଗା ପତାକା ଧରି ଶତାଧିକ ଲୋକ ଗାଁ ପରିକ୍ରମା କରିଥିଲେ। ଶୋଭାଯାତ୍ରା ସହିଦ ଛକରେ ପହଞ୍ଚିବା ପରେ ସହିଦ ଦେବାଶିଷ ସେଠୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଶୋଭାଯାତ୍ରା ଗାଁ ପରିକ୍ରମା କରି କେନ୍ଦୁଖୁପୁଲୀ ସାହି ଛକରେ ସମାପ୍ତ ହୋଇଥିଲା। ଏଥିରେ ପରେଶ ଚନ୍ଦ୍ର ଦେଓ, ରମେଶ ଜେନାମଣି, ଡା. ଅଲେଖ ପ୍ରଧାନ, ପ୍ରବୋଧ ବେହେରା, ଦେଶପ୍ରିୟ ବେହେରା, ତାପସ ସାହୁ, ଆଲୋକ ଦେହୁରୀ, ସନ୍ତୋଷ କୁମାର ପ୍ରଧାନ, ସତୀଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# କେବେ ଜବରଦଖଲମୁକ୍ତ ହେବ ରାଣୀପାର୍କ ଜଙ୍ଗଲ?

## ତହସିଲ ପ୍ରଶାସନ ସବୁ ଜାଣି ଅଜଣା

**ତାଳଚେରସଦର,୧୯ ।୫(ସମିସ):** ବହୁ ପୁରାତନ ରାଣୀପାର୍କ ଜଙ୍ଗଲ କିଛି ସମାଜସେବୀ, ସଂଗଠନ, ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଚେଷ୍ଟାରେ ପୁନରୁଦ୍ଧାର ହୋଇ ଆସୁଥିବା ବେଳେ ଏବେ ପୁଣି ଜବରଦଖଲକାରୀଙ୍କ କବଜାକୁ ଚାଲିଯାଉଥିବା ଅଭିଯୋଗ ହେଉଛି। ଏହି ଐତିହ୍ୟସମ୍ପନ୍ନ ଅଞ୍ଚଳକୁ ଜମି ମାଫିଆମାନେ ଚତୁରତାର ସହ ମାଡ଼ି ବସିଥିବା ବେଳେ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଏହି ଜଙ୍ଗଲ ପୁନରୁଦ୍ଧାର ହେବାପରେ କୌଣସି ସୁରକ୍ଷାକର୍ମୀଙ୍କୁ ପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ତାଳଚେର ପୌରପରିଷଦ ୪ନମ୍ବର ୱାର୍ଡ ସିଂହସାହି ଅଞ୍ଚଳରେ ଲାଗି ରହିଥିବା ବିସ୍ତିର୍ଣ୍ଣ ରାଣୀପାର୍କ ଜମିକୁ ତହସିଲ ଅଫିସ୍‌ର କିଛି ଅସାଧୁ କର୍ମଚାରୀ ଓ ଜମି ଦଲାଲଙ୍କ ସଲାସୁତରାରେ ଜବରଦଖଲ କରାଯାଇ କୋଠାବାଡ଼ି ନିର୍ମାଣ କରିଥିବା ଅଭିଯୋଗ ହୋଇଛି। କେହି ଗୃହ ନିର୍ମାଣ କରି ଭଡ଼ାରେ ଦେଇ ହଜାର ହଜାର ଟଙ୍କା ରୋଜଗାର କରୁଥିବା ବେଳେ ଆଉ କିଛି ଏହି ଜମିକୁ ଅକ୍ତିଆର କରି ଅନ୍ୟମାନଙ୍କୁ ମୋଟାଅଙ୍କରେ ବିକ୍ରି କରୁଥିବା ଚର୍ଚ୍ଚା ହେଉଛି। କିଛିଦିନ ହେବ କେତେକ ସଚେତନ ନାଗରିକ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଥିଲେ। ଆରଆଇଆସି ଏହାର ସରଜମିନ୍ ତଦନ୍ତ କରି ଚାଲିଯିବା ପରେ ତା' ପରଦିନ ଘର ନିର୍ମାଣ କାମ ବନ୍ଦ ରହିଥିଲା। କିନ୍ତୁ ଏବେ ପୁନର୍ବାର ଜଙ୍ଗଲ କାଟି ଘର ତିଆରି ହେଉଥିବା ଅଭିଯୋଗ ହେଉଛି। ତେଣୁ ଏହି ରାଣୀପାର୍କ ଜଙ୍ଗଲ ଜବରଦଖଲକାରୀଙ୍କ କବ୍‌ଜାରୁ କେବେ ମୁକ୍ତି ପାଇବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପରିବେଶବିତମାନେ ଏ ନେଇ ଚିନ୍ତାବ୍ୟକ୍ତ କରିବା ସହ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ଚତୁଃପାଶ୍ୱର୍ରେ ସୁରକ୍ଷା କର୍ମୀ ନିୟୋଜିତ କରିବାକୁ ଦାବି କରିଛନ୍ତି। ଏଥିସହ ରାସ୍ତାକୁ ଲାଗିଥିବା ଜଙ୍ଗଲ ଭିତରେ ରାସ୍ତା ନିର୍ମାଣ, ଆଲୋକୀକରଣ, ବନ୍ୟଜନ୍ତୁ ସୁରକ୍ଷା ଓ ସମ୍ପୂର୍ଣ୍ଣ ଜମିକୁ ଜବରଦଖଲମୁକ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।



ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାବାଜୀ ଚରଣ ପରିଡ଼ା
ଅଙ୍କିଆ-କୁସୁମପୁର, ପୋ.ଅ - ସିଂହପୁର, ଯାଜପୁର
ଆବିର୍ଭାବ - ୧୫. ୦୧. ୧୯୪୯
ତିରୋଧାନ - ୧୦. ୦୫. ୨୦୨୫

ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ

## 'ଲୋକନାଥ ଚୌଧୁରୀଙ୍କ ଭଳି ବ୍ୟକ୍ତିତ୍ୱ ଆଜିର ରାଜନୀତିରେ ବିରଳ'



ଜଗତସିଂହପୁର,୧୯।୫(ସମିସ): ଜଗତସିଂହପୁର ଜିଲ୍ଲାର ଅନ୍ୟତମ ବରପୁତ୍ର ମହାନ୍ ସାମ୍ୟବାଦୀ ନେତା କୁଜଙ୍ଗ ମାଟିର ସୁପୁତ୍ର କମ୍ରେଡ ଲୋକନାଥ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱ ଆଜିର ରାଜନୀତି ଜଗତରେ ବିରଳ ବୋଲି ତାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି। ତରଡାପଡ଼ାଠାରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ସୁଶ୍ରୀ ଅଞ୍ଜୁଷା ଅଧ୍ୟକ୍ଷତା କରିଥିଲେ। ଏଥିରେ ସାରସ୍ୱତ ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତ ଲୋକନାଥ ଚୌଧୁରୀ ୧୯୮୯ ଓ ୧୯୯୧ରେ ଲୋକସଭା ଏବଂ ୧୯୫୧, ୧୯୬୧ ଓ ୧୯୭୪ରେ ବିଧାନସଭାକୁ ନିର୍ବାଚିତ ହୋଇ ଜଣେ ଟାଣୁଆ ରାଜନେତା ଭାବେ ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ନାମର ସାର୍ଥକତା ପ୍ରତିପାଦିତ କରିଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରହ୍ଲାଦ ନାୟକ, ଶିକ୍ଷୟିତ୍ରୀ ପୂଜାରାଣୀ ବାରିକ, ଶୁଭସ୍ମିତା ସେଠୀ ଓ ପୂଜକ ପ୍ରତାପ କିଶୋର ମିଶ୍ର ପ୍ରମୁଖ ଏହି ସଭାରେ ଯୋଗଦେଇ ଶିକ୍ଷକଙ୍କ ପ୍ରତ୍ୟକ୍ଷ ଦରମା, ପେନସନ୍ ଓ ଭାଗଚାଷୀ ଆଇନ ପ୍ରଣୟନରେ ଲୋକନାଥ ଚୌଧୁରୀଙ୍କ ଭୂମିକା ତାଙ୍କୁ ଚିରସ୍ମରଣୀୟ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ରଶ୍ମିରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ

# ବ୍ୟକ୍ତିଗତ ଜମିରୁ ମାଟି ତାଡ଼ି ନେଲା ବିଭାଗ

କେନ୍ଦ୍ରାପଡ଼ା,୧୯।୫(ସମିସ)



ଜଣେ ବ୍ୟକ୍ତି ଅସୁସ୍ଥ ଥିବାବେଳେ ଏହାର ଫାଇଦା ନେଇ ଜଳ ସମ୍ପଦ ବିଭାଗ ସଂପୃକ୍ତ ବ୍ୟକ୍ତିଙ୍କ ଜମିରୁ ମାଟି ତାଡ଼ି ନେଇଛି। ଏ ନେଇ ବ୍ୟକ୍ତି ଜଣକ ପ୍ରଥମେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ ପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେଠାରୁ ନ୍ୟାୟ ନ ପାଇବାରୁ ଏବେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶଘାଇ ବ୍ଲକ୍ ପିକରାଳି ଗ୍ରାମର ସୁବ୍ରତ ମିଶ୍ର ଅଭିଯୋଗ କରିଛନ୍ତି ଯେ, ତାଙ୍କର ଯକୃତଜନିତ ରୋଗ ବାହାରିବାରୁ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ୨୦୨୪ ଡିସେମ୍ବର ୧୨ ତାରିଖରେ ତାଙ୍କ ଶରୀରରେ ଯକୃତ ପ୍ରତିରୋପଣ ହୋଇଥିଲା। ଏଥିପାଇଁ ତାଙ୍କ ପରିବାରର ସମସ୍ତ ସଦସ୍ୟ କଟକ ସିଡିଏ ସେକ୍ଟର-୯ରେ ଥିବା ଜଣେ ସଂପର୍କୀୟଙ୍କ ଘରେ ରହିଥିଲେ। ଭୁବନେଶ୍ୱରରେ ଥିବା ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଯକୃତ ପ୍ରତିରୋପଣ ହୋଇଥିଲା। ପରିବାର ଲୋକଙ୍କ ଅନୁପସ୍ଥିତିରେ ଜଳ ସମ୍ପଦ ବିଭାଗ ତାଙ୍କ ଜମିର ୧୦ ହଜାର ଫୁଟ୍ ଚଉଡା ଓ ୧୫ ଫୁଟ୍ ଗଭୀର କରି ମାଟି ତାଡ଼ି ନେଇଥିଲା। ସେ ମେ ୧୩ ତାରିଖରେ ଗାଁକୁ ଫେରିଥିଲେ। ଗାଁକୁ ଫେରିବା ପରେ ସେ ଜାଣିବାକୁ ପାଇଥିଲେ ଯେ ଜଳ ସମ୍ପଦ ବିଭାଗ ତାଙ୍କ ଜମିରୁ ମାଟି ତାଡ଼ି ନେଇଛି। ଏ ନେଇ ସେ ଜଳସଂପଦ ବିଭାଗ ପୁନ୍ଦାଳ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଗଦାଧର ବାରିକଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ କିଛି ଲାଭ ହେଲାନାହିଁ। ସେ ଏହାକୁ ହାଲ୍କା ଭାବେ ଗ୍ରହଣ କଲେ। ତେଣୁ ସେ ମହାନଦୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କୁ ଅଭିଯୋଗପତ୍ର ଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଏହି ଘଟଣାର ତଦନ୍ତ କରିବା ପାଇଁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହକାରୀ ଯନ୍ତ୍ରୀ ତଦନ୍ତ ନ କରି ମୋତେ ଫୋନ କରି କହିଲେ, ଯେଉଁ ଜମିରୁ ମାଟି ଉଠିଛି ସେ ଜମି ତୁମର ନୁହେଁ। ଏହାପରେ ସୁବ୍ରତ ତାଙ୍କ ଜମିର ପ୍ରମାଣପତ୍ର ଓ ଯେଉଁ ଜମିରୁ ମାଟି ଖୋଳାଯାଇଛି ତାହାର ଭିଡିଓ କରି ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କ ନିକଟକୁ ପଠାଇଥିଲେ। ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ଅନୁରୋଧ କରିଥିଲେ। ମେ ୧୭ ତାରିଖରେ ସହକାରୀ ଯନ୍ତ୍ରୀ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏହି ସମୟରେ ଗ୍ରାମର କେତେକ ଭଦ୍ରଲୋକ ଉପସ୍ଥିତ ଥିଲେ। କିନ୍ତୁ ସହକାରୀ ଯନ୍ତ୍ରୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗ୍ରାମର ଭଦ୍ରଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାଦ୍ୱାରା ସେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ। ତେଣୁ ବାଧହୋଇ ସେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ପଚାରିବାରୁ ସେ କହିଲେ ବିଭାଗ ଠିକାଦାରଙ୍କ ସହ ଚୁକ୍ତି କରିଥିଲା ରାସ୍ତା କାମରେ ମାଟି ପକାଇବା ପାଇଁ। ମାଟି ପକା କାମ ୪ ମାସ ତଳୁ ଶେଷ ହୋଇଛି। ଆମ ବିଭାଗ କାମରେ ସଂପୃକ୍ତ ବ୍ୟକ୍ତିଙ୍କ ମାଟି ଯଦି ବ୍ୟବହାର ହୋଇଛି, ତେବେ ସେ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଅଭିଯୋଗ କରନ୍ତୁ। ଠିକାଦାର କେଉଁଠାରୁ ମାଟି ଆଣି ରାସ୍ତା କାମରେ ବ୍ୟବହାର କରିବେ, ସେଥିପାଇଁ ବିଭାଗ ଦାୟୀ ନୁହେଁ ବୋଲି ସେ କହିଛନ୍ତି।

## ଛତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚାଷୀ ଶ୍ରମିକ ସଂଘର ଦାବି

ଡେରାବିଶ, ୧୯।୫(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ କଡ଼ରେ ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଏଥିପାଇଁ ୧ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରେ ଏହି କାର୍ଯ୍ୟ ହେବ। ତେବେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତା ଏହି ବସ୍‌ଷ୍ଟାଣ୍ଡକୁ ଡେରାବିଶ ବ୍ଲକ୍‌ର ପ୍ରମୁଖ ସ୍ଥାନ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ନିର୍ମାଣ କରିବାକୁ ଦାବି କରିଛନ୍ତି। ଆଜି ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ଡେରାବିଶ ତହସିଲଦାର ସରୋଜ କାନ୍ତ ନାୟକଙ୍କୁ ଭେଟି ଛତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଡେରାବିଶ ବ୍ଲକ୍‌ର ପ୍ରମୁଖ ସ୍ଥଳ ହେଉଛି ଚାଟରାଚକଡ଼ା ପଞ୍ଚାୟତର ଛତା ଅଞ୍ଚଳ। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଏହି ପଞ୍ଚାୟତ ଦେଇ ଯାଇଥିବାବେଳେ ଏଠାରେ ବ୍ଲକ୍‌ର ପ୍ରମୁଖ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ, କଲେଜ ରହିଛି। ଏହି ସ୍ଥାନରେ ଡେରାବିଶ ତହସିଲ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ରହିଥିବାରୁ ବ୍ଲକ୍‌ର ୨୬ଟି ପଞ୍ଚାୟତର ହଜାର ହଜାର ଲୋକ ଜମିଜମା ସମସ୍ୟା ନିମନ୍ତେ ଏଠାକୁ ଆସିଥା'ନ୍ତି। ଏଥିସହିତ ଏଠାରେ ଥିବା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଡେରାବିଶ ବ୍ଲକ୍ ସମେତ ନିକଟସ୍ଥ ଯାଜପୁର ଜିଲ୍ଲାର ଲୋକେ ନିର୍ଭର କରନ୍ତି। ଏହା ନିକଟରେ ଡେରାବିଶ ବ୍ଲକ୍ ମୁଖ୍ୟ ପଶୁ ଚିକିତ୍ସା କେନ୍ଦ୍ର ରହିଛି। କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜ, ଡେରାବିଶ ମହିଳା ମହାବିଦ୍ୟାଳୟ, ଷ୍ଟେଟ ବ୍ୟାଙ୍କ, ଛତା ବିଦ୍ୟୁତ୍ କେନ୍ଦ୍ର, ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ, ଆରଡି କାର୍ଯ୍ୟାଳୟ, ପୁଲିସ୍ ବିଟ୍ ହାଉସ୍ ସମେତ ଛତା ହାଟ ରହିଛି। ଉପରୋକ୍ତ ସରକାରୀ କାର୍ଯ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ଶିକ୍ଷାନୁଷ୍ଠାନକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ଦୈନିକ ହଜାର ହାଜର ଲୋକ ଆସିଥା'ନ୍ତି। ତେଣୁ ଏଠାରେ ସରକାରୀ ବସ୍‌ଷ୍ଟାଣ୍ଡ କରାଗଲେ ସମଗ୍ର ଡେରାବିଶ ବ୍ଲକ୍‌ର ଜନସାଧାରଣ ଉପକୃତ ହେବା ସହିତ ଜିଲ୍ଲାବାସୀ ଉପକୃତ ହୋଇପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଶ୍ରୀ ମିଶ୍ରଙ୍କ ସହିତ ସମ୍ପାଦକ କୃତିବାସ ଦାସ, ସଭ୍ୟ ମଦନମୋହନ ମହାନ୍ତି, ଅନନ୍ତ ଭୂୟାଁ, ଭରତ ସିଂ, ଗୋବିନ୍ଦ ବାରିକ, ଅକ୍ଷୟ ତ୍ରିପାଠୀ, ରବୀନ୍ଦ୍ର ମହାରଣା ଓ ଶରତ ମଲିକ ପ୍ରମୁଖ ତହସିଲଦାରଙ୍କୁ ଭେଟି ଛତା ନିକଟରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଅନୁରୋଧ କରିଥିଲେ।

## ବଳଦେବଜୀଉ ଗୋତୀର୍ଥକୁ ଆର୍ଥିକ ସହାୟତା



କେନ୍ଦ୍ରାପଡ଼ା,୧୯।୫(ସମିସ): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଇଛାପୁର ବସନ୍ତବଗିଚା ନାଗପାଟଣାସ୍ଥ ସିଦ୍ଧ ବଳଦେବଜୀଉ ଗୋତୀର୍ଥକୁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ସଦସ୍ୟ ମମତା ଦାସ ଓ ଭୁବନମୋହନ ଦାସ ଗୋତୀର୍ଥ ତତ୍ତ୍ୱାବଧାରକ ବିରଜା ପ୍ରସାଦ ପତିଙ୍କୁ ଏହି ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି ଗୋତୀର୍ଥରେ ରହୁଥିବା ଗୋମାତାଙ୍କ ଖାଦ୍ୟ ଓ ଚିକିତ୍ସା ନିମନ୍ତେ ଏହି ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ଶିଷ୍ୟ ପକ୍ଷରୁ ମାଟ୍ରିକ୍ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ରାଜକନିକା,୧୯।୫(ସମିସ): ରାଜକନିକା ବ୍ଲକ୍‌ର ଅଗ୍ରଣୀ ଶୈକ୍ଷିକ ସାମାଜିକ ଅନୁଷ୍ଠାନ ଶିଷ୍ୟ ପକ୍ଷରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିଜ ଶୈକ୍ଷିକ ବାଗ୍ମିତାକୁ ସମାଜର କଲ୍ୟାଣରେ ଉତ୍ସର୍ଗ କରି ଗାରିମା ସାଉଁଟିବାକୁ ମୁଖ୍ୟଅତିଥି ରାଜକନିକା ଥାନା ଅଧିକାରୀ ଦେବାଶିଷ ପଣ୍ଡା ମତ ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ତରାସ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ରଞ୍ଜନ ଓଝା ଜୀବନର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ତରାସ ନୋଡାଲ ହାଇସ୍କୁଲ ପରିସରରେ ଶିଷ୍ୟର ଉପସଭାପତି ସୁକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଶିଷ୍ୟର ପ୍ରତିଷ୍ଠାତା ସମ୍ପାଦକ ଡଃ ସଞ୍ଜୟ ବେହୁରା ଶିଷ୍ୟର ଉଦ୍ଦେଶ୍ୟକୁ ସାର୍ବଜନୀନ କରିବା ସହ ସମସ୍ତ ୪ ଜଣ ମାଟ୍ରିକ ଏ-୧ଙ୍କ ସହ ସିବିଏସଇର କୃତୀ ଛାତ୍ରୀ ଓ ମା' କାଳୀ ଟ୍ୟୁଟୋରିଆଲ ସ୍ୱୟଂସିଦ୍ଧ ଗୁରୁଙ୍କୁ ଅତିଥିମାନେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଆଳି କଲେଜ ଅଧ୍ୟାପକ ବିକ୍ରମ ବେହୁରା, ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ନିଷ୍ଠା ଓ ଲକ୍ଷ୍ୟ ସ୍ଥିର କରିବାକୁ ଆହ୍ୱାନ ଦେଇଥିଲେ। ସମାରୋହରେ ବ୍ଲକ୍ ଟପ୍ପର ରାଜକନିକା ଆରଏନ ହାଇସ୍କୁଲ ଛାତ୍ର ବୈଭବ ବେହୁରା, ଆଦ୍ୟାଶା ବେହୁରା, ଉତ୍କଳମଣି ନୋଡାଲ ହାଇସ୍କୁଲ ଛାତ୍ର ରୁଦ୍ରମାଧବ ଶତପଥୀ, ନମତରା ହାଇସ୍କୁଲ ଛାତ୍ରୀ ଭାଗ୍ୟଲକ୍ଷ୍ମୀ ସାହ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଷ୍ୟ ପରିବାରର ପାର୍ଥସାରଥୀ ପଣ୍ଡା, ଭରତ ବାରିକ, ଶୁଭ୍ରଜିତ ବିଶ୍ୱାଳ, ବିଭୁପ୍ରସାଦ ଦାଶ, ଅଭିମନ୍ୟୁ ତରାଇ, ରମାକାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଆଇନଜୀବୀ ବୃନ୍ଦାବନ ରାଉତ ଧନ୍ୟବାଦ ଦେଇଥିଲେ।

### ପାରାଦୀପରେ ବିହାର ପୁଲିସ୍‌ର ଛାନ୍‌ଭିନ୍

## ମିଳୁନି ବିହାରୀ ଯୁବକଙ୍କ ମୃତଦେହ

ପାରାଦୀପ, ୧୯।୫(ସମିସ): ନିଖୋଜ ବିହାରୀ ଯୁବକଙ୍କ ମୃତଦେହର ସନ୍ଧାନ ଏବେବି ପୁଲିସ ପାଉନି। ଅଭିଯୁକ୍ତ କହିବା ଅନୁଯାୟୀ ଯୁବକଙ୍କ ମୃତ୍ୟୁ ପରେ ସେ ମୃତଦେହକୁ ସେଠାରେ ଥିବା ଝରକା ଦେଇ ଫିଙ୍ଗିଦେଇଥିଲା। ପରେ ସେ ସେ ସ୍ଥାନ ଛାଡ଼ି ପଳାଇଥିଲା। ତେବେ ସେଠାରେ ମୃତଦେହ ନ ମିଳିବା ଘଟଣା ଏବେ ପାରାଦୀପରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶା ଓ ବିହାର ରାଜ୍ୟର ପୁଲିସ ୩ ଦିନ ଧରି ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତକୁ ପାରାଦୀପ ଅଣାଯାଇ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଛି। ଆଜି ପୁଣି ଯୁବକ କାମ କରୁଥିବା କମ୍ପାନୀର ମାଲିକ ଓ ୧୫ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଡାକି ଅଲଗା ଅଲଗା ସ୍ଥାନରେ ଜେରା କରିଛି। ସାଇଣ୍ଟିଫିକ ଟିମ ମଧ୍ୟ ଆଜି ତଦନ୍ତ କରି ଫେରିଯାଇଛି। ତେବେ ବିହାର ପୁଲିସ ଏହି ଘଟଣାର ରହସ୍ୟ ଓ ମୃତ ଯୁବକଙ୍କ ମୃତଦେହ ଠାବ କରିବାକୁ ୩ ଦିନ ପାରାଦୀପରେ ଡେରା ପକାଇଥିଲେ ମଧ୍ୟ କୌଣସି ଟେର ମିଳୁନି। ତିନିଦିନ ଧରି ବିହାର ପୁଲିସ୍ ଅଭିଯୁକ୍ତ କୁହାଯାଉଥିବା ଅଜୟକୁ ପାରାଦୀପ ରିମାଣ୍ଡରେ ଆଣି କମ୍ପାନୀ ପରିସରରେ ଯେଉଁ ଘରେ ଗୋରେଖକୁ ହତ୍ୟା କରାଯାଇଥିଲା, ତା'ର ତଦନ୍ତ କରୁଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଏପର୍ଯ୍ୟନ୍ତ ମୃତଦେହର କୌଣସି ସନ୍ଧାନ କିଭଳି ପାଉନି ପୁଲିସ। ତାକୁ ନେଇ ଆହୁରି ସନ୍ଦେହ ଦୃଢ଼ୀଭୂତ ହୋଇଛି।

## ବ୍ୟସ୍ତବହୁଳ ବାଇପାସ୍ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ପାଇଁ ଦାବି

ପଟ୍ଟାମୁଣ୍ଡାଇ,୧୯।୫(ସମିସ):ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଉତ୍କଟ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଏପରି ସ୍ଥଳେ ବ୍ୟସ୍ତବହୁଳ ବାଇପାସ୍ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ପାଇଁ ଦାବି ହୋଇଛି। ପଟ୍ଟାମୁଣ୍ଡାଇ ସହରରୁ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ଓ ପୌର ପରିଷଦ କେତେକାଂଶରେ ଜବରଦଖଲ ହଟାଇଛି ଓ ବାକି ଥିବା ଜବରଦଖଲକୁ ପର୍ଯ୍ୟାୟକ୍ରମେ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ବୁଲା ଗାଈଗୋରୁ ଅବାଧ ବିଚରଣ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ି ସାହାଯ୍ୟରେ ଗାଈଗୋରୁଙ୍କୁ ଧରି କାଞ୍ଜିଆ ବୁଦାରେ ଭର୍ତ୍ତି କରାଯିବା ସହିତ ସହର ମଧ୍ୟକୁ ଗାଈଗୋରୁ ଛାଡୁଥିବା ମାଲିକଙ୍କଠାରୁ ଦୃଷ୍ଟାନ୍ତମୂଳକ ଜରିମାନା ଆଦାୟ କରାଯିବା ପାଇଁ ପୌର ପରିଷଦ ନିଷ୍ପତ୍ତି ନେଇଥିଲେ ହେଁ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇନାହିଁ। ଏସବୁ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ପଟ୍ଟାମୁଣ୍ଡାଇ ସହରର ମେଡିକାଲ ଛକଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଲୋକଙ୍କୁ ଯାତାୟାତ ସମୟରେ ରାସ୍ତା ଅତିକ୍ରମ କରିବାକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଛି। କିନ୍ତୁ ସୁନିୟନ୍ତ୍ରିତ ଢଙ୍ଗରେ ଟ୍ରାଫିକ ନିୟନ୍ତ୍ରଣ କରାଯାଉ ନ ଥିବାରୁ ଟ୍ରାଫିକ ନିୟନ୍ତ୍ରଣ ଧର୍ମକୁ ଆଖିଠାର ସଦୃଶ ହୋଇଛି। ପଟ୍ଟାମୁଣ୍ଡାଇ ପୋଲ ନିକଟରେ ଯାନବାହନ ଚଳାଚଳ ନିୟନ୍ତ୍ରଣ ପାଇଁ ଟ୍ରାଫିକ ବ୍ୟବସ୍ଥା କରାଯାଇ ସମସ୍ୟା ସୁଧାରିବା ଦିଗରେ ପଦକ୍ଷେପ ନିଆଯାଇଛି। ସେଠାରେ ମଧ୍ୟ ସମାନ ଅବସ୍ଥା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଟ୍ଟାମୁଣ୍ଡାଇ ବାଇପାସ୍ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ପଟ୍ଟାମୁଣ୍ଡାଇ ବାଇପାସ ବିଜୁ ପଟ୍ଟନାୟକ ଛକ ଏକ ବ୍ୟସ୍ତବହୁଳ ଛକ ଭାବେ ଜଣାଶୁଣା। ପଟ୍ଟାମୁଣ୍ଡାଇର ପ୍ରବେଶ ଦ୍ୱାର ସହିତ ଏଠାରୁ କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର ସମେତ ରାଜ୍ୟ ବାହାରକୁ ଯାନବାହନ ଚଳାଚଳ କରୁଥିବାବେଳେ ଆଳି ରାଜନଗର, ରାଜକନିକା, ଇନ୍ଦୁପୁର ଓ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳକୁ ମଧ୍ୟ ଯାନବାହନ ଯାତାୟାତ କରିଥାଏ। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଟ୍ରକ୍, ବସ୍, ଟ୍ରେକର, କାର୍, ବାଇକ୍ ଆଦି ଯାତାୟାତ କରୁଥିବା ଦେଖାଯାଉଛି। ଟ୍ରାଫିକ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ଏଭଳି ସ୍ଥିତିରେ ଲୋକମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ନେଇ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବ୍ୟସ୍ତବହୁଳ ବାଇପାସ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଚୋରି ଅଭିଯୋଗରେ ଜଣେ ଗିରଫ



ପଟ୍ଟାମୁଣ୍ଡାଇ,୧୯।୫(ସମିସ): ଜଣେ ମହିଳାଙ୍କ ଘରୁ ତାଲା ଭାଙ୍ଗି ନଗଦ ଟଙ୍କା ଓ ମୋବାଇଲ ଚୋରି ପୁଲିସ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୁଲିସ ରାଜନଗର ଅଞ୍ଚଳରୁ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ସଂସାରଫଳ ଗ୍ରାମର ଜାବିର ଖାନଙ୍କ ପତ୍ନୀ ସକିଲା ବିବି ଏକୁଟିଆ ଘରେ ଥିବାବେଳେ ୧୧ ତାରିଖ ରାତିରେ ରାଜନଗର ଡିହାପାରିର ବିଜୟ ସେଠୀଙ୍କ ପୁଅ କାଳିଆ ଓରଫ ବିଶ୍ୱଜିତ ସେଠୀ କାନ୍ଥ ଡେଇଁ ତାଲା ଭାଙ୍ଗି ଘରେ ପ୍ରବେଶ କରି ୩୦ ହଜାର ଟଙ୍କା ଓ ଏକ ମୋବାଇଲ୍ ଫୋନ୍ ଚୋରି କରିନେଇଥିଲା। ସକିଲାଙ୍କ ସ୍ୱାମୀ ଜାବିର ଖାନ ବାହାରେ ଥିବାରୁ ବିଶ୍ୱଜିତ ସହଜରେ ଚୋରି କରି ଖସି ପଳାଇଥିଲା। ସକିଲାଙ୍କ ଏତଲା ଆଧାରରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଫେରାର ଥିବାରୁ ତା'ର ପତ୍ତା ମିଳି ନ ଥିଲା। ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀ ଲେଙ୍କାଙ୍କ ନେତୃତ୍ୱରେ ଗଠିତ ଏକ ସ୍କ୍ୱାର୍ଡ କାଳିଆ ଓରଫ ବିଶ୍ୱଜିତ ଘରେ ଆତ୍ମଗୋପନ କରିଥିବା ଖବର ପାଇ ଚଢ଼ଉ କରିଥିଲା। ଅଭିଯୁକ୍ତ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପଡ଼ିଯିବାରୁ ଗୋଡ଼ରେ ଆଘାତ ଲାଗିଥିଲା ଓ ଖସିଯିବାକୁ ସକ୍ଷମ ହୋଇ ନ ଥିଲା। ପୁଲିସ କାବୁ କରି ନେଇଥିଲା। ବିଶ୍ୱଜିତଠାରୁ ୨୧୬୦ ଟଙ୍କା ଜବତ କରିଥିଲା। ଏହି ଚୋରିରେ ଅନ୍ୟଜଣେ ଅଭିଯୁକ୍ତ ବାବୁନା ସେଠୀଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ୧୭୬/୨୫ ୩୩୧/୩୦୫ ବିଏନଏସଏସ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି। ପୁଲିସ କାଳିଆ ଓ ବାବୁନାକୁ ଆଜି କୋର୍ଟ ଚାଲାଣ କରିଥିବାବେଳେ ଉଭୟଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୭୨ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ,୧୯।୫(ସମିସ)



ଆଜି ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତ ଥିବାରୁ ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ କ୍ଷୋଭ ପ୍ରକାଶ କରିଛି। ବିକାଶ ପରିଷଦର ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତ କାରଣରୁ ଅଭିଯୋଗ ନେଇ ଆସିଥିବା ଲୋକଙ୍କ ସମସ୍ୟା ସମାଧାନ ହେବା ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଏହି ଶିବିରରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ସହକାରୀ ଜିଲ୍ଲାପାଳ ତୃପ୍ତି ମହାନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ ଓ ୭୨ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ସିଂହଗାଁ ସରପଞ୍ଚ ଗଣେଶ ଦାସ ଓ ସମିତିସଭ୍ୟ ଅଭୟ ସ୍ୱାଇଁ ସିଂହଗାଁ ପଞ୍ଚାୟତର ରାଉଳିଆଡିଆ-ପାଳିମି ସେତୁ ନିର୍ମାଣ ତ୍ୱରାନ୍ୱିତ କରି ତୁରନ୍ତ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏଥିସହ ସିଂହଗାଁ ପଞ୍ଚାତ ନୂଆପାଟଣା ଗ୍ରାମର ନନ୍ଦି ଦାସ ଘର ତାଳ ଗଛରେ ବିପଦଜନକ ଅବସ୍ଥାରେ ବିଦ୍ୟୁତ ସଂଯୋଗ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀରାମପୁର ପଞ୍ଚାୟତରେ ଥିବା ସିଦ୍ଧ ରାମଚଣ୍ଡି ମହିଳା ମହାସଂଘ ବହୁ ଅନିୟମିତତାରେ ସମ୍ପୃକ୍ତ ଥିବା ଓ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ନେଇ ସଞ୍ଜୟ ରାଉତ, ପ୍ରେମ ରଞ୍ଜନ ପଣ୍ଡା, ଅନନ୍ତ ପରିଡା, ପ୍ରେମାନନ୍ଦ ସେଠୀ, ବଳରାମ କୁଣ୍ଡ, ବିପିନ ସେଠୀ, ପ୍ରକାଶ କୁଣ୍ଡ, ପର୍ଶୁରାମ ସାହୁ, ନବ ପରିଡା ପ୍ରମୁଖ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବଳଭଦ୍ରପୁର ପଞ୍ଚାୟତର ବାଲିପାଟଣା ଗ୍ରାମରେ ନିର୍ମାଣାଧୀନ ଗ୍ରାମ୍ୟ ଉନ୍ନୟନ ରାସ୍ତା ଅଧପନ୍ତରିଆ ଭାବେ ପଡିରହିଛି। ଜବରଦଖଲ ଯୋଗୁଁ ରାସ୍ତା କାମ ଆଗେଇ ପାରୁନାହିଁ ପ୍ରଶାସନ ଅନୁଭବ କରି ସ୍ଥାନୀୟ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ପୁଲିସ ପ୍ରଶାସନ ସହଯୋଗରେ ଜବରଦଖଲ ଉଚ୍ଛେଦ କରିବାର ୭ ମାସ ପରେ ମଧ୍ୟ ରାସ୍ତା କାମ ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହିଛି। ସରପଞ୍ଚ ପ୍ରିୟବ୍ରତ ଓଝା ତୁରନ୍ତ ରାସ୍ତା କାମ ଶେଷ କରିବାକୁ ଦାବି କରିଥିଲେ। ପେଣ୍ଟପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ବନ୍ୟା ବିପନ୍ନ ପେଣ୍ଟପାଳ ପଞ୍ଚାୟତବାସୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ୧୯୯୨ରୁ ପ୍ରସ୍ତାବିତ ଓ ଜିଲ୍ଲା ପ୍ରଶାସନର ବିଚାରାଧୀନ କୂଳସାହି, କୋଳଥିଆ ଓ ନାହିଆଡିଆ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ପୋହଳ ପାଟନାଳୀ ଉପରେ ପୋଲ ନିର୍ମାଣ ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଆମ୍ବେଦକର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀ, ପୂର୍ବତନ କାଉନସିଲର ଗୋବିନ୍ଦ ସେଠୀ, ଚନ୍ଦନ ପାତ୍ର, ଶରତ ଜେନା, ରବୀନ୍ଦ୍ର ସାହୁ, ପ୍ରଭାତ ମଲିକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ପଟ୍ଟାମୁଣ୍ଡାଇ ବାଇପାସ ଓ କଚେରୀ ପୋଖରୀ ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା, ପରିବା ମାର୍କେଟ କରି ବ୍ୟବସାୟୀଙ୍କୁ ଥଇଥାନ କରିବା, ବିଜୁ ପଟନାୟକ ଛକରେ ଦୁର୍ଘଟଣା ଏଡାଇବାକୁ ଟ୍ରାଫିକ ପୁଲିସ ମୁତୟନ ଆଦି ଦାବି କରିଥିଲେ।

ଏହି ଶିବିରରେ ଗୁପ୍ତିରା ଗ୍ରାମର ଭୂମିହୀନ ବିଧବା ବିମ୍ବଳି ବେୱାଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅଶୋକ ସାମଲ, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ବିଡିଓ ସନ୍ତୋଷ ମନ୍ତ୍ରୀ, ଏସଡିପିଓ କ୍ଷମାସାଗର ପଣ୍ଡା, ସବଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡା, ଗ୍ରାମ୍ୟ ଉନ୍ନୟନ ସହନିର୍ବାହୀ ଯନ୍ତ୍ରୀ ଅୟସକାନ୍ତ ମହାପାତ୍ର, ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ସାହୁ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ରଥ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶିବିରକୁ ଜିଲ୍ଲା କାର୍ଯ୍ୟାଳୟର ଦେବାଶିଷ ପଣ୍ଡା ଓ ଲାସା ହେମ୍ବ୍ରମ, ପଟ୍ଟାମୁଣ୍ଡାଇ ବ୍ଲକ୍ ମୁଖ୍ୟ କିରାଣି ଗୌରୀ ବେହେରା, ସିପି ପ୍ରିୟରଞ୍ଜନ ସ୍ୱାଇଁ, ପ୍ରଭାତ ମଲ୍ଲିକ ଓ ରଞ୍ଜିତ ପରିଡା ପରିଚାଳନା କରିଥିଲେ।

## ମାର୍ଶାଘାଇରେ ପରାକ୍ରମ ଶୋଭାଯାତ୍ରା




ମାର୍ଶାଘାଇ,୧୯।୫ (ସମିସ): ମାର୍ଶାଘାଇ ଲକ୍ ଛକରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଭାରତୀୟ ସେନାର ଅପରେସନ ସିନ୍ଦୁର ପାଇଁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଶ୍ମିରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ପ୍ରଶାନ୍ତ କୁମାର ସେଠୀ, ନିଗମ ପ୍ରସାଦ ରଥ, ପୂର୍ବତନ ସରପଞ୍ଚ ରାଜୀବ କୁମାର ପୃଷ୍ଟି, ପଞ୍ଚାୟତ ବିଜେପି ସଭାପତି ଅରୁଣ ରାଉତ, ଗୋପୀନାଥ ବେହେରା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଜୁଣ ଛକରେ ପହଞ୍ଚିବା ପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବସ୍‌ଷ୍ଟାଣ୍ଡ ପରିସରରେ ସଭା ଆୟୋଜିତ ହୋଇଥିଲା। ଭାରତୀୟ ଯବାନଙ୍କ ସାହସ ଓ ପରାକ୍ରମ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ସାହୁ, ନାରୀନେତ୍ରୀ ପ୍ରତୀମା ନାୟକ, ଜ୍ଞାନରଞ୍ଜନ ବସନ୍ତିଆ, ବଳଭଦ୍ର ଦାସ, ଯଶୋବନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



କବି, ପ୍ରେମିକ ଏବଂ ଉନ୍ମାଦଗ୍ରସ୍ତ , ଏକାଭଳି ସ୍ୱପ୍ନସମ୍ପୂର୍ଣ୍ଣ ସେମାନଙ୍କର କଳ୍ପନା ଜଗତ।
-ଉଇଲିୟମ ସେକ୍ସପିୟର

ସକାଳ THE SAKALA

## ଅପଥଗାମୀ ବିକାଶ

ବିକାଶ ଅପରିହାର୍ଯ୍ୟ, କିନ୍ତୁ ପରିବେଶ ସୁରକ୍ଷା ସର୍ବୋପରି - ଏ ଆପ୍ତ ସତ୍ୟ ପ୍ରତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପରିବେଶ ସମ୍ବେଦନଶୀଳ ଯେଉଁ କେତେକ ପ୍ରକଳ୍ପକୁ କେନ୍ଦ୍ର ସରକାର ୨୦୧୭ ମସିହାରେ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ପିଛିଲା ଭାବେ ପରିବେଶ ମଞ୍ଜୁରି ଦେଇଥିଲେ ତାହାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ରଦ୍ଦ କରିଦେଇଛନ୍ତି। ପ୍ରିୟାପ୍ରୀତି ତୋଷଣ ପାଇଁ ନୀତି-ନିୟମ, ଆଇନ-କାନୁନ୍କୁ କିଭଳି ମାଡ଼ିମକଚି ଦିଆଯାଏ ତାହାର ପୁଣି ଏକ ଉଦାହରଣ ମିଳିଛି।

ପରିବେଶ ଓ ଜଙ୍ଗଲ ମଞ୍ଜୁରୀ ନଥାଇ ଯେଉଁ ପ୍ରକଳ୍ପ ଆରମ୍ଭ ହୁଏ ତାହାକୁ ବନ୍ଦ କରିବା ପାଇଁ ସରକାରଙ୍କ କ୍ଷମତା ଓ ଅଧିକାର ରହିଛି। କିନ୍ତୁ ୨୦୧୭ ମସିହା ପୂର୍ବରୁ ଅଣମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡ଼ିକୁ ଆଇନତଃ ଅବୈଧ ଦର୍ଶାଇ ବନ୍ଦ କରିବା ବଦଳରେ ଗଳାବାଟରେ ମଞ୍ଜୁର କରାଇ ନେବା ଲାଗି କେନ୍ଦ୍ର ସରକାର ୨୦୧୭ ମସିହାରେ ଏକ ସରକାରୀ ବିଜ୍ଞପ୍ତି ଜାରି କରିଥିଲେ। ସେଥିରେ କୁହାଯାଇଥିଲା ଯେ ଯେଉଁ ପ୍ରକଳ୍ପଗୁଡ଼ିକ ଆରମ୍ଭ ହୋଇସାରିଛି କିମ୍ବା ସମ୍ପ୍ରସାରିତ ହୋଇଛି କିମ୍ବା ଉତ୍ପାଦନର ବିବିଧତା ପରିବର୍ତ୍ତନ ହୋଇସାରିଛି ସେମାନେ ସେଗୁଡ଼ିକୁ ମଞ୍ଜୁର କରାଇ ନେବା ଲାଗି ଛଅମାସ ଭିତରେ 'ଏକକାଳୀନ ମଞ୍ଜୁରୀ' ବ୍ୟବସ୍ଥାରେ ଆବେଦନ କରିପାରିବେ। କୋଟି କୋଟି ଟଙ୍କାର କାମ ଆରମ୍ଭ ହୋଇସାରିଥିବାରୁ ପ୍ରଭୂତ ଆର୍ଥିକ କ୍ଷତିକୁ ଆଳ କରି ଏହି ବିଜ୍ଞପ୍ତି ଜାରି କରାଯାଇଥିଲା। କିନ୍ତୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ସରକାରଙ୍କ ଏହି ବିଜ୍ଞପ୍ତି ଉପରେ ଆପତ୍ତି ଉଠାଇ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ଖଣ୍ଡପୀଠ ବିଜ୍ଞପ୍ତିକୁ ଅବୈଧ ଦର୍ଶାଇବା ସହିତ ଏ ସମ୍ପର୍କିତ ଥିବା ମାର୍ଗଦର୍ଶିକା କିମ୍ବା ନିର୍ଦ୍ଧାରିତ ପଦ୍ଧତି ଅନୁସୃତ ହୋଇନଥିବା କହିଛନ୍ତି। ଏଥିସହିତ ଭବିଷ୍ୟତରେ ଏପରି ମଞ୍ଜୁରୀ ପୂର୍ବରୁ ପରିବେଶ ପ୍ରଭାବ ଆକଳନ(ଇଆଇଏ) ବିଜ୍ଞପ୍ତି ୨୦୦୬ର କଡ଼ା ଅନୁପାଳନ ପାଇଁ ମଧ୍ୟ ନିର୍ଦ୍ଦେଶନାମା ଜାରି କରିଛନ୍ତି।

୨୦୦୬ରେ ପ୍ରଣୀତ ଇଆଇଏ ଅନୁଯାୟୀ କୌଣସି ପ୍ରକଳ୍ପ ଆରମ୍ଭ ପୂର୍ବରୁ ମଞ୍ଜୁରୀ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ। ଏହି ନିୟମ ଆଧାରରେ ପରିବେଶ ଓ ପ୍ରାକୃତିକ ସମ୍ପଦ ଉପରେ ଉକ୍ତ ପ୍ରକଳ୍ପର ପ୍ରଭାବ, ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଧିବାସୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଆଶଙ୍କା, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଆଦି ସାମାଜିକ ଭିତ୍ତିଭୂମି ପ୍ରଭାବିତ ହେଉଛି କି ନାହିଁ ତାହା ଏକ ଉଚ୍ଚ କ୍ଷମତାପ୍ରାପ୍ତ ବିଶେଷଜ୍ଞ ଦଳ ତଦାରଖ କରିବେ। ବହୁସ୍ତରୀୟ ସମୀକ୍ଷା, ଜନଶୁଣାଣି ଆଦି ଆଧାରରେ ହୋଇଥିବା ସୁପାରିସ ଅନୁଯାୟୀ ପରିବେଶ ମନ୍ତ୍ରଣାଳୟ ଉକ୍ତ ପ୍ରକଳ୍ପକୁ ମଞ୍ଜୁର କିମ୍ବା ନାମଞ୍ଜୁର କରିପାରିବେ। କିନ୍ତୁ ୨୦୧୭ ସରକାରୀ ବିଜ୍ଞପ୍ତି ଏହି ନିୟମର ବିରୁଦ୍ଧାଚରଣ କରୁଥିବା ସ୍ପଷ୍ଟ ହେଉଛି। ଉପରୋକ୍ତ ବିବାଦୀୟ ବିଜ୍ଞପ୍ତିରେ ଏହା ମଧ୍ୟ କୁହାଯାଇଥିଲା ଯେ ସମ୍ପୃକ୍ତ ପ୍ରକଳ୍ପ କର୍ତ୍ତାଙ୍କଠାରୁ ପରିବେଶ ଓ ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ ବାବଦକୁ ଜୋରିମାନା ବାବଦରେ ଅର୍ଥ ଆଦାୟ କରାଯାଇପାରିବ। ଏହାଛଡ଼ା ପରିବେଶ ସୁରକ୍ଷା ଆଇନ ୧୯୮୬ ଆଧାରରେ ସମ୍ପୃକ୍ତ ରାଜ୍ୟ ପ୍ରଦୂଷଣ ବୋର୍ଡ ମଧ୍ୟ ସେମାନଙ୍କ ଉପରେ ଅଙ୍କୁଶ ଜାରି କରିପାରିବେ। କିନ୍ତୁ ଅର୍ଥ ଯେ ପ୍ରକୃତିଠାରୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣୀୟ ନୁହେଁ, ତାହା କେନ୍ଦ୍ର ସରକାର ଜାଣିଶୁଣି ପାଶୋରି ପକାଇଥିବା ଅନୁଭୂତ ହେଉଛି।

ଯେଉଁ ପ୍ରକଳ୍ପ ପରିବେଶ ମଞ୍ଜୁରୀ ନଥାଇ ଆରମ୍ଭ ହୋଇପାରୁଛି ସେହି ପ୍ରକଳ୍ପ ଯେ ରାଜ୍ୟ ପ୍ରଦୂଷଣ ବୋର୍ଡର ନାଲିଆଖିକୁ ଡରିବ ତାହା ବିଶ୍ୱାସଯୋଗ୍ୟ ହେଉନାହିଁ। ତେଣୁ ବିଜ୍ଞପ୍ତି ପଛର ଉଦ୍ଦେଶ୍ୟ ଆଉ ଅବୁଝା ହୋଇ ରହିନାହିଁ। ଏହି କଥାକୁ ସର୍ବୋଚ୍ଚ ନ୍ୟାୟାଳୟ ଉଚିତ ଭାବେ ତର୍ଜମା କରି ସମୟୋପଯୋଗୀ ରାୟ ଶୁଣାଇଛନ୍ତି। ଏଥିସହିତ ଖଣ୍ଡପୀଠ ଯେଉଁ କେତେକ ଟୀପ୍ପଣି କରିଛନ୍ତି ତାହା ସର୍ବାଦୌ ପ୍ରାସଙ୍ଗିକ। ଖଣ୍ଡପୀଠ କହିଛନ୍ତି ଯେ ପରିବେଶ ପ୍ରତି ହାନିକାରକ ପ୍ରକଳ୍ପଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସରକାର ଅପଥଗାମୀ ହୋଇଛନ୍ତି। ଏହା ସମ୍ବିଧାନର ଧାରା ୨୧ ଓ ୧୪ର ଉଲ୍ଲଙ୍ଘନ କରୁଥିବାରୁ ଖଣ୍ଡପୀଠ କଦାପି ୨୦୧୭ ବିଜ୍ଞପ୍ତିକୁ ବୈଧ କରିପାରିବେ ନାହିଁ। ଏହି ରାୟ ଦେବା ବେଳେ ଖଣ୍ଡପୀଠ ଦିଲ୍ଲୀ ବାୟୁ ପ୍ରଦୂଷଣର ଉଦାହରଣ ଦେବା ସହିତ ଏପରି ବିଜ୍ଞପ୍ତିର ଯେଭଳି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସଚେତନ ହେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସାମ୍ପ୍ରତିକ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ପୃଷ୍ଠଭୂମିରେ ପରିବେଶ ଓ ଜୈବ ବିବିଧତାର ସୁରକ୍ଷା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉଲ୍ଲେଖ ଅନାବଶ୍ୟକ। ଅଧିକନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ତୁଳନାରେ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ପରିବେଶ ଅଧିକ କ୍ଷତିଗ୍ରସ୍ତ। ପରିବେଶ ପ୍ରତିକୂଳ ବିକାଶ ମାନବ ସଭ୍ୟତା ପ୍ରତି ଆଦୌ ଗ୍ରହଣୀୟ ନୁହେଁ ବୋଲି ପରିବେଶବିତ୍ମାନେ ଚେତାବନୀ ଦେଇ ଆସୁଛନ୍ତି, କିନ୍ତୁ ପରିବେଶ ଆଇନ କରିଥିବା ସରକାର ହିଁ ପରିବେଶ ବିନାଶର କାରକମାନଙ୍କୁ ସବୁଜସଂକେତ ଦେଇ ଚାଲିଛନ୍ତି। ଏପରିକି ପରିବେଶ ଉପରେ ନିର୍ଦ୍ଦିଷ୍ଟ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ସୁପାରିସ କରିବା ପାଇଁ ସରକାର ବିଭିନ୍ନ ସମୟରେ ଗଠନ କରିଥିବା ଆୟୋଗ ଓ କମିଟିର ମତାମତକୁ ମଧ୍ୟ ସରକାର ଗ୍ରହଣ କରିବାକୁ ନାରାଜ। ଏଭଳି ଅପଥଗାମୀ ବିକାଶର ପରାଭବ କେରଳର ୱାଇନାଡ୍, ଉତ୍ତରାଖଣ୍ଡ, ଆସାମ୍ ଆଦି ସ୍ଥାନରେ ପ୍ରତିଫଳିତ ହୋଇଛି। ଲକ୍ଷଲକ୍ଷ ଜୀବନ ଯାଇଛି। କୋଟି କୋଟି ଟଙ୍କାର ପରିବେଶ ଭିତ୍ତିଭୂମି ଧ୍ୱଂସ ପାଇଛି। ତଥାପି ବିକାଶ ନାମରେ ବିନାଶକୁ ଆଦରି ନେବାରେ ସରକାର କୁଣ୍ଠାବୋଧ କରୁନାହାନ୍ତି। ଏହାକୁ ପୁଣି ଥରେ ଖଣ୍ଡପୀଠ ସୂଚାଇ ଦେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ପରିବେଶର ବଳି ଦେଇ ବିକାଶ କ'ଣ ଜରୁରୀ? ଏ ପ୍ରଶ୍ନର ଉତ୍ତରରେ ସରକାରଙ୍କ ଅନ୍ତରାତ୍ମାର ଉତ୍ତର ନିଶ୍ଚୟ 'ନା' ହୋଇପାରେ। କିନ୍ତୁ କେବଳ ଆର୍ଥିକ ଅଭିବୃଦ୍ଧି ଓ ଭୌତିକ ଉନ୍ନତିରେ ମୋହାଚ୍ଛନ୍ନ ସରକାର ନିରୁତ୍ତର ରହିବା ହିଁ ଶ୍ରେୟ ମଣିବେ। ବିଶ୍ୱାୟନରେ ବିକାଶ ଜରୁରୀ। କିନ୍ତୁ ତାହା ପରିବେଶକୁ ଧ୍ୱଂସ କରି ନହେଉ। ●

# ଧାର୍ମିକ ବର୍ବରତା

**ଡ.ମନୋଜ କୁମାର ମହାନ୍ତି**

ପୃଥିବୀପୃଷ୍ଠରେ ମାନବଜାତିର ସୃଷ୍ଟି ଯେତିକି ରହସ୍ୟମୟ, ତା'ଠାରୁ ଅଧିକ ରହସ୍ୟମୟ ତା'ର ଧାର୍ମିକ ମାନସିକତା। ସେ ତା' ନିଜ ସୃଷ୍ଟିକୁ ନେଇ ଅନେକ ମତବାଦ ମଧ୍ୟରୁ ଧାର୍ମିକ ମତବାଦକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭାବେ ଗ୍ରହଣ କରିଛି। ଧର୍ମ ପ୍ରତ୍ୟେକ ମଣିଷର ଏକ ସ୍ୱତନ୍ତ୍ର ପରିଚୟ। ଧାର୍ମିକ ପରିଚୟ ତା'କୁ ସାମାଜିକ ଅନୁଷ୍ଠାନ ଓ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ସହ ଯୋଡ଼ି ରଖିଥାଏ। ଯଦିଓ ଧର୍ମର ଆରମ୍ଭ ଓ ନିର୍ଦ୍ଦିଷ୍ଟ ସମୟକୁ ଖୋଜିପାଇବା କାଠିକର ପାଠ, ତଥାପି ଧର୍ମ ବିନା ମଣିଷର ଅସ୍ତିତ୍ୱ ବା କାହିଁ?

ଇତିହାସ ପୃଷ୍ଠାକୁ ଉନ୍ମୋଚନ କଲେ ଜଣାଯାଏ ମଣିଷର ସାମାଜିକ ପରିଚୟ କେବଳ ମଣିଷ ନୁହେଁ, ବରଂ ଜାତି-ଧର୍ମ ଭିତରେ ସୀମାବଦ୍ଧ ହୋଇଯାଇଛି। ଦର୍ଶନ ଶାସ୍ତ୍ର ଅନୁଯାୟୀ ମଣିଷ ନିଜକୁ ସଂଯତ, ପରିମାର୍ଜିତ ସହ ଦିବ୍ୟଚେତନାର ଜାଗରଣ କରି ନିଜ ଜୀବନକୁ ଅମୃତମୟପୂର୍ବକ ମୋକ୍ଷ ଲକ୍ଷ୍ୟରେ ଆତ୍ମାକୁ ଅଗ୍ରସର କରିବାର ମୁଖ୍ୟ ଉଦେଶ୍ୟ ହେଉଛି ଧର୍ମ। 'ଧର୍ମ'ର ଅର୍ଥ ଧାରଣ କରିବା। 'ଧାରଣ'ର ଅର୍ଥ ନିଜର ନୈତିକ କର୍ମକୁ ଆଦରପୂର୍ବକୁ ଆଗେଇ ନେବା। ଧର୍ମ ଏକ ଜୀବନଶୈଳୀ, ଏକ ଚିନ୍ତାଧାରା, ଏକ ମାନସିକ ପରିକଳ୍ପନା, ଏକ ସ୍ୱଚ୍ଛସୁନ୍ଦର ସଂକଳ୍ପ, ଯାହା ମଣିଷକୁ ରାସ୍ତା ଦେଖାଏ। ତା' ଭିତରେ ଥିବା ମାନବିକତାକୁ ଉଦ୍ରେକ କରେ। ଦୟା, ପ୍ରେମ, କରୁଣା ପୁଣି ଭଲ ପାଇବା ସୃଷ୍ଟି କରେ। ପ୍ରତ୍ୟେକ ମଣିଷ ସ୍ୱତନ୍ତ୍ର ଯେ ସେ କେଉଁ ଧର୍ମ ବା ଜୀବନଶୈଳୀକୁ ଗ୍ରହଣ କରିବ ଏବଂ ସେ କେଉଁ ପଥରେ ଅଗ୍ରସର ହେବ ତା'କୁ ହିଁ ଜଣା।

ଜୀବଜଗତର ସୃଷ୍ଟି ପରେ ପରେ ଧର୍ମର ଧ୍ୱଜା ଉଡ଼ିବା ଆରମ୍ଭ ହେଲା। ମଣିଷ ଦ୍ୱାରା ସୃଷ୍ଟି ହୋଇଥିବା ଧର୍ମକୁ ମଣିଷ ହିଁ ପ୍ରଚାର ପ୍ରସାର କରିବାରେ ଲାଗିପଡ଼ିଲା। ଖାଦ୍ୟ, ବସ୍ତ୍ର ଓ ବାସଗୃହ ଉପଯୋଗୀ ସବୁକିଛି ଧର୍ମକୁ ଆଖିରେ ରଖି କରାଗଲା। କେଉଁ ଧର୍ମ ଗ୍ରହଣ କଲେ ମଣିଷକୁ ସୁଖ ଶାନ୍ତି ମିଳିବ ସେ ହିଁ ସ୍ଥିର କଲା। ମଣିଷର ପୋଷାକ ପରିଚ୍ଛଦ ବେଶଭୂଷାକୁ ଦେଖି କେଉଁ ମଣିଷ କେଉଁ ଧର୍ମର ଜାଣିବାରେ ଆଉ କୌଣସି ଦ୍ୱନ୍ଦ୍ୱ ଉପୁଜିଲା ନାହିଁ। ପ୍ରତ୍ୟେକ ଧର୍ମର ଉପାସନା ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ ରହିଲା। ଧର୍ମର ପ୍ରତିଷ୍ଠାତାଙ୍କ ମହତ୍ୱାଣୀ ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ସାଧାରଣ ଜନତାଙ୍କୁ ନିଶ୍ଚିତଭାବେ ଆକର୍ଷଣ କରିବା ଫଳରେ ସେମାନେ ସେହି ଧାର୍ମିକ ଚିନ୍ତାଧାରାରେ ନିଜକୁ ସାମିଲ୍ କରିବାରେ ମନୋନିବେଶ କଲେ। ପାରମ୍ପରିକ ଭାବେ ପିଢ଼ି ପରେ ପିଢ଼ି ସେଇ ନିର୍ଦ୍ଦିଷ୍ଟ ଧର୍ମକୁ ଗ୍ରହଣ କରିନେଲେ। ଧର୍ମକୁ ସହୃଦୟରେ ଗ୍ରହଣ କଲା ପରେ ସେହିଧର୍ମକୁ ଲୋକପ୍ରିୟ କରାଇବା ପାଇଁ ମଣିଷମାନେ ଲାଗିପଡ଼ିଲେ। ନିଜ ଧର୍ମକୁ ଶ୍ରେଷ୍ଠ ଭାବେ ଅନୁଭବ କରି ବିଶ୍ୱ ଦରବାରରେ ସେହି ଧର୍ମର ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ କଲେ। ପରେପରେ ଧର୍ମ-ଧର୍ମ ମଧ୍ୟରେ ଚାଲିଲା ପ୍ରତିଦ୍ୱନ୍ଦ୍ୱିତା, ଆକ୍ଷେପ-ପ୍ରତ୍ୟାକ୍ଷେପ।

ଧର୍ମ ଆଗରେ ସବୁ ମୂଲ୍ୟହୀନ। ତେଣ ନିଜର



ଜୀବନକୁ ବଳିଦାନ ସହ ଅନ୍ୟର ଜୀବନକୁ ନେଇ ରକ୍ତର ହୋଲି ଖେଳିବାକୁ ମଣିଷର କୌଣସି ଦ୍ୱନ୍ଦ୍ୱ ଜାତ ହେଲା ନାହିଁ। ଧର୍ମ ଓ ଧର୍ମର ପୁରୋଧାକୁ ନିଜର ଇଷ୍ଟ ଭାବେ ଗ୍ରହଣ କରି ସେହି ନିର୍ଦ୍ଦିଷ୍ଟ ଧର୍ମର ପ୍ରଭୂତାକୁ କିପରି ଜାହିର କରାଯିବ ସେଥିପାଇଁ ସେ ଯୋଜନା କଲା। ଧାର୍ମିକ ଅନୁଷ୍ଠାନ ଜରିଆରେ ଭାବପ୍ରବଣତାକୁ ଅସ୍ତ୍ର କରି ତାହାକୁ ଲୋକାଭିମୁଖୀ କରିବାରେ ସେ ଯତ୍ନବାନ ହେଲା। ପରବର୍ତ୍ତୀ ସମୟରେ ଧର୍ମର ପୃଷ୍ଠପୋଷକ ସାଜିଲେ ହିଂସ୍ର ଅତ୍ୟାଚାରୀ ଶାସକଗୋଷ୍ଠୀ। ସମସ୍ତ ବଳପ୍ରୟୋଗ ପୂର୍ବକ ସାଧାରଣ ଜନତାକୁ ଯୋରଜବରଦସ୍ତ ଧର୍ମଗ୍ରହଣ କରିବାକୁ ବାଧ କରାଗଲା। ଏଥିରେ ଯିଏ ରାଜି ହେଲା ସେ ବଞ୍ଚିଲା। କେହି କେହି ନିଜ ଜୀବନ ବିକଳରେ ଧର୍ମାନ୍ତରଣକୁ ଉପଯୁକ୍ତ ମନେ କଲେ। ଯେଉଁମାନେ ଅନ୍ୟ ଧର୍ମ ଗ୍ରହଣ କଲେ ନାହିଁ ସେମାନଙ୍କୁ ଅତ୍ୟାଚାର, ଅକଥନୀୟ ଦଣ୍ଡ, ମୃତ୍ୟୁଦଣ୍ଡ ଓ ମାନସିକ ଯନ୍ତ୍ରଣା ସହିବାକୁ ପଡ଼ିଲା। ଅଯଥା ଧାର୍ମିକ ଓ ତୀର୍ଥକର ମଧ୍ୟ ସାଧାରଣ ଜନତାଙ୍କ ଉପରେ ଜୋର କରି ଲଦି ଦିଆଗଲା। କେଉଁଠି ଉପାସନା ପୀଠକୁ ଧ୍ୱଂସ କରାଗଲା ତ ପୁଣି କେଉଁଠି ଉପାସନା ପୀଠକୁ ନିଜ ପ୍ରିୟଧର୍ମର ଉପାସନା ପୀଠରେ ରୂପାନ୍ତର କରିବାରେ ଲାଗି ପଡ଼ିଲେ ଧର୍ମାନ୍ଧ ବ୍ୟକ୍ତିସମୂହ। ଧର୍ମକୁ ପ୍ରାଧାନ୍ୟ ଦେଇ ମଣିଷ ମାନବିକତାକୁ ପାସୋରି ଦେଲା।

ବିଶ୍ୱର କୋଣଅନୁକୋଣରେ ଭିନ୍ନଭିନ୍ନ କ୍ଷେତ୍ରରେ ଧର୍ମକୁ ଆଖିରେ ରଖି ଧର୍ମଯୁଦ୍ଧ ଆରମ୍ଭ ହୋଇଗଲା। ଯେଉଁ ଧର୍ମ ପ୍ରେମ ଓ କରୁଣାର ଗୀତଗାନ କରୁଥିଲା ସେ ପୁଣି ହିଂସା-ନୃଶଂସ ଆତଙ୍କବାଦୀର ରୂପ ଧାରଣ କଲା।

'ଧର୍ମ'ର ମୂଳମନ୍ତ୍ର ନୈତିକ ବିଚାର ଉପରେ ପର୍ଯ୍ୟବସିତ। ବିଶ୍ୱଭ୍ରାତୃତ୍ୱ ଓ ଶାନ୍ତି ସ୍ଥାପନ ପାଇଁ ଧର୍ମ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ହେଁ ତାହା ସମୟକ୍ରମେ ଉଗ୍ର ମାନସିକ ରୂପଧାରଣ କରି ରକ୍ତପାତର ରୂପ ନେବ ସେ କଥା କିଏ ଜାଣିଥିଲା? ଦୟା, କ୍ଷମା, ଦାନ ଓ ତ୍ୟାଗ ଥିଲା ପ୍ରତ୍ୟେକ ଧର୍ମର ମୂଳଲକ୍ଷ୍ୟ। ତାହା କିନ୍ତୁ କ୍ରୂରତାକୁ ପରିବର୍ତ୍ତିତ ହେବାରେ ଲାଗିଲା। ଜଳଦାନ, ଜଳଛତ୍ର କୂପଖନନ ପରିବର୍ତ୍ତେ କୂଅପୋଖରୀ ପାଣିରେ ବିଷ ମିଶାଇବା ଭଳି ଅମାନବିକ କାର୍ଯ୍ୟକଳାପ ଦେଖିବାକୁ ମିଳିଲା। ମଣିଷ ପଶୁଠାରୁ ମଧ୍ୟ ହୀନ ପାଲଟିଗଲା। ଅତ୍ୟାଚାର, ଲୁଣ୍ଠନ, ଗୃହଦାହ, ବଳାତ୍କାର, ଉତ୍ପୀଡ଼ନ, ଉତ୍ତେଜନା, ହିଂସା, ରକ୍ତପାତ କେଉଁ ଧର୍ମର ଆଦର୍ଶ? ନାଜିବାଦ ଶାସନ ସମୟରେ ଇହୁଦୀମାନଙ୍କ ପ୍ରତି ଯେଉଁ ଅତ୍ୟାଚାର କରାଗଲା ତା'ର ମୂକସାକ୍ଷୀ କେବଳ ସମୟ। ଇସ୍ରାଏଲ ଓ ପାଲେଷ୍ଟାଇନରେ ଥିବା ହମାସ ଆତଙ୍କବାଦୀ ମଧ୍ୟରେ ଦୀର୍ଘ ଦିନରୁ ଲାଗିଥିବା ଶତ୍ରୁତା ପଛରେ ଧାର୍ମିକ ଚିନ୍ତାଧାରା ହିଁ ଜଡ଼ିତ, ଯାହା ବାରମ୍ବାର ଯୁଦ୍ଧ ପାଇଁ ରାସ୍ତା ଉନ୍ମୁକ୍ତ କରୁଛି। ସିରିଆରେ ଆଇଏସଆଇର ଯେଉଁ ବର୍ବରତାର କରୁଣକୋହ ତାକୁ କିଏ ବୁଝିବ?

ଭାରତବର୍ଷରେ ଧାର୍ମିକ ବର୍ବରତା କିଛି ନୂଆ କଥା ନୁହେଁ। ମୋଗଲ ଓ ଅନ୍ୟ ବାହ୍ୟ ଆକ୍ରମଣକାରୀମାନଙ୍କଠାରୁ ଆରମ୍ଭ ହୋଇଛି ଭାରତରେ ଧାର୍ମିକ ବର୍ବରତା। ଭାରତରୁ ଧନସମ୍ପଦ ଲୁଣ୍ଠନ ସହ ଧାର୍ମିକ ବର୍ବରତାର ସମସ୍ତ ତଥ୍ୟ ଗୋଟିଗୋଟି ଆମ ଆଖି ସାମନାରେ। ମୋଗଲ ରାଜତ୍ୱ ସମୟରେ ମୋଗଲ ଶାସକମାନେ ଯେଉଁ ଘୃଣା ହିଂସା ନୃଶଂସ ଅମାନବୀୟ ଅତ୍ୟାଚାର ଧର୍ମକୁ ନେଇ ଆରମ୍ଭ କରିଥିଲେ, ତାହା ଦେଶ ସ୍ୱାଧୀନ ହେବାର ପରବର୍ତ୍ତୀ ସମୟରେ ମଧ୍ୟ ଦେଖିବାକୁ ମିଳୁଛି। ମୋଗଲ ସାମ୍ରାଜ୍ୟର ପତନ ପରେ ବ୍ରିଟିଶ ଶାସନ କାଳରେ କିଛିମାତ୍ରାରେ ଧାର୍ମିକ ବର୍ବରତା ଦେଖିବାକୁ ମିଳିଥିଲା। ଭାରତ ପାକିସ୍ତାନ ବିଭାଜନ ସମୟରେ ଯେଉଁ ହତ୍ୟା, ଧର୍ଷଣ ଓ ବର୍ବରତାର ଦୃଶ୍ୟ ଦେଖିବାକୁ ମିଳିଥିଲା, ସେ ସବୁ ପଛରେ ଧାର୍ମିକ ଚିନ୍ତାଧାରାର ଝଲକ୍ ଇତିହାସ ପୃଷ୍ଠାରେ ଲିପିବଦ୍ଧ। ପାକିସ୍ତାନରୁ ବାଂଲାଦେଶ ଅଲଗା ହେବା ସମୟରେ ପୁନଶ୍ଚ ସେହି ବୀଭତ୍ସ ଅମାନବୀୟ କ୍ରୂରତା କାହାକୁ ବା ଅଛପା? ଉଭୟ ପାକିସ୍ତାନ ଓ ବାଂଲାଦେଶରେ ବସବାସ କରୁଥିବା ହିନ୍ଦୁମାନଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ନିର୍ଯାତନା ଘଟିଛି, ତା'ର ହିସାବ କାହା ପାଖରେ ଅଛି? ଆଫଗାନିସ୍ତାନରେ ଥିବା ବୁଦ୍ଧ ଧର୍ମର ସମସ୍ତ ପ୍ରତିମୂର୍ତ୍ତିକୁ ଯେଉଁଭଳି ଧ୍ୱଂସବିଧ୍ୱଂସ କରାଗଲା, ତାହା କଣ ଅତ୍ୟନ୍ତ ଧାର୍ମିକ ବର୍ବରତାର ପରିଚୟ ନୁହେଁ?

ଧର୍ମ ଆଧାରରେ ଭାରତଠାରୁ ଅଲଗା ହୋଇଥିବା ପାକିସ୍ତାନ ଭିନ୍ନ ଭିନ୍ନ ସମୟରେ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ। ଭାରତର ବିଭିନ୍ନ ସ୍ଥାନରେ ସମୟେ ସମୟେ ନିଜ ଧର୍ମର ହୀନଚକ୍ରାନ୍ତକୁ ବାରମ୍ବାର ଉପସ୍ଥାପିତ କରିବାରେ ସେହି ରାଷ୍ଟ୍ର ପଛଘୁଞ୍ଚା ଦେଉନାହିଁ। କାଶ୍ମୀର ପଣ୍ଡିତମାନଙ୍କୁ ଧର୍ମ ଆଧାରରେ ଆତ୍ୟାଚାର ଓ ପଳାୟନ ପାଇଁ ଧାର୍ମିକପୀଠରୁ ଯେଉଁ ଧମକପୂର୍ଣ୍ଣ ଆଦେଶ ମିଳିଲା, ତାହା କଳୁଷିତ ଧାର୍ମିକ ଚିନ୍ତାଧାରାର ନମୁନାମାତ୍ର। ଧର୍ମକୁ ଆଧାର କରି ଆତଙ୍କବାଦୀମାନେ ଯେଉଭଳି ଅମାନବୀୟ ହତ୍ୟାକାଣ୍ଡମାନ ଭିଆଇଥା'ନ୍ତି, ତାହାର ସ୍ପଷ୍ଟ ପ୍ରମାଣ ଗତ ଏପ୍ରିଲ୍ ମାସରେ କାଶ୍ମୀର ଘାଟିରେ ପହଲଗାମରେ ଘଟିଥିବା ଘଟଣା ଆଉ ଏକ ଉଦାହରଣ। ଆତଙ୍କବାଦୀଙ୍କ ନିନ୍ଦନୀୟ କର୍ମ ପଛରେ ଧାର୍ମିକ ପରିଚୟ ଓ ଧାର୍ମିକ ଚିନ୍ତାଧାରା ହିଁ ପ୍ରତିଫଳିତ ହୋଇଥିଲା।

ଧର୍ମକୁ ଆଖିରେ ରଖି ଯେଉଁ ଘୃଣ୍ୟ ବର୍ବରୋଚିତ ଘଟଣା ଘଟିଚାଲିଛି ସେଥିପାଇଁ ଧର୍ମ ସମାଲୋଚିତ ହେଉଛି। ଧର୍ମ, ଧର୍ମଗ୍ରନ୍ଥ ଓ ଧର୍ମଗୁରୁ ବାସ୍ତବରେ ମଣିଷକୁ କ'ଣ ଶିଖାଏ? ନିଜ ଧର୍ମ ଠାରୁ କେହି ବଡ଼ ନାହିଁ? ନିଜ ଇଷ୍ଟ ହିଁ ଅନ୍ୟ ଧର୍ମର ଇଷ୍ଟଠାରୁ ଶ୍ରେଷ୍ଠ? ନିଜ ଧର୍ମରେ ଦୀକ୍ଷିତ ବ୍ୟକ୍ତି ହିଁ ମଣିଷ, ଅନ୍ୟମାନେ ପଶୁ, ଯାହାଙ୍କୁ ଯେତେବେଳେ ଚାହିଁବ ସେମାନଙ୍କର ବଳି ପକେଇବ? ନିଜ ଧର୍ମଗ୍ରନ୍ଥ, ପ୍ରଥା ଓ ପରମ୍ପରା ଅନ୍ୟ ଧର୍ମଠାରୁ କ'ଣ ବହୁତ ଉଚ୍ଚତର? ହିଂସା, ଘୃଣା, ବ୍ୟଭିଚାର, ହତ୍ୟା ଓ ସମସ୍ତ ଅମାନବୀୟ ଘଟଣା ପଛରେ ଧାର୍ମିକ ଚିନ୍ତାଧାରା ଯେ ବୃହତ୍ ଭୂମିକା ଗ୍ରହଣ କରୁଛି, ତାହା ଉଦାହରଣମାନ ବାରମ୍ବାର ଦେଖିବାକୁ ମିଳୁଛି। ଏହା ଧାର୍ମିକ ବର୍ବରତା ନୁହେଁ ତ କ'ଣ? ●

ଭଦ୍ରକ, ମୋ: ୮୮୯୫୩୪୧୦୩୩

# ଗ୍ରୀଷ୍ମପ୍ରବାହ ଓ ବନାଗ୍ନି

**ବୈଷ୍ଣବ ମେହେର**

ଚଳିତବର୍ଷ କାଳବୈଶାଖୀର ପ୍ରଭାବ ଜାରି ରହିଥିବା ସତ୍ତ୍ୱେ ଗତ ଜାନୁଆରି ପହିଲାରୁ ମେ' ମାସ ପ୍ରଥମ ସପ୍ତାହ ମଧ୍ୟରେ ଆମ ରାଜ୍ୟରେ ୨୯,୧୬୫ ଟି ସ୍ଥାନରେ ବନାଗ୍ନି ଘଟି ପ୍ରାୟ ୪, ୫୭୫.୧୧ ହେକ୍ଟର ଜଙ୍ଗଲକୁ ପ୍ରଭାବିତ କରିଛି। ଗତବର୍ଷ ଠିକ୍ ଏହି ଅବଧି ମଧ୍ୟରେ ୨୨,୮୬୮ ଟି ସ୍ଥାନରେ ବନାଗ୍ନି ସୃଷ୍ଟି ହୋଇ ୪,୦୬୭.୦୫ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିବା ବେଳେ ଚଳିତ ବର୍ଷ ବନାଗ୍ନି ସଂଖ୍ୟା ଓ ପ୍ରଭାବିତ ଜଙ୍ଗଲ ପରିମାଣରେ ବୃଦ୍ଧି ଘଟିବା ନିଶ୍ଚିତ ଚିନ୍ତାର ବିଷୟ।

ଓଡ଼ିଶାରେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ବନାଗ୍ନି କାରଣରୁ ଧ୍ୱଂସ ପାଇଥାଏ। ଗତ ଦଶବର୍ଷର ଜଙ୍ଗଲ କ୍ଷୟ ପରିସଂଖ୍ୟାନ ଅଧ୍ୟୟନ ଅନୁଯାୟୀ ଆମ ରାଜ୍ୟରେ ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ଯେତିକି ଜଙ୍ଗଲ ନଷ୍ଟ ହୋଇଛି, ତାହାର ଚାରିଗୁଣରୁ ଅଧିକ ଜଙ୍ଗଲ ନିଆଁରେ ପୋଡ଼ିଯାଇଛି। ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ଆବଶ୍ୟକ ଜଙ୍ଗଲ ଜମିରୁ ଗଛ କାଟିବା ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଥା'ନ୍ତି। ତେବେ ଗତ ଦଶବର୍ଷ ମଧ୍ୟରେ ଏହିସବୁ କାର୍ଯ୍ୟ ପାଇଁ ପାଖାପାଖି କୋଡ଼ିଏ ହଜାର ହେକ୍ଟର ଜଙ୍ଗଲ କଟାଯାଇଥିବା ବେଳେ ଏହା ବଦଳରେ ଆଇନ ଅନୁଯାୟୀ କ୍ଷତିପୂରକ ବନୀକରଣ ଯୋଜନାରେ ପ୍ରାୟ ୨୩ ହଜାର ହେକ୍ଟର ଜମିରେ



୧୦୬ କୋଟିରୁ ଅଧିକ ଅର୍ଥ ବ୍ୟୟ କରି ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି। ଅପରପକ୍ଷେ ବନାଗ୍ନି ଯୋଗୁଁ ଗତ ଦଶବର୍ଷରେ ଓଡ଼ିଶାରେ ୮୭ ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ପ୍ରଭାବିତ ହୋଇଥିବା କୁହାଯାଇଛି।

ବନାଗ୍ନିର ମୂଳଉତ୍ସ ଯାହା ହେଉନା କାହିଁକି, ଖରାଦିନ ଆରମ୍ଭରୁ ରାଜ୍ୟର ମୋଟ ୫୨ଟି ଜଙ୍ଗଲ ମଣ୍ଡଳର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଜଙ୍ଗଲ ନଷ୍ଟ ହେବା ସହ ମୂଲ୍ୟବାନ ଉଦ୍ଭିଦ ଓ ପ୍ରାଣିସମ୍ପଦର ବହୁଳ କ୍ଷତି ଘଟି ଚାଲିଛି। ଏତଦ୍‌ବ୍ୟତୀତ ବନାଗ୍ନି ଧୂମ ଓ ତାପ ସୃଷ୍ଟି କରି ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ସାଜୁଥିବାରୁ ଏହା ଆଖପାଖ ଅଞ୍ଚଳର ତାତିକୁ ଅସହ୍ୟ କରିଦେଉଛି। 'ଟେମ୍ପରେଚର' ପତ୍ରିକାରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁସାରେ ୨୦୦୧ ରୁ ୨୦୧୯ ମସିହା ମଧ୍ୟରେ ଚରମ ତାପମାତ୍ରା ଯୋଗୁଁ ଭାରତରେ ୧୯,୬୯୩ ଜଣଙ୍କର ଅଂଶୁଘାତରେ ପ୍ରାଣ ଯାଇଛି।

ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି ଯେତିକି ଆବଶ୍ୟକ, ବନାଗ୍ନିକୁ ରୋକାଯିବା ତା'ଠାରୁ ଢେର ଅଧିକ ଜରୁରୀ। ଆଧୁନିକ ବିଜ୍ଞାନ ଜଗତରେ ଉପଗ୍ରହ ମାଧ୍ୟମରେ ଚିତ୍ର ଉତ୍ତୋଳନ କରି ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ତୁରନ୍ତ ସିଧାସଳଖ ବନାଗ୍ନି ବିଷୟରେ ଅବଗତ କରାଇବା ଏକ ଅତ୍ୟାଧୁନିକ ପଦକ୍ଷେପ ବୋଲି ଧରାଯାଇପାରେ। ଏହି ତଥ୍ୟକୁ ଆଧାର କରି ବନବିଭାଗର ବନଖଣ୍ଡ, ବନାଞ୍ଚଳ, ଉପଖଣ୍ଡ, ବିଟ୍ ଭଳି ପ୍ରତ୍ୟେକ ସ୍ତରର ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକ ତତ୍ତ୍ୱାବଧାନରେ ବନ ସଂରକ୍ଷଣ ସମିତି, ସେଚ୍ଛାସେବୀ, ପ୍ରକୃତିପ୍ରେମୀ, ସାଧାରଣ ଜନତାଙ୍କ ସହଭାଗିତା ରହିଲେ ବନାଗ୍ନିକୁ ଆୟତ୍ତ କରାଯିବା ନିହାତି ସହଜ ହେବ।

ଦେଶର ପ୍ରାୟ ୯୫ ଶତାଂଶ ବନାଗ୍ନି ମନୁଷ୍ୟକୃତ ବୋଲି ବିଭିନ୍ନ ସର୍ବେକ୍ଷଣରୁ ଜଣାପଡ଼ିଛି। କିନ୍ତୁ ସାଧାରଣ ଲୋକଙ୍କ ମଧ୍ୟରେ ବନାଗ୍ନିକୁ ନେଇ ଯେଉଁ ପରିମାଣରେ ସଚେତନତା ସୃଷ୍ଟି ହେବା କଥା ତା'ହା ଏ ପର୍ଯ୍ୟନ୍ତ ଆସିନାହିଁ। ଲୋକଙ୍କ ଅସାବଧାନତା ଓ ଖାମଖିଆଲି ମନୋଭାବ ମୂଲ୍ୟବାନ ଜଙ୍ଗଲ ଧ୍ୱଂସର କାରଣ ସାଜିଛି। ପୋଡୁଚାଷ ପାଇଁ କିମ୍ବା ଜଙ୍ଗଲଜାତ ଦ୍ରବ୍ୟ ଗୋଟାଇବା ପାଇଁ ଜଙ୍ଗଲରେ ନିଆଁ ଲଗାଯିବା, ଜଳନ୍ତା ବିଡ଼ି ବା ସିଗାରେଟ୍ ଅବଶେଷରୁ ଶୁଖିଲା ପତ୍ରରେ ନିଆଁ ଲାଗି ବନାଗ୍ନି ସୃଷ୍ଟି ହେବା ଆମ ଦେଶରେ ସାଧାରଣ କଥା ହୋଇଯାଇଛି। ତେଣୁ ବନାଗ୍ନି ରୋକିବାକୁ ହେଲେ ବନବିଭାଗରେ ଯଥେଷ୍ଟ ସଂଖ୍ୟକ ଅଭିଜ୍ଞ ଓ କୁଶଳୀ କର୍ମଚାରୀଙ୍କୁ ନିୟୋଜିତ କରିବା ଦରକାର। ଯାହାଦ୍ୱାରା ସେମାନେ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରିବା ସହ ସେମାନଙ୍କ ସହଯୋଗରେ ବନାଗ୍ନି ଦୂରୀକରଣର ସଫଳ ଯୋଜନା ପ୍ରସ୍ତୁତ କରିପାରିବେ। ●

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

# ପର୍ବ ପାଳନ ଓ ମାନସିକ ଉତ୍ତୋଳନ

**ଶ୍ରୀନନ**

### ବିଜ୍ଞାନ ବାର୍ତ୍ତା

ବର୍ତ୍ତମାନ ଆମର ବଢ଼ି ବଢ଼ି ଚାଲିଥିବା ଉଚ୍ଚାକାଂକ୍ଷା ହେତୁ ଅଧିକମାତ୍ରାରେ ଆସୁଛି ବିଫଳତା। ତାହା ହିଁ ବଢ଼ାଇବାରେ ଲାଗିଛି ମାନସିକ ଚାପ ଓ ଦୁଶ୍ଚିନ୍ତା, ଯାହାକି ମନ ଓ ଶାରୀର ଉପରେ ମଧ୍ୟ ପକାଉଛି ନକାରାତ୍ମକ ପ୍ରଭାବ। ସରଳ ତଥା ସମର୍ପିତ ଭାବ ନେଇ ଧାର୍ମିକ ପର୍ବ ବା ରୀତିନୀତି ପାଳନ ସହିତ ଜୀବନଯାତ୍ରା କରିବା ଦ୍ୱାରା ଏହି ବିଫଳତାର ପ୍ରଭାବ ହ୍ରାସ ପାଏ ଏବଂ ତାହା ପାଲଟିଯାଏ ସଫଳତାର ନିଶୁଣୀ। କାରଣ ଏହା ଆମ ଚାପଗ୍ରସ୍ତ ମସ୍ତିଷ୍କର ସ୍ନାୟୁ ବ୍ୟବସ୍ଥାକୁ ପୁନଃନିର୍ମାଣ କରିପାରେ ବୋଲି ମତ ଦେଲେଣି ବହୁ ମନସ୍ତତ୍ତ୍ୱବିତ୍ ଏବଂ ସ୍ନାୟୁ ବିଜ୍ଞାନୀ। ବିଶେଷକରି ଛାତ୍ରଛାତ୍ରୀ, ଗବେଷକ, ବ୍ୟବସାୟୀ ଏବଂ ବିବିଧ ପ୍ରତିଯୋଗିତାରେ ଭାଗନେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଅଧିକ ପ୍ରଯୁଜ୍ୟ।

ନୃତାତ୍ତ୍ୱିକ ଓ ମନସ୍ତାତ୍ତ୍ୱିକ ଗବେଷଣାରୁ ଜଣାପଡ଼ିଛି ଯେ ପର୍ବପର୍ବାଣି ବା ଧାର୍ମିକ ରୀତିନୀତି ମାନସିକ ଅବସ୍ଥାକୁ ସୁନିୟନ୍ତ୍ରିତ କରେ। ଉଦାହରଣ ସ୍ୱରୂପ, ପରୀକ୍ଷାକୁ ଯିବା ପୂର୍ବରୁ ଦେବଦର୍ଶନ, କଳସ ବସାଇବା କିମ୍ବା ଗୁରୁଜନମାନଙ୍କ ଆଶୀର୍ବାଦ ଭିକ୍ଷା କରିବା ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରେ ଏବଂ ମନକୁ ଚାପ ମୁକ୍ତ କରେ। ସେହିପରି ଅନ୍ୟାନ୍ୟ ଆହ୍ୱାନର ସମ୍ମୁଖୀନ ହେବା ଆଗରୁ ଧାର୍ମିକ ରୀତି ଅନୁସାରେ କିଛି ନା କିଛି କାର୍ଯ୍ୟ କଲେ ସଫଳତାର ସମ୍ଭାବନା ଅଧିକ। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଆମର ବହୁଳ ଆଦୃତ ହୋଲି ପର୍ବ ସାମାଜିକ ସଦ୍ଭାବ ବୃଦ୍ଧି କରିବା ସହିତ ମନକୁ ଚାପମୁକ୍ତ କରେ ଏବଂ ତହିଁରେ ସୃଷ୍ଟିକରେ ସଦ୍ଭାବନା। ପରସ୍ପରକୁ ରଙ୍ଗବୋଳିବା (ପ୍ରାକୃତିକ ରଙ୍ଗ) ସହିତ ଆଲିଙ୍ଗନ କରିବା ଫଳରେ ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ 'କୋର୍ଟିସଲ୍' ହ୍ରାସ ପାଏ ଏବଂ 'ଖୁସି ହରମୋନ୍' 'ଏଣ୍ଡୋରୋଫିନ୍ସ'ର କ୍ଷରଣ ବୃଦ୍ଧି ପାଇ ମନକୁ ଆନନ୍ଦିତ କରେ। ଏହାର ପ୍ରଭାବରେ ରୋଗ ନିରୋଧକ ଶକ୍ତି ବଢ଼େ, ରକ୍ତଚାପ ହ୍ରାସ ପାଏ, ହୃତ୍‌ସ୍ପନ୍ଦନ ସଂଯୋଜିତ ହୁଏ ଏବଂ ରୋଗବ୍ୟାଧିରୁ ମୁକ୍ତ ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ।

କୌଣସି କାର୍ଯ୍ୟରେ ବିଫଳ ହେଲା ବେଳେ ଏହା କିପରି ମସ୍ତିଷ୍କକୁ ପ୍ରଭାବିତ କରେ, ତାହା ଉପରେ ଏବେ ଆଲୋକପାତ କରିଛି ବେଜିଂ ବିଶ୍ୱବିଦ୍ୟାଳୟର ଜି ୱିଙ୍ଗଙ୍କ ଏକ ସ୍ନାୟୁ ବିଜ୍ଞାନଭିତ୍ତିକ ଅଧ୍ୟୟନ। ଏଥିରେ ସେ ଏବଂ ତାଙ୍କ ସହଯୋଗୀମାନେ ମସ୍ତିଷ୍କର ସ୍ନାୟୁଗୁଡ଼ିକର କାର୍ଯ୍ୟକଳାପ ଉପରେ ଲକ୍ଷ୍ୟ ରଖୁଥିଲେ। କୌଣସି କାର୍ଯ୍ୟ କଲାବେଳେ ଭୁଲ୍ କରି ବସିଲେ ତାହାର ପ୍ରତିକ୍ରିୟା ସେ ବ୍ୟବସ୍ଥା ଉପରେ ଦୃଶ୍ୟମାନ ହୁଏ ବୋଲି ଗବେଷଣାରୁ ଜଣାପଡ଼ିଥିଲା। ଏହା ସେଠାର ସ୍ନାୟୁଗୁଡ଼ିକର ସକ୍ରିୟତା ହ୍ରାସ କରିଥାଏ। ତେବେ ସେସମୟରେ କୌଣସି ଧାର୍ମିକ କାର୍ଯ୍ୟରେ ଲିପ୍ତ ରହିଲେ ତାହା ମସ୍ତିଷ୍କର ପ୍ରଭାବିତ 'ଆଣ୍ଟେରିଆର୍ ସିଙ୍ଗୁଲେଟ୍ କୋରଟେକ୍ସ' ଅଂଶକୁ ପୁନଃସକ୍ରିୟ କରିଦିଏ। ଏହା ଆମକୁ ତ୍ରୁଟିଟି ପ୍ରତି ସଂବେଦନଶୀଳତା ହ୍ରାସ କରେ। ଅତଏବ ଆମ ମନ ଶକ୍ତ ହୁଏ ଏବଂ ନୂଆ କାମ କରିବା ଲାଗି ସେଥିରେ ଆଗ୍ରହ ଜନ୍ମେ। କୌଣସି ଆହ୍ୱାନମୂଳକ କାର୍ଯ୍ୟ କରିବାକୁ ଯିବା ଆଗରୁ କିଛି ନା କିଛି ଧାର୍ମିକ ରୀତିନୀତି ଅନୁସରଣ କଲେ ମନରେ ବଳ ଆସେ, ଅନିଶ୍ଚିତତା ପ୍ରତି ଭୟ ଦୂର ହୁଏ ଏବଂ କାର୍ଯ୍ୟଟିରେ ମନ କେନ୍ଦ୍ରୀଭୂତ ହୁଏ। ସାମୂହିକ ଭାବେ ପାଳନ କରାଯାଉଥିବା ପର୍ବ ବା ରୀତିନୀତି ମଧ୍ୟ ସାର୍ଥକ ଭାବନା ଏବଂ ଦୃଢ଼ ମନୋଭାବକୁ ସମସ୍ତଙ୍କ ମଧ୍ୟରେ ସୃଷ୍ଟି କରେ। ଉତ୍ପନ୍ନ ହୁଏ ଏକ ଦଳଗତ ମାନସିକତା ଏବଂ ବିବିଧ ଆହ୍ୱାନର ମିଳିତ ଭାବେ ସମ୍ମୁଖୀନ ହେବା ଲାଗି ମନରେ ଶକ୍ତି ଜୁଟାଏ। ମହାମାରୀ ସମୟରେ ଦେବାର୍ଚ୍ଚନା ଏହାର ଏକ ଉଦାହରଣ।

ଏସବୁ ଦୃଷ୍ଟିରୁ ବିଚାରକଲେ ଧାର୍ମିକ ପର୍ବପର୍ବାଣି ଓ ରୀତିନୀତି ପାଳନ କରିବାର ଦେହ ଓ ମନ ଉପରେ ରହିଛି ବହୁ ସକାରାତ୍ମକ ପ୍ରଭାବ। ସାମାଜିକ ଜୀବନକୁ ମଧ୍ୟ ଏହା ସୁଦୃଢ଼ କରେ। କିନ୍ତୁ ଏବେ ଗୁରୁତ୍ୱ ଦିଆଯାଉଛି ବାଣ, ରୋଷଣୀ ଓ ବାଜା ଉପରେ। ଉଜ୍ଜ୍ୱଳ ଆଲୋକରେ ମଧ୍ୟ ସାଜସଜ୍ଜା କରାଯାଉଛି। ପରିବେଶ ଓ ପରିସଂସ୍ଥା ଉପରେ ପଡୁଛି ଏହାର ଘାତକ ପ୍ରଭାବ। ଦେହ ଓ ମନକୁ ମଧ୍ୟ ଏହା ପ୍ରଭାବିତ କରୁଛି। ଆମେ ବୁଝିବା ଉଚିତ ଯେ ଏସବୁ ଆମର ପରମ୍ପରା ନୁହେଁ। ସମୟକ୍ରମେ ଏହାକୁ ଆମେ ସେଥିରେ ଯୋଗକରିଛୁ କେବଳ କ୍ଷଣିକ ଆନନ୍ଦ ପାଇଁ ଏବଂ କେତେକସ୍ଥଳେ ଅନ୍ଧବିଶ୍ୱାସ ହେତୁ। ଏଣୁ ଚାଲନ୍ତୁ ଏ ସବୁରୁ ନିବୃତ ରହି ଆମେ ସରସ, ସୁନ୍ଦର ଭାବେ ନିର୍ମଳ ମନ ନେଇ ଧାର୍ମିକ ପର୍ବ ଏବଂ ରୀତି ନୀତି ପାଳନ କରିବା। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳ ସୁରକ୍ଷାରେ ସୁମନ୍ତ ଚୌଧୁରୀ

■ ୩ ବର୍ଷରେ ଧରିଛନ୍ତି ୧୮ କୁଖ୍ୟାତ ଶିକାରୀ
■ ପ୍ରଶଂସା କଲେ ପିସିସିଏଫ୍



ବାରିପଦା, ୧୯ ।୫ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ସୁରକ୍ଷାରେ ବନରକ୍ଷୀ ସୁମନ୍ତ କୁମାର ଚୌଧୁରୀ ଜଣେ ସବୁଜ ସୈନିକ ଭାବେ କାର୍ଯ୍ୟ କରି ନିଜର ପରାକାଷ୍ଠା ଦେଖାଇଛନ୍ତି । ଏହାକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଥିବା ବେଳେ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା 'ଏକ୍ସ' ଯୋଗେ ପ୍ରଶଂସା କରିଛନ୍ତି । ଫରେଷ୍ଟ ଗାର୍ଡ ଶ୍ରୀ ଚୌଧୁରୀ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡରେ କାର୍ଯ୍ୟରତ । ଗତ ୩ବର୍ଷ ମଧ୍ୟରେ ସେ ଦକ୍ଷିଣ ପିଠାବଟା ବନାଞ୍ଚଳରେ ୧୮ କୁଖ୍ୟାତ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଏଥିସହ ୧୫ଟି ବନ୍ଧୁକ, ୪ଟି ହାତୀଦାନ୍ତ ଏବଂ ଗୋଟିଏ କଲରାପତରିଆ ବାଘ ଚମଡ଼ା ଜବତ କରିଥିବା ଦଳରେ ସେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କ ଦ୍ୱାରା ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ବେଶ ସୁଦୂର ପ୍ରସାରୀ ହୋଇପାରିଛି । ତାଙ୍କ ଉଦ୍ୟମ ଯୋଗୁଁ ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ୩୨ଟି ବନ୍ଧୁକ ସହିତ ଆତ୍ମସମର୍ପଣ କରିଥିଲେ । ସେ ସ୍ଥାନୀୟ ଅଧିବାସୀଙ୍କ ବିଶ୍ୱାସଭାଜନ ହୋଇ ଶିମିଳିପାଳର ବନ୍ୟଜନ୍ତୁ ଓ ଗଛଲତାର ସୁରକ୍ଷା ନେଇ ଅନେକ ସଚେତନ କରିଛନ୍ତି । ଏହା ସହିତ ବିଭିନ୍ନ ସଚେତନତା ଅଭିଯାନଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଇଛନ୍ତି । ଶିମିଳିପାଳରେ ବନ୍ୟପ୍ରାଣୀଙ୍କ ପାଇଁ ଜଣେ ପ୍ରକୃତ ରକ୍ଷକ ଭାବେ କାର୍ଯ୍ୟ କରିଛନ୍ତି ବୋଲି ପିସିସିଏଫ୍ କହିଛନ୍ତି ।

■ ବାସି ଖାଦ୍ୟ ବିକ୍ରି; ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ଉ

# 'ବିଶାଳ ମେଗା ମାର୍ଟ'କୁ ୧ ଲକ୍ଷ ଟଙ୍କା ଜରିମାନା

ରାୟଗଡ଼ା, ୧୯।୫(ସମିସ): ବୈଧ ସରିଯାଇଥିବା ଖାଦ୍ୟ ପ୍ୟାକେଟ୍ ବିକ୍ରି ଅଭିଯୋଗରେ ରାୟଗଡ଼ା ଏଫ୍‌ସିଆଇ ଛକ ନିକଟସ୍ଥ ବିଶାଳ ମେଗାମାର୍ଟକୁ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଅଭିଯୋଗ ଆଧାରରେ ଆଜି ରାୟଗଡ଼ା ଖାଦ୍ୟ

**'ବିଶାଳ ମେଗା ମାର୍ଟ'କୁ ୧ ଲକ୍ଷ ଟଙ୍କା ଜରିମାନା**

ସୁରକ୍ଷା ଅଧିକାରୀଙ୍କ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା । ଅଭିଯୋଗ ସତ ପ୍ରମାଣିତ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ସୂଚନାନୁସାରେ, ରାୟଗଡ଼ା ସହରର ବାସିନ୍ଦା ସଂଗ୍ରାମ ପଟ୍ଟନାୟକ ଚଳିତ ମାସ ୧୪ ତାରିଖ ଦିନ ବିଶାଳ ମେଗାମାର୍ଟରୁ ସମୁଦାୟ ୧୪୬୩ ଟଙ୍କାର ଜିନିଷ କିଣିଥିଲେ । ତେବେ ଏକ ଭୁଜିଆ ପ୍ୟାକେଟ୍‌ର ବୈଧତା ୧୨ ତାରିଖ ଦିନ ସରିଯାଇଥିବାରୁ ଏ ବାବଦରେ ସେ ସଂସ୍ଥାର ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ମ୍ୟାନେଜର୍ ଓଲଟି ତାଙ୍କୁ ନାଲି ଆଖି ଦେଖାଇଥିଲେ । ପରେ ଶ୍ରୀ ପଟ୍ଟନାୟକ ଏ ସଂପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଖାଦ୍ୟ ସୁରକ୍ଷା ଅଧିକାରୀ ଜ୍ୟୋତି ପ୍ରକାଶ ସୋରେନଙ୍କ ନେତୃତ୍ୱରେ ତିନିଜଣିଆ ଏକ ଟିମ୍ ଆଜି ମାର୍ଟରେ ଚଢ଼ଉ କରିଥିଲେ । ଯାଞ୍ଚ ସମୟରେ ସେଠାରେ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା କିଛି ସାମଗ୍ରୀର ବୈଧତା ସରିଯାଇଥିବା ଦେଖିବାକୁ ମିଳିଥିଲା । ଏଥିସହ କିଛି ଖାଦ୍ୟ ସାମଗ୍ରୀ ଖୋଲାଥିବା ଦେଖିବାକୁ ପାଇବା ପରେ ଉକ୍ତ ସାମଗ୍ରୀର ମାନ ପରୀକ୍ଷଣ ପାଇଁ ଲ୍ୟାବ୍‌କୁ ପଠାଇଥିଲେ ।

ଶିମିଳିପାଳ ସୁରକ୍ଷାରେ ଯୋଡ଼ି ହେଲା ଆଉ ଏକ ଫର୍ଦ୍ଦ

# ଏସ୍‌ଟିପିଏଫ୍ ପାଇଁ ଆସିଲା ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍

**ପ୍ରଥମ ପର୍ଯ୍ୟାୟରେ ଆସିଛି ୫୦ଟି ଜ୍ୟାକେଟ୍**



ବାରିପଦା,୧୯ ।୫ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ଅଧିକ ମଜଭୁତ ହେଉଛି । ଏବେ ଏହି ସୁରକ୍ଷା ବ୍ୟବସ୍ଥାରେ ଗୋଟିଏ ନୂଆ ଫର୍ଦ୍ଦ ଯୋଡ଼ା ହୋଇଛି । ଅଭୟାରଣ୍ୟ ସୁରକ୍ଷାରେ ସମ୍ମୁଖ ଯୋଦ୍ଧା ଭାବେ ନିୟୋଜିତ ଥିବା ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିପିଏଫ୍)ଙ୍କ ପାଇଁ ବୁଲେଟ ପ୍ରୁଫ୍ ଜ୍ୟାକେଟ୍‌ର ବ୍ୟବସ୍ଥା କରାଯାଇଛି । ଏହାକୁ ପରିଧାନ କରି ପାଟ୍ରୋଲିଂ କରିବେ ସୁରକ୍ଷା ବଳ । ବନବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୫୦ଟି ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଅଣାଯାଇଛି । ଏହି ସବୁ ଜ୍ୟାକେଟ୍ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡର ଏସ୍‌ଟିପିଏଫଙ୍କୁ ପ୍ରଦାନ କରାଯାଇଛି ।

ବିଭିନ୍ନ ବନ୍ଧୁକର ଗୁଳିକୁ ପ୍ରତିହତ କରିବା ଭଳି କ୍ଷମତା ଥିବା ଜ୍ୟାକେଟ୍‌କୁ ୫ଥର ପରୀକ୍ଷାନିରୀକ୍ଷା କରାଯାଇଛି । ଏହି ଜ୍ୟାକେଟ୍ ଚେନ୍ନଇସ୍ଥିତ ଅର୍ଡାନାନ୍ସ ଟେକ୍ସଟାଇଲ୍ ଫ୍ୟାକ୍ଟ୍ରିରୁ ପ୍ରସ୍ତୁତ କରାଯାଇଛି । ପ୍ରତି ଜ୍ୟାକେଟ୍‌କୁ ୪୦ ହଜାର ଟଙ୍କାରେ କ୍ରୟ କରାଯାଇଛି । କିଛି ବର୍ଷ ତଳେ ବନ୍ୟଜନ୍ତୁ ଶିକାରୀଙ୍କ ଗୁଳିରେ ଶିମିଳିପାଳର ୨ ବନ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା । ଏହା ପରଠାରୁ ପର୍ଯ୍ୟାୟକ୍ରମେ କର୍ମଚାରୀ ଓ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି । ଏହି କ୍ରମରେ ପୁଲିସ ଓ ବନ କର୍ମଚାରୀ ମିଳିତ ଭାବେ ପାଟ୍ରୋଲିଂ କରିବା ସହ ବନ୍ଧୁକ ପ୍ରଦାନ କରାଯାଇଛି । ଶିମିଳିପାଳ ପାଇଁ ସ୍ୱତନ୍ତ୍ର ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ ମଧ୍ୟ ନିୟୋଜିତ କରାଯାଇଛି । ସେହିପରି ବନ କର୍ମଚାରୀଙ୍କୁ ୫ଟି ଇନସାସ୍, ୬୧ଟି ପିଏଜି, ୩୪ଟି ଏକ୍ସକଲିବର, ୧୫ଟି ୯ ଏମ୍‌ଏମ ଓ ୩୨ଏମଏମ ବନ୍ଧୁକ ପ୍ରଦାନ କରାଯାଇଛି । ବନ୍ଧୁକ ଚାଳନା ନେଇ ନିୟମିତ ବ୍ୟବଧାନରେ ତାଲିମ ମଧ୍ୟ ଦିଆଯାଉଛି । ସେହିପରି ସୁରକ୍ଷା ବ୍ୟବସ୍ଥାରେ ଏ.ଆଇ କ୍ୟାମେରା, ସନ୍ଧାନୀ କୁକୁରଙ୍କ ଭୂମିକା ମଧ୍ୟ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରୀୟ ଅନୁଦାନ...

ପରିସ୍ଥିତି ସୃଷ୍ଟି କରିଛି । ଯାହା କେନ୍ଦ୍ରୀୟ ଅନୁଦାନ ହ୍ରାସର ଅନ୍ୟତମ କାରଣ ବୋଲି ଅର୍ଥନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ବିଜେଡି ସରକାର କେବଳ ପଞ୍ଚାୟତିରାଜ ବିଭାଗରେ ଖର୍ଚ୍ଚ କରିଥିଲେ ୧୬୮୫ କୋଟି ଟଙ୍କା । ମାତ୍ର ବିଜେପି ସରକାରକୁ ଆସିବା ପରେ ଏହି ବିଭାଗ ମାତ୍ର ୮୨୨୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସମର୍ଥ ହୋଇଛି । କେବଳ ପଞ୍ଚାୟତିରାଜ ବିଭାଗ ନୁହେଁ, ମିଶନଶକ୍ତି, ଗ୍ରାମ୍ୟ ଉନ୍ନୟନ ଓ ସାମାଜିକ ଉନ୍ନୟନ ଜଡ଼ିତ ଅନ୍ୟ ବିଭାଗଗୁଡ଼ିକର ମଧ୍ୟ ସମାନ ଅବସ୍ଥା ।

କେବଳ କେନ୍ଦ୍ରୀୟ ଅନୁଦାନ ନୁହେଁ, ଗତ ଆର୍ଥିକ ବର୍ଷରେ ରାଜସ୍ୱ ସଂଗ୍ରହ ମଧ୍ୟ ପୂର୍ବ ବର୍ଷ ତୁଳନାରେ ହ୍ରାସ ପାଇଛି । ୨୦୨୩-୨୪ରେ ତତ୍‌କାଳୀନ ବିଜେଡି ସରକାର ସମୟରେ ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ ସଂଗ୍ରହ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୯୧ ପ୍ରତିଶତ ବଢ଼ିଥିଲା । ମାତ୍ର ୨୦୨୪-୨୫ରେ ଏହି ବୃଦ୍ଧି ହାର ମାତ୍ର ୩.୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି । ସେହିପରି ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ନିରାଶାଜନକ ରହିଛି । ୨୦୨୩-୨୪ରେ ଅଣ ଟିକସ ରାଜସ୍ୱ ସଂଗ୍ରହ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨୪.୦୯ ପ୍ରତିଶତ ବୃଦ୍ଧି ପାଇଥିବା ସମୟରେ ବିଜେପି ସରକାର ଆସିବା ପରେ ୨୦୨୪-୨୫ରେ ଅଣ ଟିକସ ରାଜସ୍ୱ ୩.୬୬ ପ୍ରତିଶତ ହ୍ରାସ ପାଇଛି । ୨୦୨୩-୨୪ରେ ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୯.୭୬ ପ୍ରତିଶତ ବଢ଼ିଥିବା ବେଳେ ୨୦୨୪-୨୫ରେ ତାହା ପ୍ରାୟ ୯.୬୯ ପ୍ରତିଶତ ହ୍ରାସ ପାଇଛି । ଲୁହାପଥରରୁ ମଧ୍ୟ ରାଜ୍ୟ ସରକାର ମାତ୍ର ବର୍ଷଟିଏ ମଧ୍ୟରେ ୭୩୮୩ କୋଟି ଟଙ୍କାର ରାଜସ୍ୱ କମ୍ ପାଇଛନ୍ତି । ସବୁ କ୍ଷେତ୍ରରେ ରାଜସ୍ୱ ପ୍ରାପ୍ତି କମ୍ ସରକାରଙ୍କ ଅପାରଗତାକୁ ଜଳଜଳ ଦର୍ଶାଉଛି । ଅତଏବ ସରକାର ଉତ୍ସବ ପାଳିବା ବଦଳରେ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ କିପରି ସୁସ୍ଥ ରହିବ ସେନେଇ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

### ଭାରତ ଧର୍ମଶାଳା...

ଶ୍ରୀଲଙ୍କା ଫେରିଯିବାକୁ କୁହାଯାଉଛି । ଆବେଦନକାରୀଙ୍କ ଓକିଲ ସମ୍ବିଧାନର ଧାରା ୨୧ (ଜୀବନ ଏବଂ ସ୍ୱାଧୀନତାର ସୁରକ୍ଷା) ଏବଂ ଧାରା ୧୯ ବାକ୍ ଏବଂ ବାକ୍ ସ୍ୱାଧୀନତା ଏବଂ ମୌଳିକ ଅଧିକାର ପ୍ରଦାନ କରୁଛି ବୋଲି କହିଥିଲେ । କିନ୍ତୁ ଜଷ୍ଟିସ୍ ଦତ୍ତା କହିଥିଲେ ଯେ ଆବେଦନକାରୀଙ୍କ ଅଟକ ରଖିବା ଦ୍ୱାରା ଧାରା ୨୧ର ଉଲଙ୍ଘନ ହେଉ ନାହିଁ । କାରଣ ତାଙ୍କୁ ଆଇନ ଅନୁଯାୟୀ ହେପାଜତକୁ ନିଆଯାଇଥିଲା । ଧାରା ୧୯ କେବଳ ଭାରତୀୟ ନାଗରିକଙ୍କ ପାଇଁ ଉପଲବ୍ଧ । ଏଠାରେ ବାସ କରିବାର ତମର କି ଅଧିକାର ରହିଛି ବୋଲି କୋର୍ଟ ପଚାରିଥିଲେ । ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଶ୍ରୀଲଙ୍କାରେ ଶରଣାର୍ଥୀ ଏବଂ ତାଙ୍କ ପତ୍ନୀଙ୍କ ଜୀବନ ବିପଦରେ ଅଛି । ଏହାପରେ କୋର୍ଟ ତାଙ୍କୁ ଅନ୍ୟ ଦେଶକୁ ଯିବାକୁ କହିଥିଲେ ।

### ଟ୍ୟୁମର୍ ରୋଗୀଙ୍କୁ...

ସହ ଅନ୍ୟାନ୍ୟ ସମସ୍ୟା ବାହାରିଥିଲା । ଯନ୍ତ୍ରଣା ଅସହ୍ୟ ହେବାରୁ ଗତ ୩ ତାରିଖ ଦିନ ସେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ । ସେଠାରେ ସମସ୍ତ ପରୀକ୍ଷାନିରୀକ୍ଷା ପରେ ଜଣାଯାଇଥିଲା ଯେ ସେ ଗର୍ଭବତୀ ନାହାନ୍ତି, ବରଂ ତାଙ୍କ ପେଟରେ ଏକ ଟ୍ୟୁମର୍ ରହିଛି ଏବଂ ତାହା ଦିନକୁ ଦିନ ବଢ଼ିବାରେ ଲାଗିଛି । ତେଣୁ, ତାଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କାରେ ରୁନିଙ୍କୁ ସେହିଦିନ ଅଧିକ ଚିକିତ୍ସା ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ତାଙ୍କ ପେଟରୁ ଏ ପର୍ଯ୍ୟନ୍ତ ଟ୍ୟୁମର ବାହାର କରାଯାଇନଥିବା ଜଣାଯାଇଛି । ବର୍ତ୍ତମାନ ସେଠାରେ ସେ ଚିକିତ୍ସିତ ହେଉଛନ୍ତି । ଅପରପକ୍ଷେ, ଏଭଳି ଅବସ୍ଥାରେ ରୁନି ଓ ତାଙ୍କ ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ଚିନ୍ତାରେ ରହିଛନ୍ତି ।

### ଯୁବତୀଙ୍କୁ ୬ ଦିନ...

ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ବାଲିଗୁଡା ଥାନା ଅଧିକାରୀ ସମ୍ବିତ୍ କୁମାର ସ୍ୱାଇଁ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରିବା ପରେ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ସାମ୍ବାଦିକ ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ପ୍ରକାଶ କରିଛନ୍ତି ।

### ୯ ଜଣଙ୍କୁ 'ଅନ୍‌ଫଲୋ'...

ଇନ୍‌ଷ୍ଟା ଆଇଡିରେ ୨୨୫ ଜଣଙ୍କୁ ଫଲୋ କରୁଥିଲେ । ହେଲେ ଦୁଇଦିନ ଧରି ଚର୍ଚ୍ଚାରେ ଥିବା ପ୍ରିୟଙ୍କାଙ୍କୁ ଫଲୋ କରୁଥିବା ସଂଖ୍ୟା ୨୧୬ରେ ପହଞ୍ଚିଛି । ଏହି ଦୁଇ ତିନି ଦିନ ମଧ୍ୟରେ ପ୍ରିୟଙ୍କା କାହାକୁ ଅନ୍‌ଫଲୋ କରିଛନ୍ତି, ତାକୁ ନେଇ ଉଠିଛି ପ୍ରଶ୍ନ ।

ପୂର୍ବରୁ ପ୍ରିୟଙ୍କା ନିଜ ପାକିସ୍ତାନ ଗସ୍ତର ରିଲ୍‌ସ ଓ ଭିଡିଓକୁ ଉଭୟ ୟୁଟ୍ୟୁବ୍ ଆକାଉଣ୍ଟ ଏବଂ ଇନ୍‌ଷ୍ଟାରୁ ଡିଲିଟ୍ କରିଥିଲେ । ଏବେ ନିଜ ଇନ୍‌ଷ୍ଟା ଆକାଉଣ୍ଟକୁ ମଧ୍ୟ ଲକ୍ କରିଛନ୍ତି । ତେବେ ପ୍ରିୟଙ୍କା ଦେଶ ପ୍ରଥମ ବୋଲି ସ୍ପଷ୍ଟ କରିଥିବା ବେଳେ ତାଙ୍କ ବାପା ସବୁପ୍ରକାର ତଦନ୍ତରେ ଝିଅ ସହଯୋଗ କରିବ ବୋଲି କହିଥିଲେ । ହେଲେ ତାଙ୍କ ସୋସିଆଲ ମିଡିଆ ସାଇଟ୍‌କୁ ନେଇ ଅନେକ ସନ୍ଦେହ ପ୍ରକଟ କରିଛନ୍ତି ।

ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନ ମଧ୍ୟ ଘଟଣାର ତଦନ୍ତ ଚାଲିଛି । ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି । ଆମେ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସହ ଯୋଗାଯୋଗରେ ଅଛୁ । ଯାଞ୍ଚ ସରିଲା ପରେ ସମସ୍ତ ତଥ୍ୟ ଦିଆଯିବ । ହରିଆଣା ପୁଲିସ୍ କି ଏନ୍‌ଆଇଏର କୌଣସି ଅଧିକାରୀ ପୁରୀ ଆସିନାହାନ୍ତି ବୋଲି ଏସ୍‌ପି କହିଛନ୍ତି । ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ତଦନ୍ତ ପାଇଁ ପୁରୀ ଆସିବା ଦରକାର ନାହିଁ । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଯେ କୌଣସି ଜାଗାରୁ ତଦନ୍ତ କରିପାରିବେ ।

### ଶ୍ୱାସରୁଦ୍ଧ ହୋଇ...

କାର୍‌ର ସବୁତକ ଡୋର୍ ବନ୍ଦ ହୋଇଯିବା ପରେ ଧୀରେଧୀରେ ଭିତରେ ଥିବା ଅମ୍ଳଜାନ ସରିଯାଇଥିଲା । ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ସମସ୍ତେ ଛଟପଟ ହୋଇଥିଲେ ଏବଂ କାର୍ ଭିତରୁ ବାହାରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଡୋର୍ ଖୋଲିବା କୌଶଳ ସେମାନଙ୍କୁ ଜଣାନଥିଲା । ପାଖରେ ମଧ୍ୟ କେହି ନଥିବାରୁ ସେମାନଙ୍କୁ ଉଦ୍ଧାର କରାଯାଇପାରିନଥିଲା । ଫଳରେ କିଛି ସମୟ ମଧ୍ୟରେ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ । ଅପରପକ୍ଷେ, ପରିବାରଲୋକ ବହୁ ଖୋଜାଖୋଜି କରି ସେମାନଙ୍କୁ କାର୍ ଭିତରୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେତେବେଳକୁ ଆଉ ସେମାନଙ୍କ ଦେହରେ ଜୀବନ ନଥିଲା । ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏନେଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରାଖିଛି ।

ଟ୍ରମ୍ପଙ୍କ ସହ ପୁତିନଙ୍କ ଦୁଇ ଘଣ୍ଟିଆ ଆଲୋଚନା

# ଯୁଦ୍ଧ ବନ୍ଦ କରିବା ପାଇଁ ପ୍ରସ୍ତୁତ

ୱାଶିଂଟନ, ୧୯।୫ (ଏଜେନ୍ସି): ୟୁକ୍ରେନ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସୋମବାର ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫୋନ୍‌ରେ ଆଲୋଚନା କରିଛନ୍ତି । ଆପୋଷ ବୁଝାମଣା ଦ୍ୱାରା ଦୁଇ ଦେଶ ମଧ୍ୟରେ ଶୀଘ୍ର ଅସ୍ତ୍ରବିରତି ହୋଇପାରେ ବୋଲି କୁହାଯାଉଛି । ଏହି ଫୋନ୍ ବାର୍ତ୍ତାଳାପରେ ଉଭୟ ନେତା ଯୁଦ୍ଧ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଅସ୍ତ୍ରବିରତି ପାଇଁ ମସ୍କୋ ଏବଂ କିଭ ରଖିଥିବା ସର୍ତ୍ତ ବିଷୟରେ ଚର୍ଚ୍ଚା କରିଥିଲେ । ଏହି ଆଲୋଚନା ବହୁତ ଭଲ ଥିଲା ବୋଲି ପୁତିନ କହିଛନ୍ତି । ଯୁଦ୍ଧ ବନ୍ଦ କରିବା ପାଇଁ ସେ ପ୍ରସ୍ତୁତ ବୋଲି ଉଲ୍ଲେଖ କରିଛନ୍ତି । ଏଥିପାଇଁ ଉଚିତ୍ ବୁଝାମଣା ହେବା ଉଚିତ । ଯୁଦ୍ଧର ପ୍ରକୃତ କାରଣକୁ ଶେଷ କରିବାକୁ ହେବ । ୟୁକ୍ରେନ ସହ ଭବିଷ୍ୟତର ଶାନ୍ତି ଚୁକ୍ତି ପାଇଁ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବା ଦିଗରେ ସେ କାର୍ଯ୍ୟ କରୁଛନ୍ତି ବୋଲି ପୁତିନ ଉଲ୍ଲେଖ କରିଛନ୍ତି । ଏହା ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେନ୍‌ସ୍କିଙ୍କ ସହ ଟ୍ରମ୍ପ କଥା ହୋଇଥିଲେ । ତେବେ ଏହା କେବଳ କିଛି ମିନିଟ ପାଇଁ ଥିଲା । ସେହିପରି ତୁର୍କୀରେ ହୋଇଥିବା ଆଲୋଚନା ଠିକ୍ ମାର୍ଗରେ ଯାଉଛି ବୋଲି ପୂର୍ବରୁ ପୁତିନ କହିଥିଲେ ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

କେନ୍ଦୁଝର,୧୯।୫(ସମିସ): କେନ୍ଦୁଝର ସଦର ବନାଞ୍ଚଳ କୁସୁମିତା ଗ୍ରାମର ଜଣେ ବୃଦ୍ଧା ଆଜି ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ମୃତକ ହେଲେ, ସୁନାଫୁଲ ପ୍ରଧାନ(୬୦) । ଆଜି ସକାଳେ ସେ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ । ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା । ଏଥିରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ପଳାସପଙ୍ଗା ଫରେଷ୍ଟର୍ ଜୟକୃଷ୍ଣ ଦାସ ଓ ସଦର ଏସ୍‌ଆଇ ନୀହାରରଞ୍ଜନ ରାଉତ ପହଞ୍ଚି ତଦନ୍ତ ଚଳାଇଥିଲେ । ଏନେଇ ୩୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ପରେ ସୁନାଫୁଲଙ୍କ ଶବକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୧୯ ।୫(ସମିସ): ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟର ବିଚାରପତି ସନ୍ତୋଷ କୁମାର ନାୟକ ସୋମବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଦୋଷୀକୁ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଏଥିସହିତ ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୋଷୀ ସାବ୍ୟସ୍ତ ବ୍ୟକ୍ତିଜଣଙ୍କ ହେଲା, ଯଶିପୁର ଥାନା ଅଞ୍ଚଳର ହେମେନ୍ଦ୍ର ନାଏକ (୩୦) । ଗତବର୍ଷ ଜୁନ୍ ୪ତାରିଖରେ ଦୁଇ ଭଉଣୀ ନିକଟସ୍ଥ ବଜାରକୁ ଯାଇଥିବା ବେଳେ ହେମେନ୍ଦ୍ର ଜଣଙ୍କୁ ଚକଲେଟ୍ ଦେଇ ଘରକୁ ପଠାଇ ଦେଇଥିଲା । ପରେ ଅନ୍ୟଜଣକୁ ବଜାର ନିକଟରେ ଦୁଷ୍କର୍ମ କରିଥିଲା । ଏ ସଂପର୍କରେ ଜଣାପଡ଼ିବା ପରେ ନାବାଳିକାର ପରିବାରଲୋକ ଯଶିପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ହେମେନ୍ଦ୍ରକୁ ଗିରଫ କରିଥିଲା । ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ହେମେନ୍ଦ୍ରକୁ କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ ।

**LOST**

Manashis Nayak , Holding Bachelor of Engineering Degree in Computer Science Engineering ,has lost his degree certificate which is issued by Biju Patnaik University of Technology in year 2004. Anybody found, please contact: Manashis Nayak, 65 LB Housing Board Colony, Jayadev Nagar, Bhubaneswar, mob- 9916425381

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**MARKFED - ODISHA**
OLD STATION ROAD, BHUBANESWAR - 751006
MARKFED-ODISHA
OFFICE OF THE AREA OFFICE, SAMBALPUR
Contact No. 9938384466

MARKFED invites Sealed Tender Call Notice from adhoc Rake Clearing & Transport Contractor in Odisha, Sambalpur City Rake Point for Clearing of 50 Kg/45Kg weight fertilizer in HDPE bags received from Rail Rakes at Sambalpur Railhead. Reputed & Financially Sound Contractor with minimum 5 (five) year experience in Fertilizer Rake Clearing are required to apply. The details Terms & Condition along with Tender Paper may be obtained from Area Office, MARKFED, Sambalpur from 19.05.2025 to 26.05.2025 in between 11 A M to 4 PM and submit the same on or before dt 30.05.2025 by 4 PM. beside government holiday. The sealed tender will be open on 31.05.2025 at 11.30 AM .

Sd/- Area Manager
MARKFED, Sambalpur

**AFFIDAVIT**

By Virtue of an Affidavit no 985 dt 2.5.25 before the Notary Public, Bhadrak I, SHREE MANISA NAYAK At/Po- Samantraypur, P. S- Pirahat ,Dist-Bhadrak,PIN- 756131 declare that I have changed my name from **SUSHREE SHREE MANISA NAYAK** to **SHREE MANISA NAYAK**. Henceforth I shall be known as **SHREE MANISA NAYAK** for all purposes.

**AFFIDAVIT**

By virtue of an affidavit sworn before In the Court Of Executive Magistrate,Daspalla dated 17/05/2025 I Debasis Pradhan,Adress Village-riramchandrapur, PO-Srirampur, P.S-Daspalla, Dist-Nayagarh, Pin-752084 declare that I have changed my name from **Rakesh Pradhan** to **Debasis Pradhan**. Henceforth, I Shall be known as **Debasis Pradhan** for all purpose.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 14/05/2025 I Sri. Guru Kanteri S/o- Adu Kanteri, Village - Gulpandi, Post - Malibelgaon, PS - Nandapur, Dist - Koraput declare that I have changed my name from Guru Hantal S/o- **Sahu Hantal** to **Guru Kanteri** . Henceforth, I shall be known as **Guru Kanteri** for all purpose.
Sd/- Guru Kanteri

**AFFIDAVIT**

By virtue of an affidavit sworn before the Executive Magistrate, Puri, SL. No: 2074 dated 04/04/2025, I **Juliyas Rani Sahu**, W/o Hemanta Kumar Sahu resident of Village At - Dhoba Sahi, Station Road, Ps- Sea Beach, Dist- Puri, Odisha, Pin-752002 declare that I have changed my name from **Juliyas Rani Tandi** to **Juliyas Rani Sahu**. Henceforth, she shall be known as **JULIYAS RANI SAHU** for all purposes.
Sd- JULIYAS RANI SAHU

**AFFIDAVIT**

By virtue of an affidavit sworn before Executive Magistrate, Gondia, Dhenkanal on date 19.04.2025, I **Purna Chandra Pradhan,** S/o- Nidhi Pradhan, Village- Makunda pur, PO- Karmul, PS- Gondia, Dist-Dhenkanal, declares that I have changed my son's name from **Sruti Ranjan Pradhan To Smruti Ranjan Pradhan.** Hence he will known as **Smruti Ranjan Pradhan** for all purposes.
Sd/- Purna Chandra Pradhan

**AFFIDAVIT**

I, Pragyan Nayak, D/o- gopal Chandra Nayak, resident of Plot No-1823, Ananta Nagar, Mahatab Road, Lingaraj, Old Town, Dist- Khurda, Pin-751002, Odisha declare by this affidavit No. 446, dated- 17/05/2025 that now onwards I shall be known as **PRAGNYA NAYAK** for all future purposes.

**AFFIDAVIT**

**I, Manoj Parida,** H/o.: Rupeli Rupanita Dash, presently residing at Flat No.: 104, Sairaj Ashiyana, Kesura, PO./P.S.: Laxmisagar, Bhubaneswar, Dist.: Khorda, Odisha, PIN-751006, declare by this affidavit No.: 73AA 584737 dated 22.11.2024 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**

By virtue of an Affidavit sworn before The Executive Magistrate, Bissam Cuttack, Vide Sl. No.1395/2025, dated-09/05/2025, I BUDU KUSHALIA, son of ARJUN KUSHALIA, Address Village-Kankubadi, Post-Kankubadi, P.S-Bissam Cuttack, District- Rayagada, Odisha, PIN- 765019 declare that I have changed my name from **JAGANNATH KUSHALIA** to **BUDU KUSHALIA**. Henceforth I shall be known as **BUDU KUSHALIA** for all purposes.

**AFFIDAVIT**

By Virtue of an affidavit sworn before Executive Magistrate, Bhubaneswar dated: 05.03.2025, I, Keshaba Mallick, address:- at- Kalingi, Po-Tajungia, PS-Brahmanigaon, Dist- Kandhamal, Odisha, Pin-762021, declare that I have changed my son's name from **Krish Mallick** to **Arijit Mallick**. Henceforth, he shall be known as **Arijit Mallick** for all purposes.
Keshaba Mallick

**AFFIDAVIT**

I, Rajeswari Patro, aged about 41 years, W/o- Pradeep Kumar Patro, resident of Gouda Sahi, Phulabani, Po- Phulbani, Ps- Phulbani Town, Dist- Kandhamal, Odisha, Pin-762001, do hereby declare by this affidavit No. 1046, dtd. 19/05/2025, that now onwards I shall be known as **RAJESWARI PATRA** for all future purposes.

**AFFIDAVIT**

I, Chakaradhar Behera, S/o- Gopinath Behera, resident of At- Bharatpur, Po- Ayatapur, Ps- Nachuni, Dist- Khurda, Pin Code- 752035, Odisha declared by this affidavit No. 888, dtd- 19/04/2025 that now onwards I shall be known as **CHAKRADHAR BEHERA** for all future purposes.

**AFFIDAVIT**

I, Krushna Chandra Parida, S/o- Narahari Parida, resident of At/Po-Sabira, Ps- Soro, Dist- Balasore, Pin-756045, Odisha declare by this affidavit No. 447, dated- 17/05/2025 that now onwards I shall be known as **KRUSHNA PARIDA** for all future purposes.

**AFFIDAVIT**

**I, Rupeli Rupanita Parida,** W/o.: Manoj Kumar Parida, presently residing at Flat No.: 104, Sairaj Ashiyana, Kesura, PO./P.S.: Laxmisagar, Bhubaneswar, Dist.: Khorda, Odisha, PIN-751006, declare by this affidavit No.: 73AA 584756 dated 22.11.2024 that now onwards I shall be known as **RUPELI RUPANITA DASH** for all future purposes.

**AFFIDAVIT**

**I, Manoja Kumar Parida,** S/o.: Shyam Sunder Parida, Resident of, At: Kuansh, PO./P.S./Dist.: Bhadrak, PIN-756100, Odisha declare by this affidavit No.: 73AA 584738 dated 22.11.2024 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**

By virtue of an affidavit before Executive Magistrate, Kabisuryanagar, Ganjam, I Sapana Gouda, S/o- Paramananda Gouda resident of Vill.- Sadabarta Nuagan, Po/Ps.- Kabisuryanagar, Dist.- Ganjam, Odisha state that my correct name is **Sapana Gouda** but in my Aadhaar card no. 2417 7243 6399 my name has been mentioned as **Swapna Gouda**. Hence **Sapana Gouda** and **Swapna Gouda** is same and one person of the above locality.

**AFFIDAVIT**

I, Ajaya Kumar Parida, S/o- Krushna Parida, resident of At/Po-Sabira, Ps- Soro, Dist-Balasore, Pin-756045, Odisha declare by this affidavit No. 448, dated- 17/05/2025 that now onwards I shall be known as **AJAY KUMAR PARIDA** for all future purposes.

**AFFIDAVIT**

I, Mandakini Jena, W/o- Prakash Jena, resident of BH202 Sri Ram Nagar, Chakeisihani, Manchswar, Bhubaneswar, Pin-751010, Odisha declared by this affidavit No. 1037, dtd-18/05/2025 that now onwards I shall be known as **KUNI JENA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Dhenkanal on date 24.02.2025, I **Mita Padhan**, W/o- Prakash Kumar padhan, Village-Chhadasingh, PO-Badanagena, PS-Sadar, Dist- Dhenkanal, declares that I have changed my name from **Rasmita Dehury to Mita Padhan.** Hence he will known as **Mita Padhan** for all purposes.
Sd/- Mita Padhan

# ଜିଲ୍ଲା କାରାଗାରରେ 'ଭୁଲରୁ ଭଲ ହେବା' ଶୀର୍ଷକ କର୍ମଶାଳା



ଜଗତସିଂହପୁର,୧୯।୫(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ବ୍ୟାସ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆଳିପିଙ୍ଗଳସ୍ଥ ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ମାନସିକତାର ପରିବର୍ତ୍ତନ ପାଇଁ ଆନ୍ତର୍ଜାତିକ ଗୀତା ମିଶନ ସଭାପତି ଚିଦାନନ୍ଦ ଦାସ ଓ ମାଳିକା ପ୍ରବଚକ ଦିବାକର ଦାସଙ୍କ ଦ୍ୱାରା "ଭୁଲରୁ ଭଲ ହେବା' ଶୀର୍ଷକ ଆଧ୍ୟାତ୍ମିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ସଭାପତିତ୍ୱରେ ଆନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, କାରାଗାରର ଭାରପ୍ରାପ୍ତ ଅଧୀକ୍ଷକ ମନସ୍ୱିନୀ ପାଣିଗ୍ରାହୀ, ଉପସହକାରୀ ଅଧୀକ୍ଷକ ଦର୍ପଭଞ୍ଜନ ଭୋଇ, ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜସ୍ୱିତୀ ମହାନ୍ତି, ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ, କାରାଗାର ଚିକିତ୍ସାଧିକାରୀ ଡାକ୍ତର ଶକ୍ତିପ୍ରସାଦ ହୋତା, ଫାର୍ମାସିଷ୍ଟ ନିରଞ୍ଜନ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ସହାୟତା ପ୍ରତିରକ୍ଷା ଓକିଲ ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୁଇ ଆଧ୍ୟାତ୍ମିକ ବକ୍ତା କହିଥିଲେ, ଅପରାଧ ପ୍ରବଣତା ଜନ୍ମଗତ ନୁହେଁ। କୁସଙ୍ଗ, କୁପରିବେଶ, କୁଚିନ୍ତନ, କୁପଥ ପାଇଁ ବେଳେବେଳେ ମଣିଷ ଅପରାଧ କରିବସେ। ମଣିଷର ସବୁଠୁ ବଡ଼ ଶତ୍ରୁ ହେଉଛି ମଦ୍ୟପାନ। ମଦ୍ୟପାନ ଦ୍ୱାରା ମଣିଷ ରୋଗଗ୍ରସ୍ତ ହେବା ସହ ମନରେ ଅପରାଧ ପ୍ରବଣତା ଜାତ ହୁଏ। ତେଣୁ ମଦ୍ୟପାନଠାରୁ ଯଥାସମ୍ଭବ ଦୂରରେ ରହିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। କାରାଗାର ଏଭଳି ଏକ ସ୍ଥାନ ଯେଉଁଠାରେ ଏକାନ୍ତରେ ଏକାଗ୍ରତାରେ ଭଗବତ ଚିନ୍ତନ କରିହୁଏ। ଅତୀତରେ ଦସ୍ୟୁ ରତ୍ନାକର ମଧ୍ୟ ଏକାଗ୍ରତାରେ ଭଗବତ ଚିନ୍ତନ ଦ୍ୱାରା ବାଲ୍ମିକୀ ହୋଇପାରିଥିଲେ। ଏହାକୁ ଆଧାର କରି ପ୍ରତ୍ୟେକ ଅନ୍ତେବାସୀ କାରାଗରରେ ନିଜକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟିତ ହେବା ଆବଶ୍ୟକ। ଏହି ସମୟକୁ ଜୀବନର ଏକ ପରୀକ୍ଷା ଭାବି ସମୟ ଅତିବାହିତ କରିପାରିଲେ, ପରବର୍ତ୍ତୀ ସମୟ ସୁଖମୟ ହେବ। ଜୀବନରେ ସତସଙ୍ଗ ଓ ସତ୍‌ଗ୍ରନ୍ଥ ପଠନ ଦ୍ୱାରା ମନରେ ପରିବର୍ତ୍ତନ ଆସେ। ଗଳ୍ପ ମାଧ୍ୟମରେ ଅନ୍ତେବାସୀଙ୍କୁ ଆଧ୍ୟାତ୍ମିକ ସଚେତନତା କରାଇବା ସହ ପରବର୍ତ୍ତୀ ସମୟରେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ବକ୍ତାଙ୍କ ଦ୍ୱାରା ଆଧ୍ୟାତ୍ମିକ ପୁସ୍ତକ ବିତରଣ କରାଯାଇଥିଲା। ସଚିବ ବିଡିଡି ଚନ୍ଦନା ଧନ୍ୟବାଦ ଅର୍ପଣ କରିଥିଲେ।

■ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୩ଟି ଅଭିଯୋଗର ତ୍ୱରିତ ସମାଧାନ

ଜଗତସିଂହପୁର,୧୯।୫(ସମିସ):



ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିବାବେଳେ ୧୩ଟି ଅଭିଯୋଗର ତ୍ୱରିତ ସମାଧାନ କରିଛନ୍ତି।

ଆଜି ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୬ଟି ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୨ଟି, ଆବାସ ଯୋଜନା ସମ୍ପର୍କୀୟ ୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୩ଟି, ଭତ୍ତା ପାଇବା ପାଇଁ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ୧ଟି, ପୁଲିସ ସହାୟତା ପାଇବା ପାଇଁ ୩ଟି ଓ ଅନ୍ୟାନ୍ୟ ୨୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୧୩ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ (ଜଗତସିଂହପୁର) ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ତହସିଲଦାର ତାରିଣୀ ରଞ୍ଜନ ରାୟ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

# ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ

ପାରାଦୀପ,୧୯।୫ (ସମିସ): ପାରାଦୀପ ପୋର୍ଟ ଶ୍ରମିକ ସଂଘ ପକ୍ଷରୁ ପାରାଦୀପ ବନ୍ଦର ନିର୍ମାଣର ଭାଗିଦାରୀ, ପାରାଦୀପ ପୋର୍ଟ ଶ୍ରମିକ ସଂଘର ପ୍ରତିଷ୍ଠାତା, ପୂର୍ବତନ ଲୋକସଭା ସାଂସଦ ତଥା ମହାନ ସାମ୍ୟବାଦୀ ନେତା କମ୍ରେଡ଼ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ସ୍ଥାନୀୟ ଶ୍ରମିକ ଭବନରେ ଆୟୋଜିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସ୍ୱାଇଁ ଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ପାରାଦୀପ ପୋର୍ଟ ଶ୍ରମିକ ସଂଘ ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା କମ୍ୟୁନିଷ୍ଟ ନେତା ରମଣୀ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ୟୁନିଅନର ସାଧାରଣ ସମ୍ପାଦକ ନନ୍ଦୋଲାଲ ସିଂ, ବଡପଡ଼ିଆ ମାର୍କେଟ ସଭାପତି କ୍ଷୀରୋଦ ସ୍ୱାଇଁ, କାଉନସିଲର ଅଜିତ ଷଡ଼ଙ୍ଗୀ, ସମ୍ପାଦକ ବିଚିତ୍ରା ନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବନ୍ଦର ସହର ପାରାଦୀପରେ ଏବେ ଶ୍ରମିକଙ୍କ ଦୁଃଖ ଶୁଣିବାକୁ କେହିନାହିଁ। ଲୋକନାଥ ଚୌଧୁରୀ ଶ୍ରମିକଙ୍କ ହକ୍ ପାଇଁ ସବୁବେଳେ ଲଢେଇ କରୁଥିଲେ। ପାରାଦୀପ ସମେତ କୁଜଙ୍ଗ, ରାହାମା, ଜଗତସିଂହପୁର ଓ ରାଜ୍ୟର ବହୁ ସ୍ଥାନରେ ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଇଛି। ଭାରତୀୟ ଲୋକଙ୍କ ପାଇଁ ସେ ସର୍ବସ୍ୱ ଦାନ କରିଦେଇଛନ୍ତି। ପାରାଦୀପ ପ୍ରତି ତାଙ୍କର ଅଗାଢ ଆନୁଗତ୍ୟ ଥିଲା। ଦେଶ, ଜାତି, ଶ୍ରମିକ ଖଟିକିଆ ଓ ଅବହେଳିତଙ୍କ ପାଇଁ ଯିଏ ସେବା କରି ଚାଲିଯାଇଛନ୍ତି, ତାଙ୍କୁ ଆମେ ମନେ ରଖି ସେମାନଙ୍କର ପୂଜା କରିବାର ଆବଶ୍ୟକତା ରହିଛି। ପାରାଦୀପରେ ବନ୍ଦର ପ୍ରତିଷ୍ଠା



ହେବା ନେଇ ସେ ବିଜୁବାବୁଙ୍କୁ ସବୁବେଳେ ଉତ୍ସାହିତ କରୁଥିଲେ। ନୂତନ ଓଡ଼ିଶା ଗଠନରେ ତାଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୟୁନିଅନର ସମ୍ପାଦକ ଆଲୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଷ୍ଟା ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



ନାଉଗାଁ,୧୯।୫(ସମିସ): ନାଉଗାଁ ବ୍ଲକ୍‌ରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ରାଉତଙ୍କୁ ନାଉଗାଁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନାଉଗାଁ ବ୍ଲକ୍ ଓଷ୍ଟା ସଭାପତି ସୁକାନ୍ତ ଲେଙ୍କା, ସମ୍ପାଦକ ହିମାଂଶୁ ମହାନ୍ତି, ଓଷ୍ଟା ଜିଲ୍ଲା ଉପଦେଷ୍ଟା ନିରଞ୍ଜନ ମହାନ୍ତି, ଉପଦେଷ୍ଟା ନିରଦ ସ୍ୱାଇଁ, ନୃସିଂହ ରାଉତ, ଶରତ ରାଉତ, ଆର୍ଦଶ ଦାସ, ମାନସ ବେହେରା, ପ୍ରଦ୍ୟୁମ୍ନ ସ୍ୱାଇଁ, ପ୍ରଭୁଦତ୍ତ ଦାଶ, ପ୍ରଶାନ୍ତ ଦାସ, ସୁଧୀର ବିଶ୍ୱାଳ, ପତନ ପ୍ରଧାନ, ବିଜୟ କାର୍ଯି, ବୁଲାକି ମଲ୍ଲିକ ପ୍ରମୁଖ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରୀ ରାଉତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ଜଗତସିଂହପୁର,୧୯।୫(ସମିସ): ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ୍ ଅର୍ନ୍ତଗତ ବାଂଶ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପରିଡ଼ାଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରତୀମା ମଲ୍ଲିକ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, କଂଗ୍ରେସ ନେତା ପ୍ରସନ୍ନ ସାମନ୍ତରାୟ, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, କଂଗ୍ରେସ ନେତ୍ରୀ ମିନୁ ଚୌଧୁରୀ, ଯୁବ ନେତା ଜ୍ଞାନରଞ୍ଜନ ଜେନା, ଦୀପକ ପାଲ ପ୍ରମୁଖ ଶ୍ରୀ ପରିଡ଼ାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ମାଙ୍କଡ଼ ଆକ୍ରମଣରେ ଜଣେ ଗୁରୁତର

ରଘୁନାଥପୁର,୧୯।୫(ସମିସ): ରଘୁନାଥପୁର ବ୍ଲକ୍ ଅଧୀନସ୍ଥ ଧରାଧରପୁର ପଞ୍ଚାୟତର ଖରିପଡ଼ିଆ ଦାରୁସ୍ଥଳରେ ଗତ କିଛିଦିନ ଧରି ଗୋଟିଏ ମାଙ୍କଡ଼ ବିଭିନ୍ନ ଲୋକଙ୍କୁ ଆକ୍ରମଣ କରି ଆସୁଥିବାବେଳେ ସେହି ଗ୍ରାମର ଶୁକଦେବ ମଲ୍ଲିକଙ୍କ ପୁଅ ଲୋକନାଥ ମଲ୍ଲିକ (୩୧) ଙ୍କୁ ଆକ୍ରମଣ କରିବା ସହ କାମୁଡ଼ି ଗୁରୁତର କରିଦେଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଲୋକନାଥ ଖରିପଡ଼ିଆ ଦାରୁସ୍ଥଳ ଜଗନ୍ନାଥ ମନ୍ଦିର ପରିସରରେ ବସିଥିବାବେଳେ ମାଙ୍କଡ଼ଟି ହଠାତ୍ ତାଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ଶରୀର ବିଭିନ୍ନ ଅଂଶକୁ କାମୁଡ଼ି ରକ୍ତାକ୍ତ କରି ଦେଇଥିଲା। ତାଙ୍କ ପେଟ, ହାତ ଓ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ପ୍ରଥମେ ରଘୁନାଥପୁର ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ଜଗତସିଂହପୁର ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଜଗତସିଂହପୁର ରେଞ୍ଜରଙ୍କୁ ଜଣାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି।

# ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନର ବୈଠକ

ପାରାଦୀପ,୧୯।୫(ସମିସ): ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାଂସଦ ତଥା ୟୁନିଅନର ସଭାପତି ବିଭୁପ୍ରସାଦ ତରାଇଙ୍କ ସଭାପତିତ୍ୱରେ ୟୁନିଅନ ସଭାଗୃହରେ ଆୟୋଜିତ ବୈଠକରେ ୟୁନିଅନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ,



କାର୍ଯ୍ୟକାରୀ ସଭାପତି ଅନନ୍ତ ଚରଣ ଦାସ, କୋଷାଧକ୍ଷ ବ୍ରିଜେଶ କୁମାର ଲେଙ୍କା, ଉପସଭାପତି ଗୁଣନିଧି ଚୌଧୁରୀ, ସାଂସଦଙ୍କ ପ୍ରତିନିଧି ଇଂ ମନୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ପାରାଦୀପ ପୋର୍ଟରେ କାର୍ଯ୍ୟରତ ସମସ୍ତ ରେଲୱେ ଓ ଜିପିଏମ ଶ୍ରମିକଙ୍କ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ଏହାର ସମାଧାନ ନିମନ୍ତେ ସଭାପତି ନିଜର ମତ ରଖିଲେ। ଖୁବଶୀଘ୍ର ଏହା ଉପରେ ସେ ପାରାଦୀପ ପୋର୍ଟ ଅଧକ୍ଷଙ୍କ ସହ ଆଲୋଚନା କରିବେ ଓ ଜାହାଜ ଚଳାଚଳ ମନ୍ତ୍ରୀଙ୍କ ସହ ପାରାଦୀପ ପୋର୍ଟରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଦିଲ୍ଲୀରେ ଆଲୋଚନା କରିବେ ବୋଲି କହିଲେ। ଦୀର୍ଘଦିନର ଏହି ସମସ୍ୟାକୁ ସଭାପତି ହୃଦୟଙ୍ଗମ କରି ସମାଧାନ ଲାଗି ଚେଷ୍ଟା ଜାରି ରଖିଥିବାରୁ ସମସ୍ତ ଡିଏଲ୍‌ଆର କର୍ମଚାରୀ ସଭାପତି ଶ୍ରୀ ତରାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

ପାରାଦୀପ, ୧୯।୫ (ସମିସ): ଗୋପବନ୍ଧୁ ଷ୍ଟାଡ଼ିୟମରେ ଆର୍ଟ ଅଫ୍ ଗିଭିଂ ଓ ପିପିଏଲ ଡିଏଭି ସ୍କୁଲ ପରିସରରେ ଗ୍ରୀଷ୍ମକାଳୀନ ହକି ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଗୋପବନ୍ଧୁ ଷ୍ଟାଡ଼ିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବନ୍ଦରର ମେରାଇନ ବିଭାଗ ମୁଖ୍ୟ ଯନ୍ତ୍ରୀ ତଥା ପାରାଦୀପ ଗଲ୍ଫ କ୍ଲବ୍ ଅଧ୍ୟକ୍ଷ ବବୁଲ ସିକଦର ଯୋଗଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ସି କମର୍ସିଆଲର ମ୍ୟାନେଜର ତଥା ପାରାଦୀପ ଗଲ୍ଫ କ୍ଲବ୍ ଅଧିନାୟକ ଅକ୍ଷୟ ସୂତାର ଓ ଭଲିବଲ କୋଚ୍ ସଞ୍ଜୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଗତସିଂହପୁର ଜିଲ୍ଲାର ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ତଥା କ୍ରୀଡ଼ାବିତ ଶାଶ୍ୱତ କୁମାର ଅଧ୍ୟକ୍ଷତା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରଦୀପ ପଲାଇ ସହଯୋଗ କରିଥଲେ। ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମରେ ପିପିଏଲ ଓ ପାରାଦୀପର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ।

# ପୌର ଉପାଧ୍ୟକ୍ଷଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ପ୍ରତ୍ୟାହୃତ

ଜଗତସିଂହପୁର,୧୯।୫(ସମିସ): ଜଗତସିଂହପୁର ପୌର ପରିଷଦର ଉପାଧକ୍ଷ ରାଜେନ୍ଦ୍ର ବିଶୋଇଙ୍କ ବିରୋଧରେ ଗତ ଏପ୍ରିଲ ୧୫ ତାରିଖରେ ୧୩ ଜଣ ପାରିଷଦ ଆଣିଥିବା ଅନାସ୍ଥା ପ୍ରସ୍ତାବ ପ୍ରତ୍ୟାହୃତ ହୋଇଯାଇଛି। ସୋମବାର (ମେ ୧୯) ଉକ୍ତ ୧୩ ଜଣଙ୍କ ମଧ୍ୟରୁ ୮ ଜଣ ପାରିଷଦ ଅନାସ୍ଥା ପ୍ରସ୍ତାବ ପ୍ରତ୍ୟାହାର କରିବା ପାଇଁ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ପରେ ନିର୍ବାହୀ ଅଧିକାରୀ ସୀମା ଜେନା ବୈଠକ ବାତିଲ ନେଇ ସମସ୍ତ ପାରିଷଦ, ପୌରାଧକ୍ଷ ଓ ଉପାଧକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଥିବା ସୂଚନା ଦେଇଛନ୍ତି। ପୂର୍ବରୁ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶକ୍ରମେ ଚଳିତ ମାସ ୨୦ ତାରିଖ ୧୧ଘ. ୩୦ମି ସମୟରେ ଏହି ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା।

ସୂଚନା ମୁତାବକ, ୱାର୍ଡ ନମ୍ବର ୧୫ର ପାରିଷଦ ମନୋଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ୧୩ ଜଣ ପାରିଷଦ ଏପ୍ରିଲ ୧୫ ତାରିଖରେ ଜିଲ୍ଲାପାଳଙ୍କ

**୨୦ରେ ନିର୍ଦ୍ଧାରିତ ସ୍ୱତନ୍ତ୍ର ବୈଠକ ବାତିଲ**

ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କୁ ଭେଟି ପୌର ପରିଷଦ ଉପାଧକ୍ଷ ରାଜେନ୍ଦ୍ର ବିଶୋଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ପୌରପାଳିକା ମାର୍ଗଦର୍ଶିକା ଅନୁସାରେ ଅନାସ୍ଥା ପ୍ରସ୍ତାବ ଆସିବାର ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ହେବା କଥା। ଏହି ଆଧାରରେ ଜିଲ୍ଲାପାଳ ଗତ ଏପ୍ରିଲ ୨୪ ତାରିଖରେ ସ୍ୱତନ୍ତ୍ର ବୈଠକ ପାଇଁ ଚିଠି କରିଥିଲେ। ୨୦୨୨ ନିର୍ବାଚନରେ ଜଗତସିଂହପୁର ପୌର ପରିଷଦର ୨୧ଟି ୱାର୍ଡ ମଧ୍ୟରୁ ବିଜେଡି ସର୍ବାଧିକ ୯ଟି ୱାର୍ଡରେ ବିଜୟୀ ହୋଇଥିଲା। ସେହିପରି କଂଗ୍ରେସ ୭ଟି, ବିଜେପି ୨ଟି ଓ ୩ ଜଣ ସ୍ୱାଧୀନ ପାରିଷଦ ନିର୍ବାଚିତ ହୋଇଥିଲେ। ତେବେ ପୌରାଧକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହୋଇଥିଲା ଓ କଂଗ୍ରେସର ଅର୍ଚ୍ଚନା ସିଂ ପୌରାଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରବର୍ତ୍ତୀ ସମୟରେ କଂଗ୍ରେସର ୭, ବିଜେପିର ୨ ଓ ୨ ଜଣ ସ୍ୱାଧୀନ ପାରିଷଦଙ୍କ ସହଯୋଗରେ ପୌର ପରିଷଦ ଉପାଧକ୍ଷ ଭାବେ ବିଜେପିର ରାଜେନ୍ଦ୍ର କୁମାର ବିଶୋଇ ନିର୍ବାଚିତ ହୋଇଥିଲେ। ତାଙ୍କ ବିରୋଧରେ ଅନାସ୍ଥା ଆସିବା ପରେ ପ୍ରାୟ ଏକ ମାସ ଧରି ଏହାକୁ ନେଇ କଂଗ୍ରେସ, ବିଜେଡି ଓ ବିଜେପି ଦଳ ପାରିଷଦ ଓ ସ୍ଥାନୀୟ ନେତୃତ୍ୱ ମଧ୍ୟରେ ଛକାପଞ୍ଝା ଜାରି ରହିଥିଲା।

# ସିବିଏସ୍‌ଇ ଦଶମ ଯୁଗ୍ମଟପ୍ପର ଦେବାଂଶୀ ଜେନାମଣିଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୧୯।୫(ସମିସ): ଚଳିତବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲ ଛାତ୍ରୀ ଦେବାଂଶୀ ଜେନାମଣି ୫୦୦ରୁ ୪୯୭ ମାର୍କ ଆଣି ସମଗ୍ର ଓଡ଼ିଶାରେ ଯୁଗ୍ମଟପ୍ପର ହେବା ସହିତ ଜଗତସିଂହପୁର ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ବ୍ଲକ୍ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ଆଡଭୋକେଟ ଦୀପକ ପଶାୟତ ଓ ସତ୍ୟବ୍ରତ ଦାସଙ୍କ ସମେତ ଅନେକ ଶୁଭେଚ୍ଛୁ କୃତୀ ଛାତ୍ରୀ ଦେବାଂଶୀ ଜେନାମଣିଙ୍କ ବିରିଡି ବ୍ଲକ୍ ଅନ୍ତର୍ଗତ ଶିବପୁରସ୍ଥ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କ ପିତାମାତାଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇବା ସହିତ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

# ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ



ତିର୍ତ୍ତୋଲ, ୧୯।୫(ସମିସ): ବିଶ୍ୱ ସମ୍ବାଦ କେନ୍ଦ୍ର ଜଗତସିଂହପୁର ଆନୁକୂଲ୍ୟରେ ତିର୍ତ୍ତୋଲସ୍ଥ ଶିଶୁ ବିଦ୍ୟାମନ୍ଦିର ପରିସରରେ ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲା ପ୍ରଚାର ପ୍ରମୁଖ ତାପସ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଶିକ୍ଷକ ନେତା ଅକ୍ଷୟ ଦାସ ଯୋଗଦେଇ ଦେବର୍ଷୀ ନାରଦ କିପରି ମର୍ତ୍ତ୍ୟ, ପାତାଳ ଓ ସ୍ୱର୍ଗ ଲୋକର ଖବର ସମସ୍ତଙ୍କୁ ପ୍ରଦାନ କରିଥିଲେ, ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଆଇନଜୀବୀ ତଥା ସଂଗଠକ ଅମରଜ୍ୟୋତି ସାହୁ ଯୋଗଦେଇ ସାମ୍ବାଦିକମାନେ ସର୍ବଦା ମିଛ ଖବର ପରିବେଷଣରୁ ଦୂରେଇ ରହି ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ କରନ୍ତୁ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ସମାଜସେବୀ ଶରତ ମହାନ୍ତି ନାରଦଙ୍କ ଅଲୌକିକ ଶକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ବିଭୂତି ଭୂଷଣ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ ଶ୍ରୀକାନ୍ତ ଦାଶ, ଗୌରାଙ୍ଗ ସ୍ୱାଇଁ, ଶ୍ରୀବତ୍ସ ପାଢ଼ୀ, ଯଦୁମଣି ସାହୁ, ରଞ୍ଜନ ଖୁଣ୍ଟିଆ, ସୌରଜିତ ପଢ଼ିଆରୀ, ଆଇନଜୀବୀ ଟୁକନ ଚରଣ ସେଠୀ, ଯୋଗ ଗୁରୁ ସ୍ମୃତିରଞ୍ଜନ ରାୟଙ୍କ ସମେତ ତିର୍ତ୍ତୋଲ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗଦେଇ ପୌରାଣିକ ସମୟର ପ୍ରଭୁ ନାରଦଙ୍କ ଭଳି ନିର୍ଭୀକ ଭାବେ ସାମ୍ବାଦିକମାନେ ରାଷ୍ଟ୍ର ଓ ସମାଜ ହିତରେ ସତ୍ୟ ଖବର ପରିବେଷଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅରୁଣ କାନ୍ତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ଜନ୍ମ ଶତବାର୍ଷିକୀରେ ପୂର୍ଣ୍ଣ ଅବୟବ ଶିଳାନ୍ୟାସ

# 'ଲୋକନାଥ ଥିଲେ ସାଲିସ୍ ବିହୀନ ଲୋକ ନେତା'

କୁଜଙ୍ଗ,୧୯।୫(ସମିସ):





ବିଶିଷ୍ଟ ଜନନେତା, କମ୍ୟୁନିଷ୍ଟ ଆନ୍ଦୋଳନର ମହାନ ପ୍ରବକ୍ତା, କୁଜଙ୍ଗ ମାଟିର ସୁପୁତ୍ର କମ୍ରେଡ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି କୁଜଙ୍ଗ ଲୋକନାଥ ଭବନରେ ତାଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିର ଶିଳାନ୍ୟାସ କରାଯାଇଛି। କୁଜଙ୍ଗ ସୂଚନା ଭବନରେ ଆୟୋଜିତ ଲୋକନାଥ ଜନ୍ମ ଶତବାର୍ଷିକ ସ୍ମୃତି ସଂସଦ ସଭାପତି ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକନାଥ ଲୋକଙ୍କ ନେତା ଶୀର୍ଷକ ଭବ୍ୟ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ପୂର୍ବତନ ସାଂସଦ ତଥା କବି ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ଓ ଛତ୍ରପୁରର ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ପ୍ରମୁଖ ଯୋଗ ଦେଇ ଶିଳାନ୍ୟାସ କରିବା ସହିତ ଲୋକନାଥଙ୍କୁ ଜଣେ ବିରଳ ସାଲିସ ବିହୀନ ନେତା ବୋଲି ମତବ୍ୟକ୍ତ କରିଥିଲେ।

ଜମିଦାର ପରିବାରରେ ଜନ୍ମ ହୋଇ ମଧ୍ୟ ସମସ୍ତ ସୁଖ ସମ୍ପଦକୁ ତୁଚ୍ଛ କରି ଗରିବ ମୂଲିଆ ମେହେନତି ମଣିଷ ସେବାରେ ଜୀବନ ତମାମ ବିତେଇ ଦେଇଥିବା ବିରଳ ବ୍ୟକ୍ତି ଓ ଅନେକ ଜନଆନ୍ଦୋଳନର ନେତୃତ୍ୱ ନେଇ ସଫଳତାର ଶୀର୍ଷରେ ପହଞ୍ଚିଥିବାରୁ ସେ ଓଡ଼ିଶା ମାଟିର ବରପୁତ୍ର ହୋଇପାରିଥିବା ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ କହିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ପରଦା ସମ୍ପାଦକ ସରୋଜ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ, ଶିକ୍ଷକ ନେତା ବସନ୍ତ ସାମଲ, ପ୍ରଭାକର ଭଟ୍ଟ, ଉତ୍କଳ ସାହିତ୍ୟ ସମାଜ ଉପସଭାପତି ଜୀବନାନନ୍ଦ ଅଧିକାରୀ, ଡାକ୍ତର ବିପିନ ସାମନ୍ତରାୟ ଓ ପ୍ରଶାନ୍ତ ସେଠୀ ଯୋଗ ଦେଇଥିଲେ। କୁଜଙ୍ଗ ପ୍ରେସ କ୍ଲବ୍ ସଭାପତି ଡକ୍ଟର ରଘୁନାଥ ସାହୁ ମଞ୍ଚ ପରିଚାଳନା କରି କୁଜଙ୍ଗ ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସିପିଆଇ କୁଜଙ୍ଗ ଜୋନ ସମ୍ପାଦିକା ଜିନମୟୀ ସାହାଣୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସିପିଆଇ ଜିଲ୍ଲା ସମ୍ପାଦକ ଅଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇ ଜଣ କବି ଲାଲ ସଲାମ ଲୋକନାଥ କବିତା ପାଠ କରିଥିଲେ। ୯୬ ବର୍ଷୀୟ ବରିଷ୍ଠ ଶିକ୍ଷକ ନେତା ନିଶାକର ମୁଦୁଲିଙ୍କୁ ଲୋକନାଥ ଚୌଧୁରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସୁବାସ ମହାପାତ୍ର, ବିଷ୍ଣୁ ମୁଦୁଲି, ରବୀନ୍ଦ୍ର ମହାପାତ୍ର, ଶରତ ବେହେରା, ରବୀନ୍ଦ୍ର ମାଝୀ, ଶରତ ବଳିଆରସିଂ, ରୁନିବାଳା ମାଝୀ, କଳ୍ପନା ଦାସ ଓ ନବୀନ ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଆସନ୍ତା ଶତବାର୍ଷିକୀ ଉତ୍ସବରେ ପ୍ରତିମୂର୍ତ୍ତି ଉନ୍ମୋଚନ ସହିତ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ଶତବାର୍ଷିକ ସ୍ମୃତି ସଂସଦ ସମ୍ପାଦକ ଶ୍ରୀନିବାସ ଜୁଝାର ସିଂ ଘୋଷଣା କରିଥିଲେ।

# ବାଲି ଉଠାଣ ପାଇଁ ନଦୀରେ ବନ୍ଧ ନିର୍ମାଣ

ପରଜଙ୍ଗ,୧୯ ।୫(ସମିସ):



## ଯୁଗ୍ମ କମିଟିର ତଦନ୍ତ

ପରଜଙ୍ଗ ତହସିଲ ସରାଙ୍ଗ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଜଟିଆ ଗ୍ରାମ ବ୍ରାହ୍ମଣୀ ନଦୀ ଗର୍ଭରେ ବନ୍ଧ ନିର୍ମାଣ କରାଯାଇ ଜଳସ୍ରୋତକୁ ରୋକାଯାଇ ୩ଟି ଏସ୍କାଭେଟର ସାହାଯ୍ୟରେ ବାଲି ଉଠାଣ କରାଯାଉଥିଲା । ଅଭିଯୋଗ ପାଇ ସୋମବାର ପରଜଙ୍ଗ ଅତିରିକ୍ତ ତହସିଲଦାର ମଦନମୋହନ ଜେନାଙ୍କ ନେତୃତ୍ୱରେ ଏକ ଯୁଗ୍ମ କମିଟି କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି । ତାଳଚେର ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଅଧୀନ ସନ୍ଥପଡ଼ା (କ) ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ନିଲାମଧାରୀ ଏସ୍କାଭେଟର ସାହାଯ୍ୟରେ ପରଜଙ୍ଗ ତହସିଲ ଅଞ୍ଚଳରେ ବ୍ରାହ୍ମଣୀ ନଦୀର କିଛି ସ୍ଥାନରେ ବିରାଟ ବନ୍ଧ ନିର୍ମାଣ କରୁଥିବା ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା । ଏକୁ ନେଇ ଅତିରିକ୍ତ ତହସିଲଦାର ଜେନା, ଢେଙ୍କାନାଳ ଜିଲ୍ଲା ଖଣି ଅଧିକାରୀ, ସରାଙ୍ଗ ଫାଣ୍ଡି ପୁଲିସ, ତହସିଲ କାର୍ଯ୍ୟାଳୟର ପରିଦର୍ଶକ, ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ମିଳିତଭାବେ ବ୍ରାହ୍ମଣୀ ନଦୀକୁ ଯାଇ ତଦନ୍ତ କରିଛନ୍ତି । ତଦନ୍ତ ସମୟରେ ଉକ୍ତ ଏସ୍କାଭେଟରଗୁଡ଼ିକ ତାଳଚେର ରାଜସ୍ୱ ଅଞ୍ଚଳରେ ନଦୀବନ୍ଧ ନିର୍ମାଣ କରୁଥିବାରୁ ଏନେଇ ରିପୋର୍ଟ ପ୍ରସ୍ତୁତ କରାଯାଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଏନେଇ ଅତିରିକ୍ତ ତହସିଲଦାର କହିଛନ୍ତି । ବନ୍ଧ ନିର୍ମାଣ ଫଳରେ ଜଳସ୍ରୋତ ଗତିପଥ ପରିବର୍ତ୍ତନ ହେବା ଆଶଙ୍କା ରହିଛି । ପରଜଙ୍ଗ ରାଜସ୍ୱ ବିଭାଗ ଅଞ୍ଚଳରେ ବାଲି ଖନନ କିମ୍ବା ନଦୀବନ୍ଧ ନିର୍ମାଣ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ । ସେହିପରି ଢେଙ୍କାନାଳ ଜିଲ୍ଲା ଖଣି ଅଧିକାରୀ ଡମ୍ବରୁଧର ମହନ୍ତ କହିଛନ୍ତି ଏ ସଂକ୍ରାନ୍ତରେ ଅନୁଗୋଳ ଜିଲ୍ଲା ଖଣି ଅଧିକାରିଣୀଙ୍କୁ ଅବଗତ କରାଯାଇଛି । ପୂର୍ବରୁ ବ୍ରାହ୍ମଣୀ ପୋଲ ନିର୍ମାଣ କରୁଥିବା ଠିକାସଂସ୍ଥା ନଦୀରେ କୃତ୍ରିମ ରାସ୍ତା ନିର୍ମାଣ କରି କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟ ସରିବା ପରେ ଉକ୍ତ ରାସ୍ତାକୁ ନ କାଟି ଛାଡ଼ି ଚାଲିଯାଇଛି । ଫଳରେ ନଦୀ କୂଳ ଖାଉଛି । ଉକ୍ତ ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ଅନୁଗୋଳ ଶାଖା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ବ୍ରାହ୍ମଣୀ ପୋଲଠାରୁ ୨-୫ ଶହ ମିଟର ଦୂରରୁ ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ସମସ୍ତ ନିୟମକୁ ବେଖାତିରି କରି ନିଲାମଧାରୀ ବ୍ରାହ୍ମଣୀ ପୋଲ ତଳେ ରାସ୍ତା ନିର୍ମାଣ କରି ବାଲି ଉତ୍ତୋଳନ ପାଇଁ ଯୋଜନା କରୁଛନ୍ତି । ଏଥିପ୍ରତି ଜିଲ୍ଲାପାଳ ଓ ଖଣି ବିଭାଗ ଦୃଷ୍ଟି ଦେଇ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ନଦୀ ଗର୍ଭରେ ରାସ୍ତା ଓ ବନ୍ଧକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି ।

# ଜନସୁରକ୍ଷା ପରିଷଦର ବୈଠକ



ଢେଙ୍କାନାଳ,୧୯ ।୫(ସମିସ): ସ୍ଥାନୀୟ ଗାନ୍ଧୀମନ୍ଦିର ରୋଡ୍‌ସ୍ଥିତ ବାଣୀବିହାର କମ୍ପ୍ୟୁଟର ସେଣ୍ଟରରେ ଢେଙ୍କାନାଳ ଜନସୁରକ୍ଷା ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା କବି ବାହାଦୁର ପାଟସାହାଣୀ ଅଧ୍ୟକ୍ଷତା କରିଥିଲେ । ଡ. ସମୀର ସାହୁ, ଡ. ପ୍ରମୋଦ ନାୟକ, ସମାଜସେବୀ ମଥୁରୀ କୁମାର ସାହୁ, ଅଧ୍ୟାପକ କ୍ଷୀରୋଦ କୁମାର ନାୟକ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ଜିଲ୍ଲା ସଭାପତି ସମାଜସେବୀ ବିନାୟକ ପ୍ରସାଦ ଶତପଥୀ ଅନୁଷ୍ଠାନ କିପରି ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛି ସେ ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ସ୍ୱାଗତ କରାଯାଇ ଅନୁଷ୍ଠାନ କିପରି ଆଗକୁ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସହାୟକ ହୋଇପାରିବ ଏବଂ ଜିଲ୍ଲାର ବିଭିନ୍ନ ଲୋକ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗ୍ରହଣ କରିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଡ. ସମୀର କୁମାର ସାହୁଙ୍କୁ ଅନୁଷ୍ଠାନର ନୂତନ ସାଧାରଣ ସମ୍ପାଦକ ଓ ଆଇନଜୀବୀ ବେଣୁଧର ମହାରଣାଙ୍କୁ ଆଇନ ପରାମର୍ଶଦାତା ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । ଈଶ୍ୱର ଚନ୍ଦ୍ର ମୁଦୁଲି, ଲଳିତ ମୋହନ ବେହେରା, ଚନ୍ଦ୍ରମଣି ନାୟକ, ସାଗିର ମହମ୍ମଦ, ପବିତ୍ର ମହାରଣା, ପୂର୍ବତନ ଉପଦେଷ୍ଟା ଆଇନଜୀବୀ ପ୍ରମୋଦ କୁମାର ମିଶ୍ର, ରାମଚନ୍ଦ୍ର ଦେବତା, ଅନୱାର ମହମ୍ମଦ, ଭଗବତୀ ସାହୁ, ମହେଶ୍ୱର ସାମଲ, ସଚ୍ଚିଦାନନ୍ଦ ସିଂହ, ଫକୀର ମୋହନ ସାହୁ, ପ୍ରଶାନ୍ତ କୁମାର ମିଶ୍ର ଓ ଗିରୀଶ ଚନ୍ଦ୍ର ମହାଲିକ ପ୍ରମୁଖ ସଭ୍ୟ ଏଥିରେ ଯୋଗଦେଇଥିଲେ । ଅନୁଷ୍ଠାନର ଉପସଭାପତି ସୟଦ ସଫିର୍ ଅଲ୍ଲୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ମୂଷା ମଲ୍ଲିକଙ୍କ ଶ୍ରାଦ୍ଧଦିବସ ପାଳିତ



କାମାକ୍ଷାନଗର,୧୯ ।୫(ସମିସ): କାମାକ୍ଷାନଗର ଉପଖଣ୍ଡ ତଥା ଢେଙ୍କାନାଳ ଜିଲ୍ଲାର ମହାନ ସ୍ୱାଧୀନତା ସଂଗ୍ରାମୀ ମୂଷା ମଲ୍ଲିକଙ୍କ ଶ୍ରାଦ୍ଧଦିବସ ସୋମବାର ପାଳିତ ହୋଇଛି । ସ୍ଥାନୀୟ ବାଲିଗୋରଡ଼ ଉଚ୍ଚ ବିଦ୍ୟାଳୟରେ ଥିବା ମୂଷା ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ୱାଧୀନତା ସଂଗ୍ରାମରେ ମୂଷା ମଲ୍ଲିକଙ୍କ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ତଥା ମୂଷା ମଲ୍ଲିକଙ୍କ ଦାୟାଦ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଡ଼ଜାତ ଆନ୍ଦୋଳନରେ ମୂଷା ମଲ୍ଲିକଙ୍କ ଅବଦାନ ଓ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ପାଇଁ ସେ କରିଯାଇଥିବା ଅନେକ ଐତିହାସିକ ତଥ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଧର୍ମାନନ୍ଦ ମଲ୍ଲିକ, ମୂଷା ମଲ୍ଲିକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କାମାକ୍ଷାନଗର ଅଞ୍ଚଳର ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମୂଷା ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ ।

# ନୂତନ ମାଉସୀମା' ମନ୍ଦିର ନିର୍ମାଣ ଲାଗି ପ୍ରସ୍ତୁତି ବୈଠକ

ପରଜଙ୍ଗ,୧୯ ।୫(ସମିସ): ଗଡ଼ପରଜଙ୍ଗ ଗ୍ରାମ ଚଉପାଢ଼ୀ ପ୍ରାଙ୍ଗଣରେ ଥିବା ପତିତପାବନ ମନ୍ଦିରରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥାଏ । ମନ୍ଦିର ସମ୍ମୁଖରୁ ରଥଟଣା ଆରମ୍ଭ ହୋଇ ବଜାର ମଧ୍ୟରେ ରହିଥିବା ମାଉସୀମା' ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ । ତେବେ ଆଜକୁ ପ୍ରାୟ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ମାଉସୀମା' ମନ୍ଦିର ଓ କେତେକ ଦୋକାନ ଘର ଭଙ୍ଗାଯାଇ ନୂତନ ଭାବେ ନିର୍ମିତ ହେଉଥିବା ବସଷ୍ଟାଣ୍ଡ ସହିତ ମିଶ୍ରଣ କରାଯାଇଛି । ଫଳରେ ମାଉସୀମା' ମନ୍ଦିର ନ ଥିବାରୁ ତିନି ଠାକୁରଙ୍କୁ ୯ ଦିନ ଧରି ଏଠିସେଠି ପୂଜା କରାଯାଇ ବାହୁଡ଼ା ଯାତ୍ରାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ବଜାର ନିକଟରେ ଠାକୁରଙ୍କ ନାମରେ ରହିଥିବା ଜମିରେ ସ୍ଥାୟୀ ମାଉସୀମା' ମନ୍ଦିର ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ରବିବାର ସାଧୁ ଗୋଷ୍ଠୀ ପ୍ରାଙ୍ଗଣରେ ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ନୂତନ ମାଉସୀମା' ମନ୍ଦିର ନିର୍ମାଣ କିପରି ସୁରୁଖୁରୁରେ ହେବ ସେ ଉପରେ ଆଲୋଚନା କରାଯାଇଥିଲା । ନୂତନ ମନ୍ଦିର ନିର୍ମାଣ ପାଇଁ ଗ୍ରାମ୍ୟ କମିଟି ସଭାପତି ସାମଲ ଗ୍ରାମବାସୀ ତଥା ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସହାୟତା ଲୋଡ଼ିଛନ୍ତି ।

# କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ,୧୯ ।୫(ସମିସ): ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଶିକ୍ଷା ଓ ପ୍ରଶିକ୍ଷଣ ବିକାଶ ସମିତି (ଶିକ୍ଷା) ତରଫରୁ କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ମୀନାବଜାରରେ ଅବସ୍ଥିତ ବାଣୀବିହାର କମ୍ପ୍ୟୁଟର ସେଣ୍ଟର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ସାହିତ୍ୟିକ ପ୍ରଫେସର ପ୍ରମୋଦ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷାର ମହତ୍ତ୍ୱ ଓ ଆଞ୍ଚଳିକ ଭାଷାରେ କମ୍ପ୍ୟୁଟରର ବ୍ୟାବହାରିକ ଜ୍ଞାନ ବିଷୟରେ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ନେହରୁ ଯୁବକେନ୍ଦ୍ର ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଯୋଗଦେଇ କମ୍ପ୍ୟୁଟର ଶିକ୍ଷାପ୍ରାପ୍ତ ହେବା ଦ୍ୱାରା ନିଯୁକ୍ତି ଓ ସ୍ୱରୋଜଗାରର ବିଭିନ୍ନ ସୁଯୋଗ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୌମ୍ୟବ୍ରତ ସାହୁ ଯୋଗଦେଇଥିଲେ । ଅତିଥିମାନେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ପାଠ୍ୟ ଉପକରଣ ବଣ୍ଟନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ସ୍ତମ୍ଭକାର ସୟଦ ସଫିର ଅଲ୍ଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଦେଶ ମାତୃକାର ସେବାରେ ନିଜକୁ ବ୍ରତୀ କରିଥିବା ଦଶଜଣ ବୀର ସୈନିକଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ 'ଶିକ୍ଷା' ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କମ୍ପ୍ୟୁଟର ପ୍ରଶିକ୍ଷଣ ନିମନ୍ତେ ଚୟନ କରାଯିବ ବୋଲି ଘୋଷଣା କରିଥିଲେ । ମୁଖ୍ୟ ପ୍ରଶିକ୍ଷିକା ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ରାଜେନ୍ଦ୍ର ଦେବତା, ସନ୍ଦିପ କର, ଅମ୍ରିତା ମିଶ୍ର, ଶକ୍ତିପ୍ରସାଦ ବେହେରା, ମହାଦେବ ମଲ୍ଲିକ, ସାଇଦର୍ଶନ ପ୍ରମୁଖ ସହଯୋଗ କରିଥିଲେ ।

# ସିଙ୍ଗରେଣୀ କୋଇଲା ଖଣି ପାଇଁ ଗଛକଟାକୁ ବିରୋଧ

ଛେଣ୍ଡିପଦା,୧୯ ।୫(ସମିସ): ସିଙ୍ଗରେଣୀ କୋଇଲା ଖଣି ପାଇଁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲରେ ଗଛକଟା ଚାଲିଥିବା ବେଳେ ଥାଳିପଶି ଓ କରଡ଼ାବାହାଳ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି । ଗଛକଟାରେ ବ୍ୟବହୃତ ମେସିନକୁ ଲୋକେ ଛଡ଼ାଇ ନେଇଥିଲେ । ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ଛେଣ୍ଡିପଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଛି । ସୂଚନାଯୋଗ୍ୟ, ଛେଣ୍ଡିପଦା ବ୍ଲକରେ ନୟନୀ କୋଇଲା ଖଣି ପାଇଁ ସୋମବାର କମ୍ପାନୀ କର୍ତ୍ତୃପକ୍ଷ ଥାଳିପଶି ଓ କରଡ଼ାବାହାଳ ବନ ସଂରକ୍ଷଣ ସମିତି ଅଧୀନରେ ଥିବା ୧୧୬ ହେକ୍ଟର ଜଙ୍ଗଲକୁ ଗ୍ରାମବାସୀଙ୍କ ସହ ଆଲୋଚନା ନ କରି କାଟୁଥିଲେ । ଶତାଧିକ ଗ୍ରାମବାସୀ ସେଠାରେ ପହଞ୍ଚି ବିରୋଧ କରିବା ସହ ୭ଟି ଗଛକଟା ମେସିନ ଛଡ଼ାଇ ଆଣିଥିଲେ । ପୁଲିସ ପହଞ୍ଚି ଉକ୍ତ ମେସିନ ଉଦ୍ଧାର କରିବା ସହ ଆଲୋଚନା କରୁଛି ।

## ■ ଜଳ-ଜୀବନ-ଜଗନ୍ନାଥ: ସୃଷ୍ଟିର ମୂଳତତ୍ତ୍ୱ

# ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାରର ଆଲୋଚନାଚକ୍ର



ଢେଙ୍କାନାଳ,୧୯ ।୫(ସମିସ): ସମ୍ପ୍ରତି ସଙ୍କଟମୟ ପରିସ୍ଥିତିକୁ ସାମନା କରିବା ପାଇଁ ଜଳ-ଜୀବନ-ଜଗନ୍ନାଥ ଏହି ୩ ସୃଷ୍ଟିର ମୂଳତତ୍ତ୍ୱ ସମ୍ପର୍କରେ ସ୍ଥାନୀୟ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମାର ମୁଖ୍ୟ ସଂଯୋଜକ ଅବନୀ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସିଆରିଆ ମଠର ମଠାଧୀଶ ସଦାନନ୍ଦ ଦାଶ ମହାରାଜ ଯୋଗଦେଇ କହିଲେ, କଳିଯୁଗରେ ବର୍ତ୍ତମାନ ନୀତି, ନୈତିକତା, ଆଚାର ବ୍ୟବହାର ଏବଂ ସଂସ୍କାରର ଅଭାବ ପରିଲକ୍ଷିତ ହେଉଥିବାରୁ ଆମେ ବସ୍ତୁବାଦୀ ଏବଂ ସ୍ୱାର୍ଥବାଦୀ ହୋଇପଡ଼ିଛୁ । ଫଳରେ ଭଲମନ୍ଦ ବିଚାରବୋଧ ହ୍ରାସ ପାଉଛି । ସମ୍ପ୍ରତି ଜଳ, ଜୀବନ ଏବଂ ଜଗନ୍ନାଥ ଯାହାକି ଆମର ତ୍ରାଣ ପ୍ରାଣର ମୂଳଆଧାର । ସେଥିରେ ଶୁଦ୍ଧତା ଏବଂ ସୁରକ୍ଷା ପରିଲକ୍ଷିତ ହେଉଥିବାରୁ ଏହାକୁ ପୂର୍ଣ୍ଣ ପ୍ରାଣରେ ସୁରକ୍ଷିତ ରଖିବା ପାଇଁ ଜନ ସଚେତନତା ଆବଶ୍ୟକ ବୋଲି କହିଥିଲେ । ଏକ ସୁସ୍ଥ ଏବଂ ଆନନ୍ଦମୟ ଜୀବନ ଜିଇଁବାକୁ ହେଲେ ଜଳ ବିନା ଜୀବନ ନାହିଁ ଏବଂ ଜଗନ୍ନାଥଙ୍କ ବିନା ମଧ୍ୟ ଜୀବନରେ ଆନନ୍ଦ ନାହିଁ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟରତ୍ନ ଚକ୍ରଧର, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପଟ୍ଟନାୟକ, ଶୈଳବାଳା ମିଶ୍ର, ପୁରୁଷୋତ୍ତମ ନନ୍ଦ, ରାଧାନାଥ ରଥ, ଶେଷଦେବ ରାଉତ, କମଳ କୁମାର ନନ୍ଦ, ଅରୁଣୋଦୟ ରାଉଳ, କୈଳାସ ଚନ୍ଦ୍ର ରାଉତ, ଶରତ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ । ଶରୀର ଭିତରେ ଜଳ, ଜୀବନ ଏବଂ ଜଗନ୍ନାଥ ରହିଛନ୍ତି । ତେଣୁ ଏହି ୩ଙ୍କ ସୁରକ୍ଷା ଏବଂ ଶୁଦ୍ଧତା ଶରୀର ଓ ମନକୁ ଆନନ୍ଦ ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । କଣ୍ଠଶିଳ୍ପୀ ଅକ୍ଷୟ ନାୟକ ଭାବନା ପରିବେଷଣ କରିଥିବା ବେଳେ କବି ନିର୍ମଳା ମହାପାତ୍ର ଜଳ ଜୀବନ ଜଗନ୍ନାଥକୁ ନେଇ କବିତା ପାଠ କରିଥିଲେ । ଶ୍ରୀକ୍ଷେତ୍ର ଭଉଁରୀଠାରୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ତରରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ମୁଖ୍ୟ ସଂଯୋଜକ ମିଶ୍ର ସୂଚନା ଦେଇଛନ୍ତି ।

# ପରକୀୟା ପ୍ରୀତି ସନ୍ଦେହ; ତଣ୍ଟିକାଟି ସ୍ତ୍ରୀକୁ ହତ୍ୟା

ଅନୁଗୋଳ,୧୯ ।୫(ସମିସ): ମାତ୍ର ୬ ମାସ ତଳେ ବିବାହ କରିଥିଲେ । ତେବେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ଧାରୁଆ ଅସ୍ତ୍ରରେ ତଣ୍ଟି କାଟି ଅତି ବୀଭତ୍ସ ଭାବେ ହତ୍ୟା କରିଛି ପିଶାଚ ସ୍ୱାମୀ । ଏ ନେଇ ମୃତକଙ୍କ ସାନ ଭାଉଣୀ ଦେବକୀ ପଧାନ ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିଛି । ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ପୁଲିସ ସୂଚନା ମୁତାବକ ପୁରୁଣାକୋଟ ଥାନା ଗଞ୍ଜଡ଼ା ଗ୍ରାମର ଶ୍ରୀକାନ୍ତ ପଧାନ ଅନୁଗୋଳ ଶିକ୍ଷକପଡ଼ାରେ ଏକ ଦୋକାନରେ ହେଲପର ଭାବେ କାମ କରନ୍ତି । ସ୍ତ୍ରୀ ଜ୍ୟୋସ୍ନାଙ୍କ ସହ ଏଠାରେ ଭଡ଼ା ଘରେ ରୁହନ୍ତି । ଦୁହେଁ ୬ମାସ ପୂର୍ବେ ବଇଁଣ୍ଡା ଶିବ ମନ୍ଦିରରେ ବିବାହ କରିଥିଲେ । ଜ୍ୟୋସ୍ନା ମୋବାଇଲରେ ବେଶୀ ସମୟ କାହା ସହ କଥା ହେଉଥିବାରୁ ଶ୍ରୀକାନ୍ତଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା । ଜ୍ୟୋସ୍ନାଙ୍କର ପରକୀୟା ପ୍ରୀତି ରହିଥିବା ସେ ସନ୍ଦେହ କରୁଥିଲେ । ଶନିବାର ରାତି ପ୍ରାୟ ୧୦ଟାରେ ଶ୍ରୀକାନ୍ତ ଶ୍ରୀକାନ୍ତ କାମ ସାରି ଘରକୁ ଫେରିଲା ବେଳକୁ ଜ୍ୟୋସ୍ନା ଘର ଛାତ ଉପରେ ମୋବାଇଲରେ କଥା ହେଉଥିଲେ । ଶ୍ରୀକାନ୍ତ ଏହାକୁ ବାରଣ କରିବାରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ଶ୍ରୀକାନ୍ତ ଉତକ୍ଷିପ୍ତ ହୋଇ ପାଖରେ ଥିବା ଏକ ଠେଙ୍ଗାରେ ଜ୍ୟୋସ୍ନାଙ୍କୁ ଆକ୍ରମଣ କରିଥିଲେ । ଫଳରେ ଜ୍ୟୋସ୍ନା ଗୁରୁତର ଅବସ୍ଥାରେ ସେଠାରେ ପଡ଼ିଯାଇଥିଲେ । ପରେ ଶ୍ରୀକାନ୍ତ ରୋଷେଇ ଘରୁ ଛୁରୀ ଆଣି ଜ୍ୟୋସ୍ନାଙ୍କ ବେକକୁ ୩ ଥର କାଟି ଦେଇଥିଲେ । ଘଟଣାସ୍ଥଳରେ ଜ୍ୟୋସ୍ନାଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ଶ୍ରୀକାନ୍ତଙ୍କ ପୋଷାକରେ



ରକ୍ତଛିଟା ପଡ଼ିଥିଲା । ତେବେ ସେ ପୋଷାକ ବଦଳାଇ ହତ୍ୟାରେ ବ୍ୟବହୃତ ଛୁରୀ ଲୁଚାଇବା ପରେ ସେ କାମ କରୁଥିବା ଦୋକାନ ମାଲିକଙ୍କୁ ଘଟଣା ସମ୍ପର୍କରେ ଫୋନରେ ଅବଗତ କରାଇଥିଲେ । ରବିବାର ସକାଳେ ଜ୍ୟୋସ୍ନାଙ୍କ ସାନ ଭଉଣୀ ଦେବକୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଗୋରୁ ବୋଝେଇ ଗାଡ଼ି ଜବତ

ଗଁଦିଆ,୧୯ ।୫(ସମିସ): ବେଆଇନ ଭାବେ ଚାଲାଣ ହେଉଥିବା ଏକ ଗୋରୁ ବୋଝେଇ ଗାଡ଼ିକୁ ଗଁଦିଆ ଥାନା ପୁଲିସ ଜବତ କରିଛି । ସଦର ଥାନା ଚାଉଳିଆ ଗ୍ରାମଠାରୁ ଏକ ପିକଅପ ଗାଡ଼ିରେ ୮ଟି ଗୋରୁଙ୍କୁ ଜିଲ୍ଲା ବାହାରକୁ ଚାଲାଣ ହେଉଥିବା ବଜରଙ୍ଗ ଦଳ ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଥିଲା । ପୁଲିସ ଉକ୍ତ ଗାଡ଼ିକୁ ପିଛା କରି ଭୋର ୪ଟାରେ କପିଳାସ ଛକରେ ଥରି ଗଁଦିଆ ଥାନାକୁ ଆଣିଥିଲା ।



ତେବେ ଗାଡ଼ି ଚାଳକ ଓ ହେଲପର ଫେରାର ହୋଇଯାଇଥିଲେ । ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଗାଈଗୁଡ଼ିକୁ ଉଦ୍ଧାର କରି ସ୍ଥାନୀୟ ଗୋଶାଳରେ ଛଡ଼ାଯାଇଛି ।

# ପ୍ରେସ କ୍ଲବ ପାଇଁ ଜାଗା ନିମନ୍ତେ ଦାବିପତ୍ର

ଗଁଦିଆ,୧୯ ।୫(ସମିସ): ଗଁଦିଆ ବ୍ଲକରେ ୨୦୦୮ ରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଗଢ଼ିଉଠିଥିଲା ଗଁଦିଆ ପ୍ରେସ କ୍ଲବ । କିନ୍ତୁ ଆଜିପର୍ଯ୍ୟନ୍ତ ଏହି ସଂଘର ନିଜସ୍ୱ ଗୃହ ନ ଥିବାରୁ



ସଂଘର ବୈଠକଟିଏ କରିବା ନିମନ୍ତେ ଅନେକ ଅସୁବିଧା ସୃଷ୍ଟି ହେଉଛି । ବର୍ତ୍ତମାନ ଏହି ସଂଘର କଳେବର ବୃଦ୍ଧି ପାଇ ୩୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ସଂଘର ସଦସ୍ୟ ହେଲାଣି । କିନ୍ତୁ ସଂଘ କାର୍ଯ୍ୟାଳୟ ପାଇଁ ଦୀର୍ଘଦିନ ଧରି ଜାଗା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ତହସିଲକୁ ଜଣାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନାହିଁ । ଏ ନେଇ ସୋମବାର ଅନୁଷ୍ଠିତ ସଂଘର ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଉପ ସଭାପତି ବାଦଲ କୁମାର ମହାନ୍ତି, ସୁଦାମ କୁମାର ସାହୁ, ପୁଷ୍ପଲତା ସାମଲ, ଅକ୍ଷୟ କୁମାର ପାତ୍ର ଓ ସୌମ୍ୟରଞ୍ଜନ ମହାନ୍ତି ମିଳିତ ଭାବେ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କୁ ଲିଖିତ ଭାବେ ଜଣାଇବା ସହିତ ଦାବି ଉପସ୍ଥାପନ କରିଛନ୍ତି ।

# ପିକଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ

ପରଜଙ୍ଗ,୧୯ ।୫(ସମିସ): ପରଜଙ୍ଗ ଥାନା ପଡ଼ାତିରା ବଡ଼ କମର ପୂର୍ତ୍ତ ବିଭାଗ ରାସ୍ତାର କନ୍ଦରସିଂହା ପଞ୍ଚାୟତ ଖଳିବାହାଳଠାରେ ଏକ ପିକଅପ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଭ୍ୟାନର ଡ୍ରାଇଭର ଓ ହେଲ୍‌ପର ଆହତ



ହୋଇଛନ୍ତି । ସୋମବାର ସକାଳ ୭ଟାରେ ପିକଅପ୍ ଭ୍ୟାନ୍ ଅନୁଗୋଳରୁ ପାଉଁରୁଟି ନେଇ ଲୋଧଣୀ ଗ୍ରାମକୁ ଯାଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗଛରେ ଧକ୍କା ହୋଇଥିଲା ।

## ■ ସାତକୋଶିଆ ଗଣ୍ଡ

# ଅଣ୍ଡାରୁ ଫୁଟିଲେ ୨୯ ଘଡ଼ିଆଳ ଶାବକ

ଅନୁଗୋଳ,୧୯ ।୫(ସମିସ): ମହାନଦୀର ସାତକୋଶିଆ ଗଣ୍ଡରେ ଚଳିତ ବର୍ଷ ପୁଣି ଥରେ ଅଣ୍ଡାରୁ ବାହାରିଛନ୍ତି ୨୯ଟି ଘଡ଼ିଆଳ ଶାବକ । ଗଣ୍ଡରେ ମା' ଘଡ଼ିଆଳ ସହ ୨୯ଟି ଶାବକ ପାଣିରେ ଖେଳୁଥିବା ଦେଖାଯାଇଛି । ଦୀର୍ଘ ୫୦ ବର୍ଷ ପରେ ୨୦୨୧ ମେ ୨୨ରେ ପ୍ରଥମ ଥର ସାତକୋଶିଆ ଗଣ୍ଡର ବଳଦମଡ଼ାଠାରେ ୨୮ ଶାବକ ଅଣ୍ଡାରୁ ବାହାରିଥିଲେ । ସେହିପରି ୨୦୨୨ ମେ ୧୧ରେ ୩୦, ୨୦୨୩ ମେ ୨୫ରେ ୩୫ ଓ ୨୦୨୪ ମେ ୨୩ରେ ୩୫ଟି ଶାବକ ଅଣ୍ଡାରୁ ବାହାରିଥିଲେ । ଚଳିତ ବର୍ଷ ମେ ୧୮ ରେ ୨୯ଟି ଶାବକ ମା' ଘଡ଼ିଆଳ ସହ ଖେଳୁଥିବା ଦେଖାଯାଇଛି । ବର୍ତ୍ତମାନ ଛୁଆ ଫୁଟିଥିବା ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବା ସହ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏ ଅଞ୍ଚଳକୁ ଜନସାଧାରଣଙ୍କ ପ୍ରବେଶ ନିଷେଧ କରାଯାଇଛି ।

# ଇଟାଲିକୁ ୧୦ କ୍ୱିଣ୍ଟାଲ୍ ସ୍ୱାଦିଷ୍ଟ ଆମ୍ବ ରପ୍ତାନି

ଢେଙ୍କାନାଳ,୧୯ ।୫(ସମିସ):

ସଦର ବ୍ଲକ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ପକ୍ଷରୁ ୧୦ କ୍ୱିଣ୍ଟାଲ୍ ସ୍ୱାଦିଷ୍ଟ ଆମ୍ରପଲ୍ଲି ଆମ୍ବ କୋଲକାତା ପଠାଯାଇଛି । ଏହି ଆମ୍ବକୁ ମଙ୍ଗଳବାର କୋଲକାତା ଇଣ୍ଟରନ୍ୟାସନାଲ୍ କାର୍ଗୋ ଟର୍ମିନାଲ୍‌ରୁ ସିଧାସଳଖ ଇଟାଲିକୁ ରପ୍ତାନୀ କରାଯିବ । କମ୍ପାନୀ ସଦସ୍ୟାମାନଙ୍କ ଦ୍ୱାରା ଏହି ଆମ୍ବଚାଷ କରାଯାଇଥିଲା ।

ଗ୍ରାଣ୍ଟଥର୍ଟନ୍ ଭାରତ ଓ ଚ୍‌ଡିଏଫ୍‌ସି ବ୍ୟାଙ୍କ ପରିବର୍ତ୍ତନ ଦ୍ୱାରା ପରିଚାଳିତ ସାମାଜିକ ଏବଂ ପରିବର୍ତ୍ତନଶୀଳ ଗ୍ରାମୀଣ ଅର୍ଥନୈତିକ ସଶକ୍ତୀକରଣ ପ୍ରକଳ୍ପ ଅଧୀନରେ ୨୦୨୩ରେ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ଗଠନ କରାଯାଇଥିଲା । ଏହି ପ୍ରକଳ୍ପ ଅଧୀନରେ ବଳଦେବଜୀଉ କମ୍ପାନୀ ମାଧ୍ୟମରେ ୩ ପଞ୍ଚାୟତର ୧୩ ଗ୍ରାମରେ ୫ ହଜାର ଚାଷୀଙ୍କ ଜୀବିକା ବୃଦ୍ଧି କରାଯିବା ସହ ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ କାର୍ଯ୍ୟରତ ରହିଛି । ଏହି ବଳଦେବଜୀଉ କମ୍ପାନୀ ବିଗତ ବର୍ଷରେ ୨ କ୍ୱିଣ୍ଟାଲ୍




ଆମ୍ରପଲ୍ଲି ଆମ୍ବ ଦୁବାଇକୁ ରପ୍ତାନୀ କରିଥିଲା ଓ ଆଗାମୀ ଦିନରେ ଏହି ବର୍ଷ ଅନ୍ୟ ଦେଶମାନଙ୍କୁ ଆମ୍ବ ରପ୍ତାନୀ କରିବା ପାଇଁ ଯୋଜନା କରିଛି । ଢେଙ୍କାନାଳର ସ୍ୱାଦିଷ୍ଟ ଆମ୍ବକୁ ଆପେଡ଼ା, ଉଦ୍ୟାନ ବିଭାଗ, ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ର, ଓ ଗ୍ରାଣ୍ଟଥର୍ଟନ ସହଯୋଗରେ ବଳଦେବଜୀଉ କମ୍ପାନୀ ଦ୍ୱାରା ଅନ୍ୟ ଦେଶକୁ ରପ୍ତାନୀ କରାଯାଉଛି । ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀରେ ବର୍ତ୍ତମାନ ସୁଦ୍ଧା ୧୦୧୦ଜଣ ଅଂଶୀଦାର (ଚାଷୀ) ଯୋଡ଼ି ହୋଇଛନ୍ତି । ଏହି ଆମ୍ବ ରପ୍ତାନୀ କାର୍ଯ୍ୟକ୍ରମରେ ଗ୍ରାଣ୍ଟଥର୍ଟନ ଭାରତ ତରଫରୁ କ୍ଲଷ୍ଟର ମ୍ୟାନେଜର ନାରାୟଣ ଖଟୁଆ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ । ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଜ୍ୟୋତିର୍ମୟୀ ପ୍ରଧାନ, ପଦ୍ମିନୀ ସାହୁ, ନିରୁପମା ବେହେରା, ନମିତା ରାଉତ, ଅଞ୍ଜଳି ବେହେରା, ପ୍ରିୟଦର୍ଶିନୀ ଭୋଳ, ସୌମ୍ୟରଞ୍ଜନ ଭୋଳ, ନିବାରଣ ଖଟୁଆ, ଲଳିତ ପ୍ରଧାନ, ସୁବାସ ଖଟୁଆ ସହଯୋଗ କରିଥିଲେ । କମ୍ପାନୀ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୭- ସାଉଦି ଆରବ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୩୨- ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଦେହାନ୍ତ।
- ୧୯୯୦- ହବଲ୍ ଟେଲିସ୍କୋପ୍ ମହାକାଶରୁ ପ୍ରଥମ ଫଟୋ ପଠାଇଲା।
- ୧୯୯୫- ରୁଷରେ ମାନବ ରହିତ ମହାକାଶ ଯାନର ସଫଳ ପ୍ରକ୍ଷେପଣ କରାଗଲା।
- ୨୦୦୩- ପାକିସ୍ତାନ, ଆତଙ୍କବାଦୀ ସଂଗଠନ ହିଜବୁଲ୍ ମୁଜାହିଦ୍ଦିନ୍ ଉପରେ ପ୍ରତିବନ୍ଧକ ଲଗାଗଲା।

## ରାଜ୍‌ଙ୍କ ସହ ସାମନ୍ଥାଙ୍କ ଫଟୋ ଭାଇରାଲ



ସାଉଥ୍‌ର ଆଗଧାଡ଼ିର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ। ଏବେ ସେ ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଅନେକବାର ସେ ରାଜ୍‌ଙ୍କ ସହ ଦେଖାଯାଇଥିଲେ ମଧ୍ୟ କେବେ ଫଟୋ ସେୟାର୍ କରି ନ ଥିଲେ। ଏବେ କିନ୍ତୁ ସେ ରାଜ୍‌ଙ୍କ ସହ ଫଟୋ ସେୟାର୍ କରିଛନ୍ତି। କିଛି ଦିନ ପୂର୍ବରୁ ସାମନ୍ଥା ସାମାଜିକ ଗଣମାଧ୍ୟମରେ 'ନୂଆ ଆରମ୍ଭ' ଲେଖି ଏକ ପୋଷ୍ଟ ସେୟାର୍ କରିଥିଲେ। ଏଥିରୁ ସେ ପୁଣି ଥରେ ଏକ ନୂଆ ସମ୍ପର୍କରେ ଥିବା ତାଙ୍କ ପ୍ରଶଂସକମାନେ ଅନୁମାନ କରୁଥିଲେ। ଏବେ ରାଜ୍‌ଙ୍କ ସହ ସେ ଫଟୋ ସେୟାର୍ କରି ଉଭୟ ପ୍ରେମ ସମ୍ପର୍କରେ ଥିବା କଥାକୁ ବିଧିବଦ୍ଧ ଭାବେ ଜଣାଇ ଦେଇଛନ୍ତି। ଏବେ ସାମନ୍ଥା ତାଙ୍କ ପ୍ରଡକ୍ସନ୍ ହାଉସ୍‌ରେ ନିର୍ମିତ 'ଶୁଭମ୍'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ତେବେ ସାମନ୍ଥା ଦୁଇଟି ଫଟୋ ସେୟାର୍ କରିଥିଲେ। ପ୍ରଥମ ଫଟୋରେ ସେ ରାଜ୍‌ଙ୍କ ସହ ଏକ ସିନେମା ହଲ୍‌ରେ ପୋଜ୍ ଦେଉଥିବାର ଦେଖାଯାଇଛି। ଦ୍ୱିତୀୟ ଫଟୋରେ ସେ ରାଜ୍‌ଙ୍କ ସହ କିଛି ଆଲୋଚନା କରୁଥିବାର ଦେଖାଯାଇଛି। ସାମନ୍ଥା ପୂର୍ବରୁ ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯିବା ପରେ ନାଗା, ଶୋଭିତା ଧୂଳିପାଲାଙ୍କୁ ବିବାହ କରିଛନ୍ତି। ଏବେ ସାମନ୍ଥା ମଧ୍ୟ ତାଙ୍କ ଜୀବନରେ ଆଗକୁ ବଢ଼ିଥିବା ତାଙ୍କ ପ୍ରଶଂସକମାନେ କହୁଛନ୍ତି। ତେବେ ରାଜ୍ ପୂର୍ବରୁ ବିବାହ କରିଛନ୍ତି। ତାଙ୍କର ଝିଅଟିଏ ମଧ୍ୟ ଅଛି।

## ପ୍ରସାଧାନ ସାମଗ୍ରୀରୁ ହୋଇପାରେ କର୍କଟ



ମହିଳାମାନେ ସୁନ୍ଦର ଦିଶିବା ପାଇଁ ବିଭିନ୍ନ ପ୍ରକାରର ପ୍ରସାଧାନ ସାମଗ୍ରୀ ବ୍ୟବହାର କରନ୍ତି। ହେଲେ ଏଭଳି ଜିନିଷରୁ କର୍କଟ ହେବା ଆଶଙ୍କା ଥାଏ ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ପ୍ରତିଦିନ ବ୍ୟବହାର କରାଯାଉଥିବା ସାମ୍ପୋ, ବଡି ଲୋଶନ, ସାବୁନ ଆଦିରେ ଫର୍ମାଲଡିହାଇଡ ନାମକ ଏକ ବିଷାକ୍ତ ରାସାୟନିକ ତତ୍ତ୍ୱ ଥାଏ ଯାହାକି କର୍କଟର କାରଣ ହୋଇଥାଏ। ଅଧ୍ୟୟନରେ ଲସ୍‌ଆଞ୍ଜେଲସ୍‌ର ୭୦ ବର୍ଷୀୟା ବୃଦ୍ଧାମାନଙ୍କୁ ସାମିଲ କରାଯାଇଥିଲା। ଏକ ମୋବାଇଲ୍ ଆପ୍ ଜରିଆରେ ସେମାନେ ଉପଯୋଗ କରୁଥିବା ପ୍ରସାଧାନ ସାମଗ୍ରୀଗୁଡ଼ିକ ଓ ସେଥିରେ ଥିବା ଉପାଦାନଗୁଡ଼ିକର ଫଟୋ ସେୟାର କରିଥିଲେ। ଏଥିରୁ ୫୩% ମହିଳା ବ୍ୟବହାର କରୁଥିବା ପ୍ରସାଧାନ ସାମଗ୍ରୀରେ ଫର୍ମାଲଡିହାଇଡ ପରି ବିଷାକ୍ତ ରାସାୟନିକ ପଦାର୍ଥ ରହିଥିବା ଜଣାପଡ଼ିଥିଲା। ତେବେ ମହିଳାମାନେ ଏହି ଉତ୍ପାଦକୁ ନିୟମିତ ତଥା ସପ୍ତାହରେ ବହୁବାର ବ୍ୟବହାର କରୁଥିବାରୁ ଏହା ଚିନ୍ତା ବଢ଼ାଇଥିଲା। ସାଧାରଣତଃ ପ୍ରସାଧାନ ସାମଗ୍ରୀଗୁଡ଼ିକୁ ଅଧିକ ସମୟ ସାଇତି ରଖିବାକୁ ଫର୍ମାଲଡିହାଇଡର ବ୍ୟବହାର କରାଯାଏ। ଏହା ସାମ୍ପୁ, ବଡି ଲୋଶନ, ଫେସ୍ କ୍ରିମ୍, ସାବୁନ୍, ଆଇଲ୍ୟାସ୍ ଅଠା ଆଦିରେ ମିଳିଥିଲା। ଏହାପୂର୍ବରୁ ଆମେରିକାର ପରିବେଶ ସୁରକ୍ଷା ସଂଗଠନ ଏହି ରାସାୟନିକ ପଦାର୍ଥ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଘୋଷଣା କରିସାରିଛି। ଦୀର୍ଘ ସମୟ ଏହି ରାସାୟନିକ ଦ୍ରବ୍ୟର ସଂସ୍ପର୍ଶରେ ରହିବା ଦ୍ୱାରା ତ୍ୱଚା ଏବଂ ଦୃଷ୍ଟିଶକ୍ତି ପ୍ରଭାବିତ ହୋଇପାରେ। କେବଳ ସେତିକି ନୁହେଁ, ଅନେକ ମାମଲାରେ ଏହା କର୍କଟର କାରଣ ମଧ୍ୟ ହୋଇପାରେ। ତେଣୁ ମହିଳାମାନେ ଯେକୌଣସି ପ୍ରସାଧାନ ସାମଗ୍ରୀ କିଣିବା ପୂର୍ବରୁ ଏଥିରେ ବ୍ୟବହାର କରାଯାଉଥିବା ଜିନିଷଗୁଡ଼ିକ ସମ୍ପର୍କରେ ଜାଣିବା ଉଚିତ। ଯଦି ଏଥିରେ DMDM Hydantoin, Quaternium-15 ପରି ତତ୍ତ୍ୱ ରହିଥାଏ, ତେବେ ଏହାକୁ ନ କିଣିବା ଭଲ। କାରଣ ଏହା ସ୍ୱାସ୍ଥ୍ୟ ଏବଂ ଚର୍ମ ପାଇଁ ହାନିକାରକ ହୋଇପାରେ। ସବୁବେଳେ ଆୟୁର୍ବେଦିକ କିମ୍ବା ହର୍ବାଲ ବିକଳ୍ପକୁ ପ୍ରାଥମିକତା ଦେବା ଜରୁରି ବୋଲି ଏହି ଅଧ୍ୟୟନରେ କୁହାଯାଇଛି।

## କେଶରେ ଝୁଲିଲେ ୨୫ ମିନିଟ୍


ଆଜିକାଲି ବିଶ୍ୱ ରେକର୍ଡରେ ସାମିଲ ହେବା ପାଇଁ ଲୋକେ ଅଜବ ତଥା ଭିନ୍ନ ଭିନ୍ନ କାରନାମା କରି ଦେଖାଉଛନ୍ତି। ଏହି କ୍ରମରେ ଆମେରିକାର ସର୍କସ କଳାକାର ଲେଲା ନୁନେ ନିଜ କେଶରେ ୨୫ ମିନିଟ୍ ୧୧ ସେକେଣ୍ଡରୁ ଅଧିକ ସମୟ ଝୁଲି ରହି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ୩୯ ବର୍ଷୀୟା ଲେଲା ପୂର୍ବରୁ ଥିବା ୨୩ ମିନିଟ୍ ୧୯ ସେକେଣ୍ଡର ରେକର୍ଡକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ୨୦୧୧ ମସିହାରେ ଅଷ୍ଟ୍ରେଲିଆର ସୁଥାକରନ ସିଭାଗନାନାଥୁରାଇ ଏହି ରେକର୍ଡ କରିଥିଲେ। ତେବେ ଲେଲା ଜଣେ ପେଶାଦାର ହେୟାର ହ୍ୟାଙ୍ଗର। ଏହି ଚ୍ୟାଲେଞ୍ଜ ଲାଗି ଦୁଇ ବର୍ଷ ହେଲାଣି ସେ ଅଭ୍ୟାସ ଚଳାଇଥିଲେ। ଗତବର୍ଷ ଜୁନ୍ ମାସରେ ସେ ଏହି ରେକର୍ଡ ଏକ ପ୍ରାକୃତିକ ପରିବେଶ ମଧ୍ୟରେ କରିଥିଲେ। ଅବଶ୍ୟ ସେ ଯେଉଳି ତାଙ୍କ ଲକ୍ଷ୍ୟରୁ ବିଚ୍ୟୁତ ନ ହୁଅନ୍ତି ସେଥିପାଇଁ ତାଙ୍କ ସାଙ୍ଗମାନେ ଗୀଟାର ବଜାଇବା ସହ କରତାଳି ଦେଇ ତାଙ୍କୁ ଉତ୍ସାହିତ କରୁଥିଲେ। ତେବେ ହେୟାର୍ ହ୍ୟାଙ୍ଗିଂ ହେଉଛି ଏକ ବିପଦପୂର୍ଣ୍ଣ ସର୍କସ କଳା। ଏ ଲାଗି ଶାରୀରିକ ଶକ୍ତି ସହ ଏକ ବିଶେଷ ଟେକ୍ନିକ୍‌ର ଆବଶ୍ୟକତା ଥାଏ। ଅଧିକାଂଶ ହେୟାର ହ୍ୟାଙ୍ଗର କେଶ ବାନ୍ଧିବାର ନିଆରା ତରିକା ଜାଣିଥାନ୍ତି। ଏହି ଟେକ୍ନିକ୍‌ରେ କେଶରେ ଶରୀରକୁ ଝୁଲାଇବା ସହ ଆଘାତ ଯେପରି ଲାଗିବ ନାହିଁ ତାଉପରେ ଗୁରୁତ୍ୱ ଦିଆଯାଏ। ସେହିପରି ଲେଲା ଶରୀର ସହିତ ମାନବ ମସ୍ତିଷ୍କ ଶକ୍ତିର ପ୍ରଦର୍ଶନ କରିବାକୁ ଚାହୁଁଥିଲେ। ଅନ୍ୟପକ୍ଷରେ ତାଙ୍କର ସାମର୍ଥ୍ୟ ଓ ଦକ୍ଷତାକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।







## ଆଖୁ ଘାସବଛା ଯନ୍ତ୍ର



ପନିପରିବା ହେଉ କି ଡାଲିଜାତୀୟ ଫସଲ ବୃଦ୍ଧି ପାଇଁ ଅନାବନା ଘାସ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଫସଲରୁ ଘାସ ନିୟନ୍ତ୍ରଣ ପାଇଁ ବିଭିନ୍ନ କୃଷି ଉପକରଣ ରହିଛି। ସେମିତି ଆଖୁଚାଷ ପାଇଁ ଚାଷୀଙ୍କୁ ସୁବିଧା ଯୋଗାଉଛି ସୁଗାରକେନ୍ ୱିଡର ବା ଆଖୁ ଘାସବଛା ଯନ୍ତ୍ର। ଏହି ଉପକରଣ ଆଖୁ ଫସଲରୁ ଘାସ ନିୟନ୍ତ୍ରଣ ପାଇଁ ବେଶ୍ ଉପଯୋଗୀ। ସୁଗାରକେନ୍ ୱିଡରକୁ ଟ୍ରାକ୍ଟର ସହିତ ସଂଯୋଗ କରି ବ୍ୟବହାର କରାଯାଇଥାଏ। ଏହା ଏକ ଉଚ୍ଚକ୍ଷମତା ସମ୍ପନ୍ନ କୃଷି ଉପକରଣ। କୃଷିକାର୍ଯ୍ୟ ପାଇଁ ଏହାର ପ୍ରଦର୍ଶନ ମଧ୍ୟ ବେଶ୍ ଅବିଶ୍ୱସନୀୟ। ଏହାର ନିର୍ମାଣ ଏପରି କରାଯାଇଛି ଯେ, ଏହା ଆଖୁ ଫସଲକୁ କୌଣସି କ୍ଷତି ନ ପହଞ୍ଚାଇ ଘାସ ସଫା କରିଦିଏ। ଏହାଦ୍ୱାରା ଶୀଘ୍ର ସଫାକାର୍ଯ୍ୟ ହୋଇପାରୁଥିବାରୁ ମୃତ୍ତିକାର ଉର୍ବରଶକ୍ତି ବୃଦ୍ଧି ପାଏ। ଏହି ଉପକରଣ କେବଳ ଆଖୁ ଫସଲରୁ ଅନାବନା ଘାସ ନିୟନ୍ତ୍ରଣ କରେ ତାହା ନୁହେଁ, ବରଂ ଏଥିରେ ଆଖୁ ଲଗାଇବା କାମ କରାଯାଇପାରେ। ସାଧାରଣତଃ ବୁଣାକାମ ପାଇଁ ମଜୁରୀ ଅଭାବ ହେଉଥିବାବେଳେ ଏହି ଉପକରଣ ଏବେ ସେ ଚିନ୍ତା ଦୂର କରିଛି। ବିଶେଷ କଥା ଯେ, ଏହି ଉପକରଣ ବ୍ୟବହାର ପାଇଁ ଚାଷୀଭାଇଙ୍କ ପାଖେ ୪୫ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଥିବା ଆବଶ୍ୟକ।

## କୀଟନାଶକ ବିକଳ୍ପ ହଳଦୀ

**ହଳଦୀ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଇନ୍‌ଫ୍ଲାମେଟରୀ, ଆଣ୍ଟିଫଙ୍ଗାଲ ଗୁଣ ଥାଏ। ହଳଦୀ ଔଷଧୀୟ ଗୁଣରେ ଭରପୁର। ଖାଦ୍ୟର ସ୍ୱାଦ ବୃଦ୍ଧି ପାଇଁ ହଳଦୀ ବ୍ୟବହାର ବିଷୟରେ ତ ସମସ୍ତେ ଜାଣନ୍ତି; ହେଲେ ଗଛ ବୃଦ୍ଧି ପାଇଁ ହଳଦୀ ପ୍ରାକୃତିକ ମହୌଷଧି ରୂପେ କାମ କରିଥାଏ। ହଳଦୀ ଗୁଣ୍ଡ, ଅର୍କ, ତୈଳ ଫସଲ ପାଇଁ ପ୍ରାକୃତିକ କୀଟନାଶକ, ମାଟି କଣ୍ଡିସନର୍, ପତ୍ର ସିଞ୍ଚନ ଭାବେ ପ୍ରୟୋଗ କରାଯାଇପାରିବ।**



**ପୋକ ନିୟନ୍ତ୍ରଣକାରୀ:** ଫସଲରେ ହଳଦୀ ସିଞ୍ଚନ କଲେ ପୋକ ସଂଖ୍ୟା ହ୍ରାସ ପାଇଥାଏ। ଏକ ଲିଟର ପାଣିରେ ଏକ ବଡ଼ ଚାମଚ ହଳଦୀ ପାଉଡର ମିଶାଇ ଗଛରେ ସିଞ୍ଚନ କରିପାରିବେ। ସେହିପରି ହଳଦୀରୁ ଅର୍କ ବନାଇ ଫସଲରେ ସିଞ୍ଚନ ଜରୁରି। ଅନ୍ୟ ପ୍ରାକୃତିକ କୀଟନାଶକ ଯଥା- ନିମ ତେଲ ସହିତ ହଳଦୀକୁ ମିଶାଇ ବ୍ୟବହାର ଦ୍ୱାରା ଲାଭପ୍ରଦ ହୋଇଥାଏ।

**ଉପକାରୀ ଜୀବାଣୁ ବୃଦ୍ଧି:** ହଳଦୀରେ ଥିବା କରକ୍ୟୁମିନ ମାଟିରେ ଉପକାରୀ ଜୀବାଣୁ ବଂଶ ବିସ୍ତାର କରି ମାଟିକୁ ସୁସ୍ଥ ରହିଥାଏ। ଏହା ପରିବେଶ ଅନୁକୂଳ। ଗଛ ଲଗାଇବା ପୂର୍ବରୁ ଏହାର ମୂଳକୁ ଏକ ଲିଟର ପାଣିରେ ଏକ ଚାମଚ ହଦଳୀ ଗୁଣ୍ଡ ମିଶାଇ ଏଥିରେ ଭିଜାଇ ରଖି ଜମିରେ ଲଗାଇଲେ ଗଛ ସୁସ୍ଥ ହୁଏ। ବିହନ ବୁଣିବା ପୂର୍ବରୁ ଏକ କପ୍ ପାଣିରେ ହଳଦୀ ମିଶାଇ ସେଥିରେ ଉପଚାର ପାଇଁ କିଛି ଘଣ୍ଟା ଭିଜାଇ ରଖିବା ଦ୍ୱାରା ଗଜା ଭଲ ହୋଇଥାଏ।

**କୃଷି ବିଶେଷଜ୍ଞଙ୍କ ପରାମର୍ଶ ଜରୁରି :** ହଳଦୀ ଗୁଣ୍ଡ ଉପଯୋଗ କରିବା ପୂର୍ବରୁ ଫସଲ ଏବଂ ପୋକ ବିଷୟରେ ସଠିକ୍ ତଥ୍ୟ ସଂଗ୍ରହ କରିବା ଜରୁରି। ଫସଲରେ କେତେ ମାତ୍ରାର ହଳଦୀ ଗୁଣ୍ଡ ବ୍ୟବହାର କରିବା ଆବଶ୍ୟକ ସେନେଇ କୃଷି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇ ପାରିବେ। ହଳଦୀ ଗୁଣ୍ଡ ଉପଯୋଗ କରିବା ପରେ ଫସଲକୁ ନିୟମିତ ରୂପେ ଯାଞ୍ଚ କରିବାର ଆବଶ୍ୟକତା ମଧ୍ୟ ରହିଛି।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଅମଳ ହୋଇଥିବା ଧାନ, ଚିନାବାଦାମ, ମୁଗ ଏବଂ ବିରିକୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ସଫା କରିଦିଅନ୍ତୁ।
- ସର୍ବଦା ପ୍ରାମାଣିକ ବିହନର ବ୍ୟବହାର କରନ୍ତୁ। ପ୍ରତି ୩ ବର୍ଷ ପରେ ଏହାକୁ ପରିବର୍ତ୍ତନ କରନ୍ତୁ। ଉନ୍ନତମାନ ବିହନ/ଅଧିକ ଅମଳକ୍ଷମ ବିହନ ବ୍ୟବହାର କଲେ ଅମଳ ୧୫ ପ୍ରତିଶତ ବୃଦ୍ଧି ହୋଇପାରିବ।
- ଫଳ ବଗିଚାରେ ନିୟମିତ ଜଳସେଚନ କରନ୍ତୁ। ଗଛମୂଳରେ ନଡ଼ା, ଶୁଖିଲା ପତ୍ର, କରତଗୁଣ୍ଡ ଆଦି ଦ୍ୱାରା ଜୈବିକ ଆଚ୍ଛାଦନ ସହ ବୁନ୍ଦା ଜଳସେଚନର ବ୍ୟବସ୍ଥା କରନ୍ତୁ।
- ଗୃହପାଳିତ ପଶୁ ପକ୍ଷୀମାନଙ୍କୁ ଘର ଭିତରେ ରଖନ୍ତୁ। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରନ୍ତୁ। ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡନ୍ତୁ।



## ଏ ମାସର ଚାଷ

**ଆମ ରାଜ୍ୟର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ସ୍ଥାନୀୟ ପାଣିପାଗ ଅନୁଯାୟୀ ଚାଷ ଭଲ ହୁଏ। ତେଣୁ ମାଟିର ଆର୍ଦ୍ରତାକୁ ବିନିଯୋଗ କରି କେଉଁ ପନିପରିବା ଚାଷ କରି ପାରିବେ ଆସନ୍ତୁ ଜାଣିବା।**



- ଶୁଖିଲା ଖତ, ୧୦ରୁ ୧୫ ପ୍ରତିଶତ ବାଲି କିମ୍ବା କୋକୋପିଟ୍ ବ୍ୟବହାର କରି ମାଟି ପ୍ରସ୍ତୁତ କରାଯାଏ। ଗୁଣ୍ଡମାଟିରେ ଚାରା ଲଗାଇଲେ ଅଧିକ ଲାଭ ମିଳେ। ତେଣୁ ଜଳସେଚନର ସୁବନ୍ଦୋବସ୍ତ କରି ଏ ମାସରେ ଲାଉ, ଜହ୍ନି, ମକା, ବାଦାମ, ଆଦି ଚାଷ କରିପାରିବେ। ନର୍ସରୀରେ ବିହନ ବୁଣି ଚାରା ତିଆରି କରି ବା ସବୁଠୁ ଭଲ ଉପାୟ। ତାପମାତ୍ରା ଅଧିକ ରହୁଥିବାରୁ ଫସଲରେ ପୋକ ନିୟନ୍ତ୍ରଣ ପାଇଁ ଉପାୟ ଆପଣାଇବା ଜରୁରି।
- ୧୮ ଇଞ୍ଚ ଗ୍ରୋବ୍ୟାଗ୍ କିମ୍ବା କୁଣ୍ଡରେ କଲରା ଚାଷ କରିପାରିବେ। ବ୍ରୋକୋଲି ଫସଲରେ ଜଳଯୋଗାଇବା ସହିତ ପ୍ରତି ଦୁଇ ସପ୍ତାହରେ ଥରେ ଗଛ ମୂଳରେ ଜୈବିକ ସାର ପ୍ରୟୋଗ କରିବା ଦ୍ୱାରା ଜୁନ୍ ମାସରେ ବ୍ରୋକୋଲି ଅମଳ ହୋଇଥାଏ।
- ଚଉଡ଼ା କୁଣ୍ଡରେ ଶୁଖିଲା ଖତ ଦେଇ ଟମାଟୋ, କାକୁଡ଼ି, ଲାଉ, ପୁଦିନା, ଛଞ୍ଚିନ୍ଦ୍ରା, କାଙ୍କଡ, କୁନ୍ଦୁରି, ଶାଗଜାତୀୟ ଯଥା- ପାଳଙ୍ଗ, ଖଡ଼ା, କଳମ, ମୂଳା, ବିଟ୍, ସାରୁ, ଓଲୁଅ, ଚାଷ କରିପାରିବେ।
- ସେହିପରି ବିଲାତି ବାଇଗଣଗଛରେ ଧଳାମାଛି ପରିଚାଳନା ପାଇଁ ଏକର ପିଛା ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ। ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ୧୫୦୦ ପିପିଏମ୍ ଆଜାଡିରାକ୍ଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏକର ପ୍ରତି ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ। ଏକର ପ୍ରତି ୪୦ ଗ୍ରାମ୍ ଥିୟାମିଥୋସ୍କାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୨୫
- ପାଉଣ୍ଡ ୧୧୪.୪୭
- ୟୁରୋ ୯୬.୪୫
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୭,୫୫୦ (ଭୁବନେଶ୍ୱର)
- ରୁପା : ୧,୦୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୦୫୯.୦୦
- ନିଫ୍ଟି ୨୪,୯୪୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ସ୍ଥାୟୀ ଜମା ସୁଧହାର କମାଇଲା ଏସ୍‌ବିଆଇ

**୨୦ ବେସିସ୍ ପଏଣ୍ଟ ହ୍ରାସ**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଦେଶର ସବୁଠାରୁ ବଡ଼ ରଷ୍ଟ୍ରାୟତ୍ତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ତା'ର ଗ୍ରାହକମାନଙ୍କୁ ଆଉ ଏକ ଝଟ୍‌କା ଦେଇଛି। ଷ୍ଟେଟ ବ୍ୟାଙ୍କ ଲଗାତାର ଦ୍ୱିତୀୟ ଥର ପାଇଁ ତା'ର ସ୍ଥାୟୀ ଜମା ବା ଫିକ୍ସଡ ଡିପୋଜିଟ୍(ଏଫ୍‌ଡି)ରେ ୨୦ ବେସିସ୍ ପଏଣ୍ଟ ହ୍ରାସ ଘଟାଇଛି। ଏ ସମ୍ପର୍କରେ ବ୍ୟାଙ୍କ ତା'ର ୱେବ୍‌ସାଇଟ୍‌ରେ ସୂଚନା ଦେଇଛି। ବ୍ୟାଙ୍କ ୩ କୋଟି ଟଙ୍କାରୁ କମ୍ ଏଫ୍‌ଡି ଉପରେ ସୁଧ ହାର ହ୍ରାସ କରିଛି। ଏହି ହ୍ରାସ ସାଧାରଣ ଗ୍ରାହକଙ୍କ ସହିତ ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ବିଭିନ୍ନ ଅବଧିର ଏଫ୍‌ଡି ଉପରେ ନୂତନ ସୁଧ ହାର ଚଳିତମାସ ୧୬ ତାରିଖଠାରୁ ଲାଗୁ ହୋଇଛି। ଏଫ୍‌ଡି ହାରରେ କ୍ରମାଗତ ଦ୍ୱିତୀୟ ହ୍ରାସ ପରେ, ବ୍ୟାଙ୍କର ସାଧାରଣ ଗ୍ରାହକମାନେ ଏବେ ବାର୍ଷିକ ୩.୩୦ ରୁ ୬.୭୦ ପ୍ରତିଶତ ହାରରେ ସୁଧ ପାଉଛନ୍ତି। ବରିଷ୍ଠ ନାଗରିକ ଏଫ୍‌ଡି ଉପରେ ବ୍ୟାଙ୍କରୁ ବାର୍ଷିକ ୩.୮୦ ରୁ ୭.୨୦ ପ୍ରତିଶତ ସୁଧ ନେଉଛନ୍ତି।

ଏହାପରେ ଗ୍ରାହକମାନେ ୭ ରୁ ୪୫ ଦିନର ଏଫ୍‌ଡି ଉପରେ ୩.୩୦%, ୧ ବର୍ଷରୁ କମ୍ ଏଫ୍‌ଡି ଉପରେ ସର୍ବାଧିକ ୬.୩୦% ଏବଂ ୧ ରୁ ୨ ବର୍ଷ ଏଫ୍‌ଡି ଉପରେ ୬.୫୦% ସୁଧ ପାଇବେ, ଯେତେବେଳେ କି ପୂର୍ବରୁ ଏହା ୬.୭୦% ପର୍ଯ୍ୟନ୍ତ ଥିଲା। ସେହିପରି, ସାଧାରଣ ଲୋକଙ୍କୁ ଏବେ ୫ ରୁ ୧୦ ବର୍ଷର ଏଫ୍‌ଡି ଉପରେ କେବଳ ୬.୩୦% ସୁଧ ମିଳିବ। ଏସ୍‌ବିଆଇ ଦ୍ୱାରା ସୁଧହାରରେ ଏହି ହ୍ରାସ ଭାରତୀୟ ରିଜର୍ଭ ବ୍ୟାଙ୍କର ଏପ୍ରିଲ ମୁଦ୍ରା ନୀତି ନିଷ୍ପତ୍ତି ପରେ ନିଆଯାଇଛି, ଯେଉଁଥିରେ ରେପୋ ହାର ୦.୨୫% ହ୍ରାସ ପାଇ ୬% ହୋଇଥିଲା। ଦେଶରେ ଋଣକୁ ଶସ୍ତା କରିବା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା ଲକ୍ଷ୍ୟରେ ଆର୍‌ବିଆଇ ଏହି ପଦକ୍ଷେପ ନିଆଯାଇଥିଲା, କିନ୍ତୁ ଏହା ଜମା ଉପରେ ସୁଧ ହାରକୁ ମଧ୍ୟ ପ୍ରଭାବିତ କରିଛି।

**ରୋବର୍ଟ କିୟୋସାକିଙ୍କ ଚେତାବନୀ**

# ଚଳିତବର୍ଷ ଭୟଙ୍କର ମାନ୍ଦାବସ୍ଥା

- ଉଡ଼ିଯିବ ୧୩୭ ଲକ୍ଷ କୋଟି
- ଆମେରିକାର ଛାତ୍ର ଋଣ ବଜାରରୁ ଆରମ୍ଭ ହେବ ସମସ୍ୟା

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)

ଦୀର୍ଘ ବର୍ଷେ ହେବ ଘୋର ସଙ୍କଟ ପରିସ୍ଥିତି ଦେଇ ଗତି କରୁଥିବା ଦେଶର ସେୟାର ବଜାର ପାଇଁ ଖରାପ ଖବର। କାରଣ ଇକ୍ୱିଟି ବଜାରର ଏହି ଦୁଃସମୟ ଶେଷ ହୋଇନାହିଁ। ବର୍ଷକ ପରେ ବଜାର କାରବାରରୁ କିଛି ରୋଜଗାର କରି ଶାନ୍ତିରେ ନିଶ୍ୱାସ ମାରୁଥିବା ନିବେଶକଙ୍କ ପାଇଁ ଆଗକୁ ଆହୁରି ଖରାପ ସମୟ ଅଛି। ଏ ନେଇ ସତର୍କ କରାଇଛନ୍ତି 'ରିଚ୍ ଡାଡ୍ ପୁଅର ଡାଡ୍'ର ପ୍ରସିଦ୍ଧ ଲେଖକ ରବର୍ଟ କିୟୋସାକି। କାରଣ ଚଳିତବର୍ଷ ସାରା ବିଶ୍ୱରେ ପୁଣି ଥରେ ଦେଖାଦେବ ଭୟଙ୍କର ମାନ୍ଦାବସ୍ଥା। ଏଥିଯୋଗୁ ଇକ୍ୱିଟି ବଜାରରୁ ଉଡ଼ିଯିବ ୧୩୭ ଲକ୍ଷ କୋଟି ଟଙ୍କା। ଏହି ସମସ୍ୟା ଆମେରିକାର ଛାତ୍ର ଋଣ ବଜାରରୁ ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି।

ଏହି ବଡ଼ ଆର୍ଥିକ ମାନ୍ଦାବସ୍ଥାରେ ଗୋଟିଏ ଝଟ୍‌କାରେ ୧.୬ ଟ୍ରିଲିୟନ ଡଲାର (ପ୍ରାୟ ୧୩୭ ଲକ୍ଷ କୋଟି ଟଙ୍କା) କ୍ଷତି ହୋଇପାରେ। ତଥାପି, କିୟୋସାକି ଏହି ସଙ୍କଟକୁ କିପରି ଏଡାଯାଇପାରିବ ତାହା ମଧ୍ୟ କହିଛନ୍ତି। କିୟୋସାକି ତାଙ୍କ ପୁସ୍ତକ 'ରିଚ୍ ଡ୍ୟାଡ୍ ପୁଅର ଡ୍ୟାଡ୍'ରେ ଆର୍ଥିକ ଅସୁବିଧା ବିଷୟରେ ଲେଖିଛନ୍ତି। ଏଥିରେ ସେ ପୂର୍ବରୁ କିପରି ଆର୍ଥିକ ସଙ୍କଟ ଦେଖାଦେଇଥିଲା ତାହା ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି, ୧୯୯୮ ମସିହାରେ, ୱାଲ ଷ୍ଟ୍ରିଟ୍ ଲଙ୍ଗ ଟର୍ମ କ୍ୟାପିଟାଲ ମ୍ୟାନେଜମେଣ୍ଟ (ଏଲ୍‌ଟିସିଏମ୍) ନାମକ ଏକ ହେଜ୍ ଫଣ୍ଡକୁ ସଞ୍ଚୟ କରିବା ପାଇଁ ଏକାଠି ହୋଇଥିଲେ। ୨୦୦୮ ମସିହାରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୱାଲ ଷ୍ଟ୍ରିଟ୍‌କୁ ରକ୍ଷା କରିଥିଲେ। କିୟୋସାକିଙ୍କ ମତରେ ପ୍ରତ୍ୟେକ ଥର ଏହି ଆର୍ଥିକ ସଙ୍କଟ ଅଧିକ ବିପଜ୍ଜନକ ହେଉଛି। କାରଣ ଏହାର ପ୍ରକୃତ କାରଣ କେବେ ସମାଧାନ ହୋଇ ନ ଥିଲା। ଏହି ସମସ୍ୟା ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳେ ଆମେରିକାର ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ସୁନା ମାନକରୁ ଡଲାରକୁ ବାହାର କରିଦେଇଥିଲେ। କିୟୋସାକି କୁହନ୍ତି ଯେ ଏହା ଅର୍ଥର ପ୍ରକୃତ ମୂଲ୍ୟକୁ ଦୂର କରିଦିଏ। ଏହିଠାରୁ ସମସ୍ୟା ଆରମ୍ଭ ହୋଇଥିଲା, ଯାହା ଏବେ ଆହୁରି ବୃଦ୍ଧି ପାଇଛି। କିୟୋସାକିଙ୍କ ବନ୍ଧୁ ଏବଂ ଆର୍ଥିକ ବିଶେଷଜ୍ଞ ଜିମ୍ ରିକାର୍ଡସ୍ ମଧ୍ୟ




ଏଥିରେ ସହମତ। ସେ ବିଶ୍ୱାସ କରନ୍ତି ଯେ ଆମେରିକାରେ ଦିଆଯାଇଥିବା ଷ୍ଟୁଡେଣ୍ଟ ଛାତ୍ର ଋଣର ୧.୬ ଟ୍ରିଲିୟନ ଡଲାର ବୁଡ଼ିଯାଇପାରେ। ଅର୍ଥାତ୍ ଏହାକୁ ଅସୁଲ କରିବା ଅସମ୍ଭବ, ଯାହା ପରବର୍ତ୍ତୀ ଆର୍ଥିକ ସଙ୍କଟକୁ ନେଇପାରେ।

କିୟୋସାକି ଏହି ସଙ୍କଟକୁ କିପରି ଏଡାଯାଇପାରିବ ତାହା ମଧ୍ୟ ବ୍ୟାଖ୍ୟା କରିଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଆପଣଙ୍କୁ ସରକାର କିମ୍ବା ସେୟାର ବଜାରରୁ କୌଣସି ସାହାଯ୍ୟ ମିଳିବନାହିଁ। ତୁମକୁ ନିଜକୁ ସାହାଯ୍ୟ କରିବାକୁ ପଡିବ। କିୟୋସାକି ଲୋକମାନଙ୍କୁ ସୁନା, ରୁପା ଏବଂ ବିଟକଏନ୍ ଭଳି ପ୍ରକୃତ ଜିନିଷ କିଣିବାକୁ ପରାମର୍ଶ ଦେଇଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଯଦି ଆପଣ ଆର୍ଥିକ ଭାବରେ ସଶକ୍ତ ହେବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ନିଜେ କିଛି କରିବାକୁ ପଡିବ। ଅନ୍ୟ କାହା ଉପରେ ବିଶ୍ୱାସ କରନ୍ତୁନାହିଁ।

# କମିଲା ଆମେରିକାର ରେଟିଂ; ପୁଣି ସୁନା ଦର ଉପରମୁହାଁ

**ଦିନକରେ ୨ ହଜାର ମହଙ୍ଗା**

**ଜାନୁଆରୀଠାରୁ ମୂଲ୍ୟ ୧୭ ହଜାର ବଢ଼ିଛି**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)




ମାତ୍ର କିଛି ଦିନର ବ୍ୟବଧାନ ପରେ ପୁଣି ଉପରମୁହାଁ ହୋଇଛି ସୁନା ଦର। ଗତ ଦୁଇଟି ବ୍ୟବସାୟିକ ଦିବସରେ ଘରୋଇ ବଜାରରେ ସୁନା ମୂଲ୍ୟରେ ବୃହତ୍ ବୃଦ୍ଧି ଘଟିଛି। ଏମିତିକି ମାତ୍ର ଗୋଟିଏ ଦିନରେ ବଜାରରେ ସୁନା ମୂଲ୍ୟରେ ୨୦୦୦ ଟଙ୍କା ବୃଦ୍ଧି ଘଟିଛି। ଶୁକ୍ରବାର ଦିନ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧୪୦୦ ଟଙ୍କା ବୃଦ୍ଧି ପାଇଛି। ଏହା ବ୍ୟତୀତ, ରୂପା କିଲୋଗ୍ରାମ ପିଛା ୫୦୦ ଟଙ୍କା ବୃଦ୍ଧି ପାଇ ୯୮,୫୦୦ ଟଙ୍କାରେ ପହଞ୍ଚିଛି। ତେବେ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ର ଆମେରିକାର ରେଟିଂରେ ହ୍ରାସ ଯୋଗୁ ବିଶ୍ୱ ବଜାରରେ ସୁନା ମୂଲ୍ୟରେ ହ୍ରାସ ଘଟିଛି। ଲଗାତାର ଦ୍ୱିତୀୟ ଦିନ ପାଇଁ ସୁନାର ମୂଲ୍ୟରେ ଏଭଳି ବୃଦ୍ଧି ଘଟିଛି। ଏଥିରେ ବିଶେଷ କଥା ହେଉଛି ଦୁଇ ଦିନରେ ସୁନାର ମୂଲ୍ୟରେ ୧୯୮୦ ଟଙ୍କା ବୃଦ୍ଧି ଘଟିଛି। ଏଥିଯୋଗୁ ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ୯୭ ହଜାର ଟଙ୍କା ଅତିକ୍ରମ କରିଛି। ବିଶେଷଜ୍ଞଙ୍କ ମତରେ, ସମ୍ପ୍ରତି ଆମେରିକୀୟ ରେଟିଂ ଏଜେନ୍ସି ଆମେରିକାର ରେଟିଂ ହ୍ରାସ କରିଛି। ଯାହ ପାଇଁ ସୁନା ମୂଲ୍ୟ ବୃଦ୍ଧି ପାଉଛି। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ଦେଖାଯାଇପାରେ। ତଥାପି, ଦେଶରେ ମୁଦ୍ରାସ୍ଫୀତି ହ୍ରାସର ସଙ୍କେତ ମିଳିଛି। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁଯାୟୀ, ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୫୮୦ ଟଙ୍କା ବୃଦ୍ଧି ପାଇ ୯୭,୦୩୦ ଟଙ୍କା ହୋଇଛି। ଶୁକ୍ରବାର ୯୯.୯ ପ୍ରତିଶତ ଶୁଦ୍ଧତା ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୯୬,୪୫୦ ଟଙ୍କାରେ ବନ୍ଦ ହୋଇଥିଲା। ଏ ସମ୍ପର୍କରେ ଆବାନ୍ସ ଫାଇନାନ୍ସିଆଲ୍ ସର୍ଭିସେସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ତନ ମେହେଟ୍ଟା କହିଛନ୍ତି, ଆମେରିକାର ଟ୍ରେଜେରୀ ହାର ୪.୫ ପ୍ରତିଶତ ପାଖାପାଖି ପହଞ୍ଚିଛି, ଯାହା ଶୁକ୍ରବାର ଦିନ ବୃଦ୍ଧିକୁ ଆହୁରି ବୃଦ୍ଧି କରୁଛି। କାରଣ ରେଟିଂ ଏଜେନ୍ସି ମୁଡିଜ୍ ଆମେରିକାର କ୍ରେଡିଟ୍ ରେଟିଂକୁ ଏଏଏ ଏବଂ ଏଏ୧ ହ୍ରାସ କରିଛି। ଏହାବ୍ୟତୀତ, ବଜାରରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୫୦୦ ଟଙ୍କା ବୃଦ୍ଧି ପାଇ ୯୮୫୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସର୍ବାଧିକ କାରବାର ହୋଇଥିବା ସୁନା ଫ୍ୟୁଚର୍ସ କଣ୍ଟ୍ରାକ୍ଟ ୧୧୮୨ ଟଙ୍କା କିମ୍ବା ୧.୨୮ ପ୍ରତିଶତ ବୃଦ୍ଧି ପାଇ ୧୦ ଗ୍ରାମ ପିଛା ୯୩,୬୨୩ ଟଙ୍କାରେ ପହଞ୍ଚିଛି। କମୋଡିଟି ଏକ୍ସଚେଞ୍ଜରେ ଜୁଲାଇ ଡେଲିଭରି ପାଇଁ ରୁପା ଫ୍ୟୁଚର୍ସ କିଲୋଗ୍ରାମ ପିଛା ୬୬୨ ଟଙ୍କା ବୃଦ୍ଧି ପାଇ ୯୫,୯୮୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୯୫,୧୦୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୭,୫୫୦ ଟଙ୍କାରେ ପହଞ୍ଚିଛି।

# ଗୁଜରାଟରେ ଫାଲ୍‌କନ୍‌ର 'ଫ୍ରୋଜନ୍ ପଟାଟୋ' ୟୁନିଟ୍

**ସ୍ୱରାଷ୍ଟ୍ର ମନ୍ତ୍ରୀ କଲେ ଉଦ୍‌ଘାଟନ**

ଭୁବନେଶ୍ୱର,୧୯।୫(ଏଜେନ୍ସି)



ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଫାଲ୍‌କନ୍ ଏଗ୍ରି ଫ୍ରିଜ୍ ଫୁଡସ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଅତ୍ୟାଧୁନିକ ସ୍ୱୟଂ ଚାଳିତ ଫ୍ରୋଜନ୍ ପଟାଟୋ ଉତ୍ପାଦର ପ୍ରସ୍ତୁତକାରୀ ୟୁନିଟ୍ ଗୁଜରାଟର ମେହେସାନାଠାରେ ଆରମ୍ଭ ହୋଇଛି। ଏହାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିଛନ୍ତି। ଉଦଘାଟନ ଉତ୍ସବରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୁଜରାଟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ବଳବନ୍ତ ସିଂ ରାଜପୁତ, ରାଜ୍ୟସଭା ସାଂସଦ ମୟଙ୍କ ଭାଇ ନାୟକ, ମେହେସାନା ସାଂସଦ ହରି ଭାଇ ପଟେଲ ଓ ଫାଲ୍‌କନ୍ ଗ୍ରୁପ ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ପ୍ଲାଣ୍ଟ ଉଦଘାଟନ ଅବସରରେ ଫାଲ୍‌କନ୍ ଗ୍ରୁପ ଓ ଗୁଜୁରାଟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ପ୍ରାୟ ଏକହଜାର ପଚାଶ କୋଟି ଟଙ୍କା ବିନିଯୋଗ ହୋଇଛି। ଯାହାକି ଗୁଜୁରାଟକୁ ଫ୍ରୋଜନ୍ ପଟାଟୋ ପ୍ରସ୍ତୁତକାରୀ କେନ୍ଦ୍ର ଭାବେ ବିଶ୍ୱରେ ପରିଚିତ କରାଇବ। ୪ ଦଶନ୍ଧି ରୁ ଅଧିକ ସମୟ ଧରି ଫାଲ୍‌କନ୍ ଗ୍ରୁପ ଗୁଣାତ୍ମକ, ବିଶ୍ୱସନୀୟତା ଓ ନୂତନ ଜ୍ଞାନ କୌଶଳ ପ୍ରୟୋଗ ରେ ଅଗ୍ରଣୀ ଭୂମିକା ନେଇଛି।

ପଶୁ ପୋଷଣ ଠାରୁ ଆରମ୍ଭ କରି ମେରାଇନ ଏକ୍ସପୋର୍ଟସ, ରିଅଲ ଇଷ୍ଟେଟ, ଖଣି, ଟ୍ରେନିଂ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାଲ୍‌କନ୍ ଗ୍ରୁପ ତାର ଗୁଣବତ୍ତା ବଜାୟ ରଖୁଛି। ଫାଲ୍‌କନ୍ ଏଗ୍ରି ଫ୍ରିଜ୍ ଏହି ଗୁଣବତ୍ତା ବଜାୟ ରଖୁବ। ଯାହା ଦ୍ୱାରା ବିଶ୍ୱ ଦରବାରରେ ଭାରତ ଫ୍ରୋଜନ୍ ଫୁଡ୍ସ ରପ୍ତାନୀ କ୍ଷେତ୍ରରେ ଅଗ୍ରଣୀ ରହିବ। ଭାରତର କୃଷି ଶକ୍ତିକୁ ପ୍ରକ୍ରିୟା କରଣ ଆଳୁ ରପ୍ତାନୀ ନୂଆ ଦିଗ ଦେବ। ସେହିପରି ଫ୍ରୋଜନ୍ ଗ୍ରୁପର ଉପ ସଭାପତି ପାର୍ଥଜିତ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ପିଢି ଅନୁଯାୟୀ ସଂସ୍କାର ଆଣିବା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ଅଗ୍ରଣୀ ଭୂମିକା ନେବା ଫାଲ୍‌କନ୍ ଗ୍ରୁପର ଲକ୍ଷ୍ୟ। ଫାଲ୍‌କନ୍ ଏଗ୍ରି ଫ୍ରିଜ୍‌ର ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ମନିଷ ତିବ୍ରେୱାଲ୍ ଏହି ଅବସରରେ କହିଛନ୍ତି, ପ୍ଲାଣ୍ଟ ଭିତ୍ତିଭୂମି ନିର୍ମାଣ ରେ ଅଧିକ ନିବେଶ କରାଯାଇଛି। ଯେଉଁଥିପାଇଁ ବିଶ୍ୱ ସ୍ତରୀୟ ଗୁଣବତ୍ତା ବଜାୟ ରହିପାରିବ। କେବଳ ଉତ୍ପାଦନ ନୁହେଁ ଦେଶ ଗଠନ ମୁଖ୍ୟ ଲକ୍ଷ୍ୟ।

# ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୩ରୁ

ଭୁବନେଶ୍ୱର,୧୯।୫(ସମିସ)




ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ୧୧ ତମ ସଂସ୍କରଣ ଚଳିତମାସ ୨୩ରୁ ସ୍ଥାନୀୟ ଜନତା ମଇଦାନଠାରେ ଆରମ୍ଭ ହେବାକୁ ଯାଉଛି। ଗୁପ୍ତା ଏଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ସହଯୋଗରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ମେଳା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୪୫୦ ଷ୍ଟଲ୍ ସ୍ଥାନ ପାଇବା ସହ କେବଳ ରିଅଲ ଇଷ୍ଟେଟ୍ କ୍ଷେତ୍ର ନିମନ୍ତେ ସ୍ୱତନ୍ତ୍ର ଭାବେ ୧୦୦ଟି ଷ୍ଟଲ୍ ରହିବ। ଏଥର ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଫଗାନିସ୍ତାନ, ଇରାନ୍, ଥାଇଲ୍ୟାଣ୍ଡ, ଦୁବାଇ ଏବଂ ଜର୍ମାନୀ ଭଳି ରାଷ୍ଟ୍ରରୁ ବିଭିନ୍ନ ସଂସ୍ଥା ଅଂଶଗ୍ରହଣ କରିବେ। ଚଳିତଥର ବିଶେଷ କରି ଆଫଗାନିସ୍ତାନରୁ ୧୦୦ ପ୍ରକାରର ଡ୍ରାଏ ଫ୍ରୁଟ୍, ଜର୍ମାନୀ ଲ୍ୟାମ୍ପ, ଇରାନ୍‌ର ଖଜୁରୀ ଡେଟ୍ସ ଏବଂ ଥାଇଲ୍ୟାଣ୍ଡର ଜୁଏଲେରୀ ଓ ଫୁଟ୍‌ୱେର ସ୍ଥାନ ପାଇବ ବୋଲି ଗୁପ୍ତା ଏଭେଣ୍ଟ ମ୍ୟାନେଜମେଣ୍ଟର ଏମ୍‌ଡି ସୁଜିତ୍ ଗୁପ୍ତା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏଥିରେ ନିର୍ଦ୍ଦେଶିକା ପାୟଲ ଗୁପ୍ତା, ସଚିନ୍ ସିଂହ,ଦୀପକ ମହାନ୍ତି ଏବଂ ରଶ୍ମି ରଞ୍ଜନ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ ।

# ତୁର୍କୀକୁ ମିଳିବନି ଅଲିଗଡ଼ ତାଲା

ଅଲିଗଡ଼, ୧୯।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମୟରେ ତୁର୍କିର ପାକ୍ ସମର୍ଥନ ଭାରତୀୟ ବ୍ୟବସାୟୀଙ୍କୁ ଅସନ୍ତୁଷ୍ଟ କରିଛି। ଏହାର ସିଧା ପ୍ରଭାବ ଏବେ ତୁର୍କିଏର ସୁରକ୍ଷା ଓ ତାଲା ଉଦ୍ୟୋଗ ଉପରେ ଦେଖିବାକୁ ମିଳିବ। ଭାରତର 'ତାଲା ଓ ତାଲିମ' ଲାଗି ପ୍ରସିଦ୍ଧ ଅଲିଗଡ଼ ସହରର ବ୍ୟବସାୟୀମାନେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁସାରେ ତୁର୍କିଏକୁ ତାଲା ଓ ହାର୍ଡୱେର ସପ୍ଲାଇ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଅଲିଗଡ଼ ତାଲା ଓ ହାର୍ଡୱେର ୟୁନିୟନର କହିବା କଥା ହେଉଛି ତୁର୍କିଏ ପାକିସ୍ତାନକୁ ସମର୍ଥନ କରି ଭାରତର ସମ୍ମାନକୁ ଆଘାତ ଦେଇଛି। ଏଣୁ ୟୁନିୟନ ପଦାଧିକାରୀ କହିଛନ୍ତି ଯେ ଏବେ ତୁର୍କିଏକୁ ଗୋଟିଏ ବି ତାଲା, ଡୋର ଲକ୍ କି ସିକ୍ୟୁରିଟି ସିଷ୍ଟମ ପଠା ଯିବ ନାହିଁ। ବ୍ୟବସାୟୀମାନେ କହିଛନ୍ତି ଯେ ସେମାନଙ୍କ ବ୍ୟବସାୟ ଦେଶଠୁ ବଡ଼ ନୁହେଁ। ଯଦି ଦେଶର ଅପମାନ କରାଯିବ ଆମେ ସେ ଦେଶକୁ କୌଣସି ମୂଲ୍ୟରେ ମଧ୍ୟ ଆମ ମାଲ ପଠାଇବୁ ନାହିଁ। ଏଥି ପାଇଁ ହୁଏତ କ୍ଷତିବି ସହିବାକୁ ପଡିପାରେ ହେଲେ ଏଥି ପାଇଁ ଆମେ ପ୍ରସ୍ତୁତ ବୋଲି ପଦାଧିକାରୀ କହିଛନ୍ତି। ସୂଚନା ଅନୁସାରେ ଅଲିଗଡରୁ ପ୍ରତିବର୍ଷ ତୁର୍କିଏକୁ କୋଟି କୋଟି ଟଙ୍କାର ତାଲା ଓ ହାର୍ଡୱେର ସାମଗ୍ରୀ ରପ୍ତାନୀ କରାଯାଉଥିଲା।

**ଟେଲିକମ୍ କମ୍ପାନୀଙ୍କୁ ଝଟ୍‌କା**

# ଏଜିଆର୍ ଛାଡ଼ ଦେବାକୁ ମନାକଲେ ସୁପ୍ରିମକୋର୍ଟ

**ଭିଆଇ, ଏୟାରଟେଲ୍, ଟାଟା ଟେଲି ସର୍ଭିସେସ୍ ହତାଶ**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)



ଖାରଜ ହୋଇଛି ସୁପ୍ରିମକୋର୍ଟରେ ଆବେଦନ। ଟେଲିକମ୍ କମ୍ପାନୀଗୁଡ଼ିକୁ ଲାଗିଛି ବଡ଼ ଝଟ୍‌କା ଲାଗିଛି। ଭୋଡାଫୋନ୍ ଆଇଡିଆ, ଏୟାରଟେଲ୍ ଓ ଟାଟା ଟେଲି ସର୍ଭିସେସ୍‌କୁ ସର୍ବୋଚ୍ଚ ଅଦାଲତଙ୍କ ନିକଟରୁ ମିଳିନି କୌଣସି ଆଶ୍ୱସ୍ତି। ଏହି ତିନି ଟେଲିକମ୍ ଅପରେଟରଙ୍କୁ ଆଡ୍‌ଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ (ଏଜିଆର) ବକେୟା ଛାଡ଼ କରିବା ନିମନ୍ତେ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଏ ସମ୍ପର୍କରେ ଜଷ୍ଟିସ୍ ଜେ ବି ପାରଦିବାଲା ଓ ଜଷ୍ଟିସ୍ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଭୁଲ ଭାବରେ ଆବେଦନକୁ ପ୍ରସ୍ତୁତ କରାଯାଇଛି। ଭୋଡାଫୋନ୍ ପାଇଁ ପକ୍ଷ ରଖୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀଙ୍କୁ ଖଣ୍ଡପୀଠ କହିଛନ୍ତି ଯେ, ଏହି ଆବେଦନ ଦେଖି ଖଣ୍ଡପୀଠ ଆଶ୍ଚର୍ଯ୍ୟ। ଏକ ବହୁରାଷ୍ଟ୍ରୀୟ କମ୍ପାନୀଠାରୁ ଏଭଳି ଆଶା କରାଯାଇ ନ ପାରେ। ଆମେ ଏହାକୁ ଖାରଜ କରିଛୁ।


ତେବେ ଟେଲିକମ୍ କମ୍ପାନୀଗୁଡିକୁ ସହାୟତା ପ୍ରଦାନ ପ୍ରସଙ୍ଗରେ ଅଦାଲତ ସରକାରଙ୍କ ରାସ୍ତାରେ ଆସିବେନି ବୋଲି ସୁପ୍ରିମକୋର୍ଟ ରୋକ୍‌ଠୋକ୍ କହିଛନ୍ତି। ଆବେଦନରେ ଭୋଡାଫୋନ୍ ଆଇଡିଆ ନିଜ ଏଜିଆର ବକେୟାରେ ସୁଧ, ଜରିମାନା ଓ ଜରିମାନା ଉପରେ ସୁଧ ବାବଦରେ ୩୦ ହଜାର କୋଟି ଟଙ୍କା ଛାଡ଼ ପାଇଁ ଅନୁରୋଧ କରିଥିଲା । ରୋହତଗୀ ପୂର୍ବରୁ କହିଥିଲେ ଯେ ଟେଲିକମ୍ କ୍ଷେତ୍ରରେ ପ୍ରତିଯୋଗିତା ବଜାୟ ରଖିବା ପାଇଁ ଆବେଦନକାରୀ କମ୍ପାନୀ ଅସ୍ତିତ୍ୱରେ ରହିବା ଜରୁରୀ।

ଭୋଡାଫୋନ୍ ଆଇଡିଆ ଯୁକ୍ତି ରଖିଥିଲା ଯେ ଏଜିଆର ନିଷ୍ପତ୍ତି ଦ୍ୱାରା ଲଗାଯାଇଥିବା କଟକଣା ଯୋଗୁଁ ଭବିଷ୍ୟତରେ ସରକାରୀ ସହାୟତା ମିଳିପାରିବ ନାହିଁ। ଭିଆଇ ନିଜ ସ୍ପେକ୍ଟ୍ରମ୍ ବକେୟାକୁ ଇକ୍ୱିଟିରେ ପରିବର୍ତ୍ତନ କରି ସରକାରଙ୍କୁ ଅଂଶଧନ ଦେଇଛି। ଏବେ କମ୍ପାନୀରେ ସରକାରଙ୍କ ପାଖରେ ମୋଟ ୪୯ ପ୍ରତିଶତ ଇକ୍ୱିଟି ସେୟାର ରହିଛି। କମ୍ପାନୀ ଉପରେ ଏବେ ବି ସରକାରଙ୍କ ଏଜିଆର ଓ ସ୍ପେକ୍ଟ୍ରମ ମାମଲାରେ ୧.୯୫ ଲକ୍ଷ କୋଟି ଟଙ୍କା ବକେୟା ରହିଛି। କମ୍ପାନୀ ଏହା ମଧ୍ୟ କହିଛି ଯେ ସରକାରଙ୍କ ସମର୍ଥନ ବିନା ସେ ଆର୍ଥିକବର୍ଷ ୨୦୨୫-୨୬ ପରେ କାର୍ଯ୍ୟ କରିପାରିବନାହିଁ। ଦେବାଳିଆ ଘୋଷଣା ପାଇଁ କମ୍ପାନୀ କୁ ନ୍ୟାସନାଲ୍ କମ୍ପାନୀ ଲ୍ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

ଅନ୍ୟପଟେ ଏୟାରଟେଲ୍ ଓ ଭାରତୀ ହେକ୍ସାକମ୍ ଯୁକ୍ତି ରଖିଥିଲା ଯେ ବିନା ଛାଡ଼ରେ ବକେୟା ଜାରି ରହିବା ଦ୍ୱାରା କେବଳ କମ୍ପାନୀର ପରିଚାଳନାରେ ନୁହେଁ ବରଂ ପୂରା ଟେଲିକମ୍ କ୍ଷେତ୍ର ଉପରେ ପ୍ରଭାବ ପଡ଼ିବ। ଆବେଦନରେ କୁହାଯାଇଛି ଯେ ସୁଧ ଓ ଜରିମାନା କାରଣରୁ ମୂଳ ପୈଠ ରାଶି ୯୨୩୫ କୋଟି ଟଙ୍କାରୁ ବଢି ୪୩,୯୮୦ କୋଟି ଟଙ୍କା ହୋଇଛି ।

# ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ କରିବା ପାଇଁ ବେଦାନ୍ତ ଅଧ୍ୟକ୍ଷଙ୍କ ଆହ୍ୱାନ

ଭୁବନେଶ୍ୱର,୧୯।୫(ସମିସ): ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଚଳିତ ବିଶ୍ୱ ବାଣିଜ୍ୟ ଯୁଦ୍ଧରେ ଆଲୁମିନିୟମ ଏବଂ ଇସ୍ପାତର ରଣନୈତିକ ଭୂମିକା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି, ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ ଭାବରେ ପ୍ରତିଷ୍ଠା କରିବାର ସୁଯୋଗକୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ଲିଙ୍କଡିନ୍ ପୋଷ୍ଟରେ ଶ୍ରୀ ଅଗ୍ରୱାଲ ବିଶେଷକରି ଆମେରିକା ଏବଂ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କ ମଧ୍ୟରେ କିପରି ବାଣିଜ୍ୟ ଅଚଳାବସ୍ଥାରେ ଆଲୁମିନିୟମ ଏବଂ ଇସ୍ପାତ ପ୍ରମୁଖ ସାମଗ୍ରୀ ଭାବରେ ଉଭା ହୋଇଛ ତାହା ସେ ପୋଷ୍ଟ କରିଛନ୍ତି। ଆମେରିକା କାନାଡା ଏବଂ ମେକ୍ସିକୋ ଭଳି ଘନିଷ୍ଠ ସହଯୋଗୀ ସମେତ ସମସ୍ତ ଦେଶରୁ ଇସ୍ପାତ ଏବଂ ଆଲୁମିନିୟମ ଆମଦାନୀ ଉପରେ ୨୫% ଅଧିକ ଶୁଳ୍କ ଲାଗୁ କରିବା ସହିତ, ବିଶ୍ୱ ଧାତୁ ବଜାର ବ୍ୟାପକ ବାଧାପ୍ରାପ୍ତ ହେଉଛି। ପ୍ରତିକ୍ରିୟାରେ, ଭାରତ ଏହାର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଇସ୍ପାତ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ ଲାଗୁ କରିଛି। ଶ୍ରୀ ଅଗ୍ରୱାଲ ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି, ମୁଁ ସରକାରଙ୍କର ସକ୍ରିୟ ଭାବରେ ଇସ୍ପାତ ଉପରେ ଏକ ସୁରକ୍ଷା ଶୁଳ୍କ ଲାଗୁ କରିବା ପାଇଁ ପ୍ରଶଂସା କରୁଛି। ମୁଁ ନିଶ୍ଚିତ ଯେ ସରକାର ଆଲୁମିନିୟମ ପାଇଁ ସମାନ ପଦକ୍ଷେପ ବିଚାର କରିବେ। ସେ ଜୋର ଦେଇ କହିଛନ୍ତି ଯେ ଆଲୁମିନିୟମ, ଏହାର ହାଲୁକା ଏବଂ ପୁନଃଚକ୍ରଣୀୟ ପ୍ରକୃତି ଯୋଗୁଁ, ରଣନୈତିକ ମୂଲ୍ୟରେ ଇସ୍ପାତକୁ ପଛରେ ପକାଇବାକୁ ପ୍ରସ୍ତୁତ। ବିମାନବନ୍ଦର ହେଉକି ରେଳବାଇ, ଘର, ଯାନବାହାନ କିମ୍ବା ମୋବାଇଲ୍ ଫୋନ୍ ହେଉ ଆଧୁନିକ ଅର୍ଥନୀତି ଏହି ଦୁଇଟି ଧାତୁ ଉପରେ ନିର୍ମିତ। କିନ୍ତୁ ଆଲୁମିନିୟମର ଚାହିଦା ଅଛି, ଏବଂ ଭାରତର ବିପୁଳ ବକ୍ସାଇଟ୍ ଭଣ୍ଡାର ସହିତ, ଆମେ ବିଶ୍ୱ ସ୍ତରରେ ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ଅଛୁ, ବୋଲି ସେ କହିଛନ୍ତି।



### ଆଇପିଏଲ୍-୧୮ : ମାର୍ଶ ଓ ମାର୍କରାମଙ୍କ ଅର୍ଦ୍ଧଶତକ ବେକାର

# ହାଇଦରାବାଦ୍‌ଠାରୁ ହାରି ଲକ୍ଷ୍ନୌ ବିଦା



ଲକ୍ଷ୍ନୌ,୧୯।୫ (ଏଜେନ୍ସି)

ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୬୧ତମ ଲିଗ୍ ମ୍ୟାଚ୍‌ରେ ଦଳଗତ ଖେଳ ପ୍ରଦର୍ଶନ କରି ସନ୍‌ରାଇଜର୍ସ ହାଇଦରାବାଦ୍ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ମିଚେଲ ମାର୍ଶ (୬୫) ଓ ଆଇଡେନ୍ ମାର୍କରାମ (୬୧)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍ଏସ୍‌ଜି) ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୫ ରନ୍ କରିଥିଲା। ଜବାବରେ ହାଇଦରାବାଦ୍ ୧୮.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୨୦୬ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଓପନର ଅଭିଷେକ ଶର୍ମା ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ୨୦ ବଲ୍‌ରୁ ୪ ଚୌକା ଓ ୬ ଛକା ସହାୟତାରେ ସର୍ବାଧିକ ୫୯ ରନ୍ କରିଥିଲେ। ରବି ବିଷ୍ଣୋଇଙ୍କ ଗୋଟିଏ ଓଭରରୁ ସେ ୪ଟି ଛକା ସହ ୨୬ ରନ୍ ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସାନ କିଶାନ ୩୫ ରନ୍ କରି ଆଉଟ ହେବା ପରେ ହାଇଦରାବାଦ୍ ୧୪୦ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ଏହା ପରେ ହେନ୍‌ରିକ୍ କ୍ଲାସେନ ଓ କାମିନ୍ଦୁ ମେଣ୍ଡିସ୍ ଚତୁର୍ଥ ୱିକେଟରୁ ୩୬ ବଲ୍‌ରେ ୫୫ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୧୧ ରନ୍ ଥିଲାବେଳେ କ୍ଲାସେନ ୨୮ ବଲ୍‌ରୁ ୪୭ ରନ୍ କରି ଆଉଟ ହୋଇଥିଲେ। ତାଙ୍କ ଆଉଟ ହେବାର ୨ ରନ୍ ପରେ ୨୧ ବଲ୍‌ରୁ ୩୨ ରନ୍ କରିଥିବା ମେଣ୍ଡିସ୍ ରିଟାୟର୍ଡ ହୋଇଥିଲେ। ଏମାନଙ୍କ ପରେ ହାଇଦରାବାଦ୍ ଆଉ କୌଣସି ୱିକେଟ ନ ହରାଇ ୬ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ବିବାଦରେ ରହିବାକୁ ପସନ୍ଦ କରୁଥିବା ଦିବେଶ ସିଂ ରାଠି ସର୍ବାଧିକ ୨ଟି ୱିକେଟ ପାଇଥିଲେ।

ହାଇଦରାବାଦ୍‌ର ବିଜୟ ଫଳରେ ଏଲ୍ଏସ୍‌ଜି ୫ମ ଦଳ ଭାବେ ଆଇପିଏଲ୍ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଛି। ଆଜିର ବିଜେତା ହାଇଦରାବାଦ୍, ଚେନ୍ନାଇ, ରାଜସ୍ଥାନ ଓ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିଲେ। ୧୨ତମ ମ୍ୟାଚ୍ ପରେ ଏଲ୍ଏସ୍‌ଜି ୧୦ ଓ ହାଇଦରାବାଦ ୯ ପଏଣ୍ଟ ସଂଗ୍ରହ କରି ଯଥାକ୍ରମେ ୭ମ ଓ ୮ମ ସ୍ଥାନରେ ରହିଛନ୍ତି।

ପୂର୍ବରୁ ଟସ୍ ହାରିବା ପରେ ଏଲ୍ଏସ୍‌ଜି ପ୍ରଥମେ ବ୍ୟାଟିଂ କରି ଭଲ ଆରମ୍ଭ କରିଥିଲା। ଦଳର ଦୁଇ ବିଦେଶୀ ଓପନର ମାର୍ଶ ଓ ମାର୍କରାମ ପ୍ରଥମ ୱିକେଟରେ ୧୦.୩ ଓଭରରୁ ୧୧୫ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ଏମାନେ ଏକାଧିକଥର ଜୀବନଦାନ ପାଇଥିଲେ। ପ୍ରଥମେ ଆଉଟ ହୋଇଥିବା ମାର୍ଶ ୩୯ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୬୫ ଓ ମାର୍କରାମ ୩୮ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୬୧ ରନ୍ କରିଥିଲେ। ସେହିପରି ଦଳର ଅନ୍ୟତମ ବିଦେଶୀ ଖେଳାଳି ନିକୋଲସ ପୂରନ ୨୬ ବଲ୍‌ରୁ ୪୫ ରନ୍ କରିବା ଏବଂ ଶେଷ ୨ ଓଭରରେ ୩୫ ରନ୍ ସଂଗୃହୀତ ହେବା ଫଳରେ ଏଲଏସ୍‌ଜି ଦୁଇଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଅନ୍ୟ ମୁକାବିଲା ଭଳି ଦଳର ୩ ବିଦେଶୀ ଖେଳାଳି ପୁଣିଥରେ ବ୍ୟାଟିଂ ସଫଳତା ପାଇଥିଲେ। ହାଇଦରାବାଦ୍ ପକ୍ଷରୁ ଏଲ୍ଏସ୍‌ଜି ଇନିଂସରେ ଅତିକମ୍‌ରେ ଅଧାଡଜନ କ୍ୟାଚ୍ ହାତଛଡ଼ା କରାଯାଇଥିଲା। ଏହା ମଧ୍ୟରୁ କେବଳ ଇଶାନ କିସାନ ୩ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଙ୍ଗ୍ ମିସ୍ କରିଥିଲେ। ଇଶାନ ମାଲିଙ୍ଗାଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |

**ଆଇପିଏଲ୍‌ରେ ଆଜି**

**ଚେନ୍ନାଇ** ବନାମ **ରାଜସ୍ଥାନ**

ଦିଲ୍ଲୀ / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ନେତୃତ୍ୱରେ ଆୟରଙ୍କ ବିରଳ କୀର୍ତ୍ତିମାନ



ଜୟପୁର, ୧୯।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ପଞ୍ଜାବ କିଙ୍ଗ୍‌ସ ୧୦ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏଥିସହ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ ପ୍ଲେ-ଅଫ୍‌ରେ ପହଞ୍ଚିଛି। ଫଳରେ ଆୟର ପୁଣିଥରେ ତାଙ୍କ ନେତୃତ୍ୱର ପରାକାଷ୍ଠା ଦେଖାଇ ଆଉ ଏକ ଦଳକୁ ପ୍ଲେ-ଅଫ୍‌ରେ ପ୍ରବେଶ କରାଇବାରେ ସହାୟତା କରିଛନ୍ତି। ଏଥିସହ ଆଇପିଏଲ୍ ଇତିହାସରେ ପ୍ରଥମ ଅଧିନାୟକ ଭାବେ ସେ ୩ଟି ଭିନ୍ନ ଭିନ୍ନ ଦଳକୁ ପ୍ଲେ-ଅଫ୍‌ରେ ପହଞ୍ଚାଇବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିପୂର୍ବରୁ ଗତବର୍ଷ ଆୟରଙ୍କ ନେତୃତ୍ୱରେ କୋଲକାତା ନାଇଟ୍ ରାଇଡର୍ସ ଚାମ୍ପିଅନ ହୋଇଥିଲା। ସେହିଭଳି ତାଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ପ୍ଲେ-ଅଫ୍ ଖେଳିଥିଲା।

## ଆର୍‌ସିବି ଦଳରେ ୬ ଫୁଟ୍ ୮ ଇଞ୍ଚର ମୁଜାରାବାନୀ ସାମିଲ




ବେଙ୍ଗାଲୁରୁ, ୧୯।୫ (ଏଜେନ୍ସି): ଆଇପିଏଲ୍‌ର ବଳକା ମ୍ୟାଚ୍ ଲାଗି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଜିମ୍ବାୱେର ଡେଙ୍ଗା ଦ୍ରୁତ ବୋଲର ବ୍ଲେସିଙ୍ଗ ମୁଜାରାବାନୀଙ୍କ ସହ ଚୁକ୍ତି କରିଛି। ୬ ଫୁଟ୍ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ମୁଜାରାବାନୀ ଦକ୍ଷିଣ ଆଫ୍ରିକାର ଲୁନ୍‌ଗି ଏନ୍‌ଗିଡିଙ୍କ ସ୍ଥାନରେ ବେଙ୍ଗାଲୁରୁ ଦଳରେ ସାମିଲ ହୋଇଛନ୍ତି। ଲର୍ଡ୍ସରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ଲାଗି ଏନ୍‌ଗିଡି ପୂର୍ବ ପ୍ରସ୍ତୁତି କରିବା ଲାଗି ଆର୍‌ସିବିର ଶେଷ ଲିଗ୍ ମ୍ୟାଚ୍ ସମେତ ପ୍ଲେ-ଅଫ୍ ଖେଳିବେ ନାହିଁ ବୋଲି ଜଣାପଡ଼ିଛି। ତେବେ ମେ ୨୩ରେ ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ମ୍ୟାଚରେ ସେ ଉପଲବ୍ଧ ହେବେ। ବର୍ତ୍ତମାନ ସୁଦ୍ଧା ଆଇପିଏଲ୍ ଖେଳି ନ ଥିବା ମୁଜାରାବାନୀଙ୍କ ସହ ୭୫ ଲକ୍ଷ ଟଙ୍କାରେ ବେଙ୍ଗାଲୁରୁ ଚୁକ୍ତି କରିଛି। ଏନ୍‌ଗିଡି ଏଥିପୂର୍ବରୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ କ୍ୟାମ୍ପରେ ଜଣେ ନେଟ୍ ବୋଲର ଭାବେ ସାମିଲ ଥିଲେ।

## ସୱାଇ ମାନସିଂରୁ ହଟିଲା ପାକିସ୍ତାନ କ୍ରିକେଟର୍‌ଙ୍କ ଫଟୋ

ଜୟପୁର, ୧୯।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାର ପ୍ରଭାବ କ୍ରୀଡ଼ା ଉପରେ ମଧ୍ୟ ପ୍ରତ୍ୟେକ୍ଷ ଭାବେ ପଡ଼ିଛି। ସ୍ଥାନୀୟ ସୱାଇ ମାନ ସିଂ ଷ୍ଟାଡିୟମରେ ଥିବା 'ୱାଲ୍ ଅଫ୍ ଗ୍ଲୋରୀ'ରୁ ପାକିସ୍ତାନ କ୍ରିକେଟର୍‌ଙ୍କ ଫଟୋକୁ ସୋମବାର ହଟାଇ ଦିଆଯାଇଛି। ଏହି ଷ୍ଟାଡିୟମ ୧୯୬୯ରେ ପ୍ରତିଷ୍ଠା ହୋଇଥିଲା ଏବଂ ଏହାର ଗୌରବମୟ ଇତିହାସକୁ ଦୃଷ୍ଟିରେ ରଖି 'ୱାଲ୍ ଅଫ୍ ଗ୍ଲୋରୀ'ରେ ଫଟୋ ରହିବା କୌଣସି କ୍ରିକେଟର୍‌ଙ୍କ ଲାଗି ବହୁତ ସମ୍ମାନର ବିଷୟ ହୋଇଥାଏ। ଏହି ଷ୍ଟାଡିୟମରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ପ୍ରତ୍ୟେକ କ୍ରିକେଟର୍‌ଙ୍କ ଫଟୋ ଏହି ୱାଲ୍ ଅଫ୍ ଗ୍ଲୋରୀରେ ସ୍ଥାନ ପାଇଥାଏ। ପାକିସ୍ତାନ ଏହି ଷ୍ଟାଡିୟମରେ ଗୋଟିଏ ଟେଷ୍ଟ ଓ ୪ଟି ଏକଦିବସୀୟ ମ୍ୟାଚ୍ ଖେଳିଛି। ଯେଉଁଥିରେ ମୋଟ୍ ଉପରେ ୨୫ଜଣ ପାକିସ୍ତାନ କ୍ରିକେଟର୍ ଏଠାରେ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଷଲ ଏବଂ ସମସ୍ତଙ୍କ ଫଟୋ ଏଠାରେ ସ୍ଥାନ ପାଇଥିଲା। ଏବେ କିନ୍ତୁ ଦୁଇଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ଥିବାବେଳେ ରାଜସ୍ଥାନ କ୍ରିକେଟ୍ ବୋର୍ଡ ଶେଷରେ ପାକିସ୍ତାନ ଖେଳାଳିଙ୍କ ଫଟୋ 'ୱାଲ୍ ଅଫ୍ ଗ୍ଲୋରୀ'ରୁ ହଟାଇଦେଇଛି। ଯେଉଁଥିରେ ପାକିସ୍ତାନର ହିନ୍ଦୁ କ୍ରିକେଟର୍ ଦାନିଶ କାନେରିଆ ମଧ୍ୟ ବାଦ୍ ପଡ଼ିନାହାନ୍ତି।

## ଫ୍ରେଞ୍ଚ ଓପନ ପୂର୍ବରୁ ସିନର୍, ଆଲ୍‌କାରାଜ ନଂ-୧ ଓ ୨



ପ୍ୟାରିସ୍,୧୯।୫ (ଏଜେନ୍ସି): ଚଳିତମାସ ୨୫ରୁ ଜୁନ୍ ମାସ ୮ ତାରିଖଯାଏ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ବିଶ୍ୱର ଦୁଇ ଉଦୀୟମାନ ଖେଳାଳି ଇଟାଲୀର ଜାନିକ୍ ସିନ୍ନର ଓ ସ୍ପେନ୍‌ର କାର୍ଲୋସ ଆଲକାରାଜ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଗତକାଲି ଶେଷ ହୋଇଥିବା ଇଟାଲିଆନ୍ ଓପନରେ ସିନ୍ନରଙ୍କୁ ହରାଇ ଆଲାକାରାଜ ୭ମ ମାଷ୍ଟର୍ସ-୧୦୦୦ ଟାଇଟଲ ବିଜୟୀ ହୋଇଥିଲେ। ୩ ମାସର ଡୋପିଙ୍ଗ୍ ବ୍ୟାନ୍ ପରେ ସିନ୍ନରଙ୍କ ଏହା ଥିଲା ପ୍ରଥମ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ କିଂବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍ ୬ଷ୍ଠ ସ୍ଥାନରେ ରହିଛନ୍ତି। ତାଙ୍କ ଉପରକୁ ଜର୍ମାନୀୟ ଆଲେକ୍‌ଜାଣ୍ଡର ଜ୍ୱେରେଭ ତୃତୀୟ, ଆମେରିକାର ଟେଲର ଫ୍ରିଜ୍ ଚତୁର୍ଥ ଓ ଗ୍ରେଟ ବ୍ରିଟେନର ଜ୍ୟାକ୍ ଡ୍ରାପର ପଞ୍ଚମ ସ୍ଥାନରେ ରହିଛନ୍ତି।

### ସାବାଲେଙ୍କା ନଂ-୧

ମହିଳା ବିଭାଗ ବା ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ଆରିନା ସାବାଲେଙ୍କା ପୂର୍ବପରି ନଂ-୧ ପୋଜିସନ ବଜାୟ ରଖିଛନ୍ତି। ଆମେରିକାର କୋକୋ ଗଫ୍ ନଂ-୨ରେ ରହିଛନ୍ତି। ମେ ୨୫ରୁ ଜୁନ୍ ୮ ତାରିଖଯାଏ ଖେଳାଯିବାକୁ ଥିବା ଫ୍ରେଞ୍ଚ ଓପନ ପୂର୍ବରୁ ଏହି ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏଠାରେ କ୍ରମାଗତ ଚତୁର୍ଥ ତଥା ମୋଟରେ ୫ମ ଟାଇଟଲ ଜିତିବାକୁ ଆଶାୟୀ ଥିବା ପୋଲାଣ୍ଡର ଇଗା ସ୍ୱିଆଟେକ୍ ୫ମ ସ୍ଥାନକୁ ଖସି ଆସିଛନ୍ତି। ଆମେରିକାର ଜେସିକା ପେଗୁଲା ତୃତୀୟ, ଇଟାଲୀର ଯଶମିନ୍ ପାଓଲିନି ଚତୁର୍ଥରେ ରହିଛନ୍ତି।

## ଏଚ୍‌ଆଇଏଲ୍ ଲାଗି ପଞ୍ଜୀକରଣ ଆରମ୍ଭ



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଫ୍ରାଞ୍ଚାଇଜଭିତ୍ତିକ ହକି ପ୍ରତିଯୋଗିତା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ୨୦୨୬ ଅର୍ଥାତ୍ ୭ମ ସଂସ୍କରଣ ଲାଗି ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛନ୍ତି। ଅଗଷ୍ଟ ୨୦ ତାରିଖ ୨୦୨୫ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ପ୍ରକ୍ରିୟା ଚାଲିବ ବୋଲି ଆୟୋଜକ ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ପୁରୁଷ ବିଭାଗରେ ଭାରତ ସମେତ ନେଦରଲାଣ୍ଡସ, ବେଲ୍‌ଜିୟମ, ୟୁକେ, ଜର୍ମାନୀ, ସ୍ପେନ, ଆର୍ଜେଣ୍ଟିନା, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଦକ୍ଷିଣ କୋରିଆର ଖେଳାଳି ନାମ ପଞ୍ଜୀକରଣ କରିବାକୁ ଯୋଗ୍ୟ ହୋଇଛନ୍ତି। ମହିଳାରେ ଆୟୋଜକ ଭାରତ, ନେଦରଲାଣ୍ଡସ, ଆର୍ଜେଣ୍ଟିନା, ବେଲ୍‌ଜିୟମ, ଚାଇନା, ଅଷ୍ଟ୍ରେଲିଆ, ସ୍ପେନ, ୟୁକେ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ଚିଲି, ଜାପାନ, ଆମେରିକା ଓ ସ୍କଟଲାଣ୍ଡର ଖେଳାଳି ପଞ୍ଜୀକରଣ କରିପାରିବେ। ଗତ ସିଜନରେ ସାରା ବିଶ୍ୱର ଏକ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଆଗାମୀ ସିଜନରେ ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବିଭାଗରେ ୮ଟି ଓ ମହିଳାରେ ୪ଟି ଦଳ ଅଂଶଗ୍ରହଣ କରିବେ। ମହିଳା ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ୱାରିୟର୍ସ ଟାଇଟଲ୍ ହାସଲ କରିବାରେ ସଫଳ ହୋଇଥିଲା। ସେହିଭଳି ପୁରୁଷରେ ରାର୍ହ ବେଙ୍ଗଲ ଟାଇଗର୍ସ ବାଜିମାତ୍ କରିନେଇଥିଲା।

## ଏସିଆ କପ୍‌ରୁ ଓହରିନାହିଁ ଭାରତ: ବିସିସିଆଇ

ନୂଆଦିଲ୍ଲୀ,୧୯।୫ (ଏଜେନ୍ସି): ଏସିଆ କପ୍ ହେଉ କିମ୍ବା ଏସୀୟ କ୍ରିକେଟ ପରିଷଦ ଦ୍ୱାରା ଆୟୋଜିତ କୌଣସି ଇଭେଣ୍ଟରୁ ଭାରତ ଓହରି ନାହିଁ କିମ୍ବା ଅଂଶଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇନାହିଁ। ଶ୍ରୀଲଙ୍କାରେ ଆସନ୍ତାମାସ ହେବାକୁ ଥିବା ମହିଳା ଏସିଆ କପ୍ ଇମର୍ଜିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟରୁ ଭାରତ ଓହରିଯାଇଛି ଓ ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଏସିଆ କପ୍‌ରେ ଖେଳିବ ନାହିଁ ନିଷ୍ପତ୍ତି ନେଇଛି ବୋଲି ଆଜି କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟରେ ଆଦୌ ସତ୍ୟତା ନାହିଁ କିମ୍ବା ବିସିସିଆଇ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଆଦୌ ଆଲୋଚନା କରିନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟୀକରଣ ଦେଇ କହିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ବିଭ୍ରାନ୍ତିକର ଓ ମିଥ୍ୟା ବୋଲି ସାଇକିଆ କହିଛନ୍ତି। ବିସିସିଆଇ ଏବେ ଆଇପିଏଲ୍ କିପରି ବିନା ବାଧାରେ ଶେଷହେବ ଏବଂ ଭାରତର ଉଭୟ ପୁରୁଷ ଓ ମହିଳା ଦଳର ଇଂଲଣ୍ଡ ଗସ୍ତ ନେଇ ଚିନ୍ତାରେ ରହିଛି। ଏଣୁ ଏସିଆ କପ୍ ସମ୍ପର୍କରେ ଆମେ ନିଷ୍ପତ୍ତି ନେବା ତ ଦୂରର କଥା, ଆଦୌ ଆଲୋଚନା କରିନାହୁଁ।

ଏହି ରିପୋର୍ଟରେ କୁହାଯାଇଛି ପାକିସ୍ତାନ ଏବେ ଏସୀୟ କ୍ରିକେଟ ପରିଷଦ (ଏସିସି)ର ନେତୃତ୍ୱ ନେଉଛି। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ମୋହସିନ ନକ୍‌ଭୀ ପାକିସ୍ତାନ କ୍ରିକେଟ ବୋଡ (ପିସିବି)ର ସଭାପତି ରହିବା ସହ ଏସିସିର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ପାକିସ୍ତାନର ଜଣେ ରାଜନେତା ଓ ମନ୍ତ୍ରୀ ଏସିସିର ଅଧ୍ୟକ୍ଷ ଥିବାରୁ ଭାରତ ଏସିସି ଦ୍ୱାରା ଆୟୋଜିତ ହେବାକୁ ଥିବା କୌଣସି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗନେବ ନାହିଁ। ଏହା ଫଳରେ ସନ୍ତ୍ରାସବାଦକୁ ସମର୍ଥନ କରୁଥିବା ପାକିସ୍ତାନ କ୍ରିକେଟରେ ଏକଘରିକିଆ ହୋଇ ରହିବ। ଏଣୁ ପାକିସ୍ତାନ ଦ୍ୱାରା ଆୟୋଜନ କରାଯାଉଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଭାରତ ବୟକଟ୍ କରିଛି ବୋଲି ଏହି ରିପୋର୍ଟରେ କୁହାଯାଇଥିଲା। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ବିସିସିଆଇର ନିଷ୍ପତ୍ତି ଯାହା ହେଉନା କାହିଁକି, ପହଲଗାମ୍‌ରେ ପର୍ଯ୍ୟଟକଙ୍କ ହତ୍ୟାକରାଯିବା ପରେ ଭାରତ ଏବେ ପାକିସ୍ତାନ ସହ କୌଣସି ପ୍ରକାଶ କ୍ରିକେଟ ଖେଳିବ ନାହିଁ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ଚଳିତ ଇମର୍ଜିଂ ମହିଳା ଏସିଆ କପ୍ ଓ ପୁରୁଷ ଏସିଆ କପ୍‌ର ଆୟୋଜନ ଅଧିକାର ଭାରତ ନିକଟରେ ରହିଛି। ୨୦୨୩ରେ ପୁରୁଷ ଏସିଆ କପ୍ ପାକିସ୍ତାନରେ ଆୟୋଜିତ ହେବାର ଥିଲା। କିନ୍ତୁ ଏହି ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହେବାରୁ ପାକିସ୍ତାନରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଶ୍ରୀଲଙ୍କାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏଥିରେ ଶ୍ରୀଲଙ୍କାକୁ ହରାଇ ଭାରତ ଟାଇଟଲ ଜିତିଥିଲା।

## ଝାଡ଼ଖଣ୍ଡ କ୍ରିକେଟ୍ ସଂଘ ନିର୍ବାଚନରେ ସୌରଭ, ନଦୀମଙ୍କ ବାଜିମାତ୍

ରାଞ୍ଚି, ୧୯।୫ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ଦୁଇ ପୂର୍ବତନ ଖେଳାଳି ସୌରଭ ତିୱାରୀ ଓ ଶାହବାଜ ନଦୀମ ଅବସର ପରେ କ୍ରୀଡ଼ା ରାଜନୀତିରେ ପାଦ ଥାପିଛନ୍ତି। ସଦ୍ୟ ଅନୁଷ୍ଠିତ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ନିର୍ବାଚନରେ ସୌରଭ ସମ୍ପାଦକ ଓ ନଦୀମ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ମହେନ୍ଦ୍ର ସିଂ ଧୋନି ଭାରତୀୟ ଦଳର ନେତୃତ୍ୱ ନେଉଥିବାବେଳେ ତିୱାରୀ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ ମଧ୍ୟ ମୋଟ୍ ୪୯ ରନ କରି ନିରାଶ କରିଥିଲେ। ସେହିଭଳି ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଯେତେବେଳେ ୨୦୦୮ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା ସେହି ଦଳରେ ସୌରଭ ପ୍ରମୁଖ ସଦସ୍ୟ ରହିଥିଲେ। ଅପରପକ୍ଷରେ ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ନଦୀମ ଭାରତ ପକ୍ଷରୁ ମାତ୍ର ୨ଟି ଟେଷ୍ଟ ଖେଳି ୮ଟି ୱିକେଟ୍ ନେଇଥିଲେ। ଉଭୟ ଗତ ବର୍ଷ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।

**ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା**

## ରିୟାନ୍ସ, ଅନ୍ୱେଷା ଚାମ୍ପିଅନ




ଭୁବନେଶ୍ୱର,୧୯।୫ (ସମିସ): ସୁନ୍ଦରଗଡ଼ର ରିୟାନ୍ସ ଅଗରୱାଲ ଓପନ ବିଭାଗରେ ଓ ଖୋର୍ଦ୍ଧାର ଅନନ୍ୟା ଅନ୍ୱେଷା ମିଶ୍ର ବାଳିକା ବିଭାଗରେ ୭ ବର୍ଷରୁ କମ୍ ରାଜ୍ୟ ଶିଶୁ ଚେସ୍ ଚାମ୍ପିଅନ୍ ହୋଇଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ସମ୍ମିଳନୀ କକ୍ଷରେ ରବିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତା ଅଲ୍ ଓଡ଼ିଶା ଚେସ ସଂଘ ଓ ମାଷ୍ଟର ଚେସ୍ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ଉଭୟ ବିଭାଗରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଜୁନ୍ ୧ରୁ ୫ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ।

ବାଳିକା ବିଭାଗରେ ଅନନ୍ୟା ୮ ରାଉଣ୍ଡ ଖେଳରୁ ୮ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଥିଲେ। ଖୋର୍ଦ୍ଧାର ଅନ୍ୟତମ ଖେଳାଳି ପ୍ରତ୍ୟାକ୍ଷା ସମ୍ଭାବୀ ପଣ୍ଡା ୭ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି। କଟକର ଅର୍ଣ୍ଣବୀ ପଣ୍ଡା ୫.୫ ପଏଣ୍ଟ ସହ ତୃତୀୟ, ଖୋର୍ଦ୍ଧାର ୩ ଖେଳାଳି ଦେବାଂଶୀ ସାହୁ, ଆରାଧ୍ୟା ମହାରଣା ଓ ଆଦିଶା କାନୁନଗୋ ଯଥାକ୍ରମେ ୪ରୁ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ କଟକର ଗରୀମା ସାହୁ ୭ମ, ଖୋର୍ଦ୍ଧାର ଦୁଇ ଖେଳାଳି ସମିରା ସ୍ୱାଇଁ ଓ ଆଧିଶ୍ରୀ ବୁଡେକ ୮ମ ଓ ୯ମ, ଗଞ୍ଜାମର ଅନାଇଶା ସିଂ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ବାଳକ ବିଭାଗରେ ରିୟାଂଶ ଓ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ୮ ରାଉଣ୍ଡ ଖେଳ ଶେଷରେ ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ରିୟାଂଶ ପ୍ରଥମ ଓ ପ୍ରଜ୍ଞାନ ଦ୍ୱିତୀୟରେ ରହିଥିଲେ। ଖୋର୍ଦ୍ଧାର ଦୁଇ ଖେଳାଳି କାବ୍ୟାଂଶ ଚକ୍ରବର୍ତ୍ତୀ, କଟକର ଶିବାଂସଜିତ ସାସ୍ମଲ, ଗୌରବ ଗୌରୀନନ୍ଦନ ଦାଶ, କଟକର କ୍ରିସିତ୍ ପଣ୍ଡା, ଖୋର୍ଦ୍ଧାର ଜିଜ୍ଞାଂଶ କୁମାର ସାହୁ, ମୟୂରଭଞ୍ଜର ବୀରଭଦ୍ର ବ୍ରହ୍ମ, ଖୋର୍ଦ୍ଧାର ଆଦିତ୍ୟ ସାହୁ ଓ କଟକର ଶ୍ରୀଅଂଶ ସାହୁ ଯଥାକ୍ରମେ ତୃତୀୟରୁ ଦଶମସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ମାଷ୍ଟର୍ସ ଚେସ୍ ଫାଉଣ୍ଡେସନର ଅଧ୍ୟକ୍ଷ ବିକ୍ରମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଙ୍କ ଦେବଦତ୍ତ ଭଟ୍ଟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

## ମୃତ୍ୟୁଞ୍ଜୟଙ୍କ ଶତକ; ଖୋର୍ଦ୍ଧା ବିଜୟୀ


ମୃତ୍ୟୁଞ୍ଜୟ ମହାପାତ୍ର


ଜଗଦୀଶ ମହାପାତ୍ର


ଧ୍ରୁବଜ୍ୟୋତି ପହରିଆ


ସ୍ୱଙ୍ଗ ପଣ୍ଡା

କଟକ,୧୯।୫(ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଟକରେ ଜାରି ରହିଛି। ସୋମବାର ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଖୋର୍ଦ୍ଧା ୧୬୧ ରନରେ ନୟାଗଡ଼କୁ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଖୋର୍ଦ୍ଧା ସମସ୍ତ ୱିକେଟ ବିନିମୟରେ ୨୩୭ ରନ କରିଥିଲା। ମୃତ୍ୟୁଞ୍ଜୟ ମହାପାତ୍ର ୯୭ ବଲରୁ ୧୦୧ ରନର ଅପରାଜିତ ଇନିଂସ ଖେଳିଥିଲେ। ନୟାଗଡ଼ର ରିକି ମହାନ୍ତି ୪ଟି ୱିକେଟ ଅକ୍ତିଆର କରିଥିଲେ। ତେବେ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିବା ନୟାଗଡ଼ ମାତ୍ର ୭୬ ରନରେ ଅଲଆଉଟ ହୋଇଥିଲା। ବିଜୟୀ ଖୋର୍ଦ୍ଧା ତରଫରୁ ଅଭିଜିତ ମହାନ୍ତି ଓ ପିୟୂଷ ବଳିଆରସିଂହ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଦଖଲ କରିଥିଲେ। ଶତକୀୟ ପାଳି ଖେଳିଥିବା ମୃତ୍ୟୁଞ୍ଜୟଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ରେଭେନ୍ସା ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭ ୱିକେଟରେ ନବରଙ୍ଗପୁରକୁ ହରାଇଛି। ଜଗଦୀଶ ମହାପାତ୍ରଙ୍କ ୫ ୱିକେଟ ସଫଳତା ଯୋଗୁଁ ନବରଙ୍ଗପୁରର ଇନିଂସ୍ ୧୨୫ ରନରେ ସୀମିତ ରହିଥିଲା। ଜବାବରେ ହିମାଂଶୁ କୁମାର (୫୩ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭୁବନେଶ୍ୱର-ବି ୨୫ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଜଗଦୀଶଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କିଟ୍ ୮ ୱିକେଟରେ ବୌଦ୍ଧକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ବୌଦ୍ଧ ମାତ୍ର ୮୦ ରନରେ ଅଲଆଉଟ ହୋଇଥିଲା। ତନୁଷ ଦେ ସର୍ବାଧିକ ୧୮ ରନ କରିଥିବାବେଳେ କିଟ୍‌ର ସ୍ୱଙ୍ଗ ପଣ୍ଡା ୧୩ ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୭ ଓଭରରେ ୨ ୱିକେଟ ହରାଇ କିଟ୍ ବିଜୟୀ ହୋଇଥିଲା। ୪ ୱିକେଟ ସଫଳତା ପାଇଥିବା ସ୍ୱଙ୍ଗ ୨୭ ରନର ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ।

ଅନ୍ୟ ଦୁଇ ମ୍ୟାଚ୍‌ରେ ଝାରସୁଗୁଡା ୪୩ ରନରେ ଯାଜପୁରକୁ, ସୋନପୁର ୮ ରନ୍‌ରେ ଭଦ୍ରକକୁ ହରାଇଥିଲା। ରାୟଗଡ଼ା ଏବଂ ସମ୍ବଲପୁର-ବି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ସୋନପୁରର ଧ୍ରୁବଜ୍ୟୋତି ପହରିଆ (୪ ୱିକେଟ୍) ଓ ଝାରସୁଗୁଡ଼ାର ନୀରବ ଅଗରୱାଲ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS